# ପ୍ରଶ୍ନ ଏବଂ ଉତ୍ତର ଏବ୍ରୀ ଭାଗ ।।

ମୁଁ ପ୍ରଥମେ ଆପଣ ପ୍ରତ୍ୟେକଙ୍କୁ ଧନ୍ୟବାଦ ଦେବାକୁ ଚାହେଁ ଯେଉଁମାନେକି "ପତ୍ନୀ ପାଇଁ ପ୍ରାର୍ଥନା କରିବେ" ବୋଲି ବାର୍ତ୍ତା ପାଇଥିଲେ । ସେ ବହୁତ, ବହୁତ ଅସୁସ୍ଥ ଥିଲେ । ଆମେ ଜାଣି ନ ଥିଲୁ ଯେ ଏହା କଅଣ ଥିଲା, ଏବଂ ଜାଣି ନାହୁଁ ଯେ କଅଣ ହୋଇଥିଲା, ଏହା କେବଳ ଘୋର ବାନ୍ତି ହୋଇଥିଲା ଏବଂ ସେ ପ୍ରାୟଃ ଚେତାଶୂନ୍ୟ ହୋଇ ଯାଇଥିଲେ, ଏବଂ ଜ୍ୱର ପ୍ରାୟଃ ଶହେ ପାଞ୍ଚ ଥିଲା, ତାଙ୍କୁ ବରଫ କମ୍ବଳରେ ଗୁଡ଼ାଇ ରଖିବାକୁ ପଡିଥିଲା । ତେଣୁ... ମାତ୍ର ବର୍ତ୍ତମାନ ସେ ଭଲ ଅଛନ୍ତି । ଜ୍ୱର ଚାଲିଯାଇଛି, ଏବଂ ସେ ଭଲ ଅଛନ୍ତି । ତେଣୁ ସେ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛନ୍ତି, ପ୍ରାୟଃ ଦଶ ପାଉଣ୍ଡ ଓଜନ ହରାଇଛନ୍ତି, ମୁଁ ଭାବୁଛି । ସେ ନେଇ ନାହାଁନ୍ତି...ରବିବାରଠାରୁ ନେଇ ଆଜି ରାତି ପର୍ଯ୍ୟନ୍ତ ସେ ପ୍ରଥମ କରି ତାଙ୍କର ଭୋଜନ ନେଲେ । ତେଣୁ ସେ ବହୁତ ଅସୁସ୍ଥ ଥିଲେ, ଏବଂ ଆମେ ତାଙ୍କ ପାଇଁ ପ୍ରଭୁଙ୍କଠାରେ ବିଶ୍ୱାସ କରିଥିଲୁ, ଏବଂ ସେହିଁ କେବଳ ତାଙ୍କୁ ଭଲ କରିଛନ୍ତି । ବର୍ତ୍ତମାନ ଆମେ ଆପଣମାନଙ୍କୁ ପ୍ରାର୍ଥନା ଜାରି ରଖିବା ପାଇଁ କହିବାକୁ ଚାହୁଁଛୁ ଯେପରିକି ସେ ପୁନର୍ବାର ତାଙ୍କର ଶକ୍ତି ଫେରି ପାଆନ୍ତି ।

304 ଏବଂ ବର୍ତ୍ତମାନ, ଏହି ଆଗାମୀ ସପ୍ତାହ ଶେଷରେ, ପ୍ରଭୁ ଇଚ୍ଛା କଲେ, ମୋତେ ମାୟାମିକୁ ଯିବାକୁ ଅଛି । ମୋର ପୁରୁଣା ବନ୍ଧୁ, ଭାଇ ବୋସୱର୍ଥ, ଘରକୁ ଯାଉଛନ୍ତି, ଏବଂ ସେ ବର୍ତ୍ତମାନ ପ୍ରାୟଃ ଶହେ ବର୍ଷ ବୟସର ଅଟନ୍ତି । ସେ ମୋତେ ଡାକିଛନ୍ତି, ସେ କହିଛନ୍ତି, "ଭାଇ ବ୍ରାନହାମ୍, ଆସି ମୋତେ ଥରେ ଦେଖା କରିଯାଅ, ମୁଁ ଯିବା ପୂର୍ବରୁ ଆପଣଙ୍କୁ କିଛି କହିବାକୁ ଚାହେଁ ।" ଏବଂ ସେ...ତେବେ, ମୁଁ ଭାବୁଛି ସେ ମୋ ପାଇଁ ପ୍ରାର୍ଥନା କରିବାକୁ ଚାହାଁନ୍ତି, ଏବଂ ସେ ଚାଲିଯିବା ପୂର୍ବରୁ କେବଳ ମୋ ଉପରେ ହାତ ରଖିବାକୁ ଚାହାଁନ୍ତି, ଆପଣ ଜାଣନ୍ତି ।

305 ଏବଂ ମୁଁ—ମୁଁ ଆଶା କରେ ଯେ ମୁଁ ମୋର ଦିନଗୁଡିକୁ ଏଫ୍.ଏଫ୍. ବୋସୱର୍ଥ ଭଳି ସୁନାମଧନ୍ୟ ବ୍ୟକ୍ତି ସହିତ ସମାପ୍ତ କରିପାରେ । ଜଗତରେ ଯେତେ ଲୋକମାନଙ୍କୁ ମୁଁ ଜାଣିଛି ସେସମସ୍ତଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଯାହାଙ୍କୁ ମୁଁ କେବେ ଜଗତରେ ସାକ୍ଷାତ କରିଅଛି, ମୁଁ ଏପରି କୌଣସି ବ୍ୟକ୍ତିଙ୍କୁ କେବେବି ଭେଟି ନାହିଁ ଯାହାଙ୍କ ପରି ହେବା ପାଇଁ ମୁଁ ଏତେ ଇଚ୍ଛା କରିଥିଲି, ଯେପରିକି ଏଫ୍.ଏଫ୍. ବୋସୱର୍ଥ ଥିଲେ; ଜଣେ ସେବକ ଭାବରେ—ଭାବରେ, ଯାହା ମୋର କହିବାର ଅର୍ଥ । ମୁଁ ବିଶ୍ୱବ୍ୟାପୀ ସ୍ତରରେ, କୌଣସି ସ୍ଥାନରେ, ଏପରି ଜଣେ ହେଲେ ବ୍ୟକ୍ତିଙ୍କୁ କେବେ ବି ଶୁଣି ନାହିଁ, ଯିଏକି କେବେ ଏଫ୍.ଏଫ୍. ବୋସୱର୍ଥଙ୍କ ବିଷୟରେ ଏପରି ଏକ ବିବୃତ୍ତି ଦେଇଥିବେ ମାତ୍ର ଯାହାକି ଅବିକଳ ଠିକ୍ ସବୁକିଛି "ଜଣେ ଖ୍ରୀଷ୍ଟିଆନ" ପରି ହିଁ ଥିଲା, ଏବଂ ସମସ୍ତ କିଛି "ଜଣେ ପ୍ରକୃତ ଭାଇ" ପରି ହିଁ ଥିଲା ।

306 "ପୃଥକୀକରଣ ଆମ ପାଇଁ ସମୟର ବାଲି ଉପରେ ପଦଚିହ୍ନଗୁଡିକୁ ଛାଡି ଚାଲିଯାଏ ।" ସେ ଜଣେ ଅଦ୍ଭୁତ ଭାଇ, ଏବଂ ସେ ବର୍ତ୍ତମାନ ପ୍ରକୃତରେ ବୃଦ୍ଧ ଅଟନ୍ତି, ପ୍ରାୟଃ ଶହେ ବର୍ଷ

ପାଖାପାଖି ହେବେ। ତେଣୁ ସେ—ସେ କେବଳ ଘରକୁ ଯାଉଅଛନ୍ତି, ତାହାହିଁ ସବୁ, ଏବଂ ସେ ମୋତେ କହିଥିଲେ। ସେ ଜାଣିଥିଲେ ଯେ ସେ ଯାଉଅଛନ୍ତି, ଏବଂ କେବଳ ଅପେକ୍ଷା କରୁଛନ୍ତି। ସେ କହିଥିଲେ ଯେ ବର୍ତ୍ତମାନ ସମୟ ହେଉଛି ତାଙ୍କ ଜୀବନର ସବୁଠୁ ମଧୁର ସମୟ ଯେତେବେଳେକି ସେ କେବଳ ଅପେକ୍ଷା କରୁଛନ୍ତି, କିନ୍ତୁ କହିଲେ ଯେ ସେ ଜାଣିଛନ୍ତି ଯେ ସେ ଯାଉଛନ୍ତି।

307 ମୁଁ କହିଲି, "ଭାଇ ବୋସୱର୍ଥ, ମୋତେ ଏହି ସପ୍ତାହରେ ମିଚିଗାନ୍ ଯିବାକୁ ଅଛି।"

308 ଏବଂ ସେ କହିଲେ, "ତେବେ, ଏହାକୁ ଅଧିକ ବିଳମ୍ବ କରନ୍ତୁ ନାହିଁ, ଭାଇ ବ୍ରାନହାମ୍, ମୁଁ ଅଧିକ ସମୟ ବଞ୍ଚି ପାରିବି ନାହିଁ। ମୁଁ ପ୍ରତ୍ୟେକ ସମୟରେ ଦୁର୍ବଳ ହୋଇଯାଉଅଛି।"

309 ତେଣୁକରି ସେ ମୋ ପାଇଁ ଜଣେ ଅତ୍ୟଧିକ ଏକ ବନ୍ଧୁ ସ୍ୱରୂପ ଅଟନ୍ତି, ଯେ ସେ ପ୍ରାଣ ତ୍ୟାଗ କରିବେ ନାହିଁ। ବର୍ତ୍ତମାନ, ଯଦି ମୋତେ ଉଡାଜାହାଜରେ ଯିବାକୁ ପଡେ, ତାହାହେଲେ ମୁଁ—ମୁଁ ଉଡାଜାହାଜରେ ଯିବି ଏବଂ ହୁଏତ ଅତି କମ୍‌ରେ ରବିବାର ରାତି ନିମନ୍ତେ ଫେରି ଆସିବି; ଯଦି ନୁହେଁ, ତାହାହେଲେ, ତେବେ ମୋତେ ଗାଡି ଚଲାଇ ଯିବାକୁ ହେବ, ଏବଂ ଏହା ମୋତେ ଟିକିଏ ଅଧିକ ସମୟ ନେଇପାରେ।

310 ଏବଂ ଭାଇ ବୋସୱର୍ଥଙ୍କ ପାଇଁ ପ୍ରାର୍ଥନା କରିବେ। କେବଳ ପ୍ରାର୍ଥନା କରିବେ ଯେ ପରମେଶ୍ୱର…ଏବଂ ଯେତେବେଳେ ସେ ସେହି ବୟସ୍କ ପିତୃପୁରୁଷଙ୍କୁ ନେଇଯାଆନ୍ତି, ଯେ ସେ କେବଳ ଏକ ଅଗ୍ନିମୟ ରଥ ପଠାଇ ତାଙ୍କୁ ଉଠାଇ ନେବେ, ବୁଝିଲେ। ମୁଁ ତାଙ୍କୁ ଭଲ ପାଏ, ସେ ମୋ ପାଇଁ ଜଣେ ବାପାଙ୍କ ପରି ରହିଆସିଛନ୍ତି।

311 ଆଉ ଜଣେ ବୃଦ୍ଧ ବ୍ୟକ୍ତି…ସେ ଏବଂ ଭାଇ ସେୱାର୍ଡ। ମୁଁ—ମୁଁ ବୃଦ୍ଧମାନଙ୍କ ପାଇଁ ଏକ ପ୍ରକାର ସପକ୍ଷବାଦୀ ଅଟେ, ମୁଁ—ମୁଁ ସେମାନଙ୍କୁ ଭଲ ପାଏ। ଏବଂ ବୃଦ୍ଧ ଭାଇ ସେୱାର୍ଡ, ସେ ମଧ୍ୟ, ସେହିପରି ଭାବରେ ନିଦ୍ରାଗତ ହେଲେ। ଅବଶ୍ୟ, ଭାଇ ସେୱାର୍ଡ ସେତେ ବୟସ୍କ ନ ଥିଲେ, ମୁଁ ଭାବୁ ନାହିଁ, ଯେତିକି ଭାଇ ବୋସୱର୍ଥ ଥିଲେ।

312 ଏବଂ ଭାଇ ବୋସୱର୍ଥଙ୍କ ପାଇଁ ପ୍ରାର୍ଥନା କରିବେ। ସମସ୍ତ କିଛି ବିଷୟ ସେହି ସ୍ଥାନରେ ଉତ୍ତମ ଉତ୍ତମ ନୁହେଁ, କିନ୍ତୁ ଏହା—ଏହା…ସେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରନ୍ତି, ମାତ୍ର କୌଣସି ବିଷୟ ପାଇଁ ଅଧିକନ୍ତୁ ନୁହେଁ ମାତ୍ର କେବଳ ତାଙ୍କର…ଯେ ପରମେଶ୍ୱର ତାଙ୍କୁ ଶାନ୍ତିରେ ଯିବାକୁ ଦିଅନ୍ତୁ।

313 ବର୍ତ୍ତମାନ…ଏବଂ ତାହାପରେ ଆମେ ଏହା ମଧ୍ୟ ମନେ ରଖିବାକୁ ଚାହୁଁଛୁ, ଯେ ଆସନ୍ତାକାଲି, ପ୍ରଭୁଙ୍କର ଇଚ୍ଛା ହେଲେ, ଆମେ ଏହି ମଣ୍ଡଳୀର ଆମର ଜଣେ ବନ୍ଧୁ ଭାଇ ସୋଲ୍ କୋଟ୍ସଙ୍କୁ କବର ଦେବା। ସେ ଏଠାରେ ଅନେକ ଥର ଆସିଛନ୍ତି, ବର୍ଷ ବର୍ଷ ଧରି ଡାକଘରେ କାର୍ଯ୍ୟ କରିଥିଲେ। ଏବଂ ଅନ୍ୟ ରାତିରେ ସେ ଭେଟେରାନ୍ସ ହସ୍ପିଟାଲରେ ମୃତ୍ୟୁବରଣ କଲେ। ଭାଇ କକ୍ସ ଏବଂ ମୁଁ ତାଙ୍କୁ ଦେଖା କରିବା ପାଇଁ ଯାଇଥିଲୁ, ଏବଂ ତାଙ୍କର…ଅବସ୍ଥା ଶୋଚନୀୟ ଥିଲା। ଏବଂ ବର୍ତ୍ତମାନ ସେ ଜଣେ ଖ୍ରୀଷ୍ଟିଆନ ଭାବେ, ଚାଲି ଯାଇଛନ୍ତି। ଏବଂ

ଆସନ୍ତାକାଲି ଅପରାହ୍ନ ଏକ ଘଟିକାରେ ଆମେ ତାଙ୍କୁ କୁଟ୍ସ ଅନ୍ତିମ ସଂସ୍କାର ଗୃହରେ ସମାଧି ଦେବାକୁ ଯାଉଅଛୁ, ଭାଇ ନେଭିଲ୍ ଏବଂ ମୁଁ। ନେଭିଲ୍ ତ୍ରିଓ୍ୱ ଗୀତ ଗାଇବେ; ଏବଂ ଆମେ ସେବାଗୁଡିକୁ ଭାଗ ଭାଗ କରିଦେବୁ, ଭାଇ ନେଭିଲ୍ ଏବଂ ମୁଁ । ତେବେ, ମୁଁ ଜାଣେ ନାହିଁ ଯେ ଆମେ କେତେବେଳେ କଅଣ ସେହି ବ୍ୟବସ୍ଥାମାନ କିଛି କଲୁ, ଏବଂ ମେଡାଙ୍କ ଜରିଆରେ । ଏବଂ ତେଣୁକରି, ତାଙ୍କର ଅନ୍ତିମ ସଂସ୍କାର ଆସନ୍ତାକାଲି ଅପରାହ୍ନ ଏକ ଘଟିକାରେ, କୁଟ୍ସ ଅନ୍ତିମ ସଂସ୍କାର ଗୃହରେ ହେବ ।

314 ଏବଂ ତାହାପରେ, ଶୁକ୍ରବାର ଦିନ, ଦୁଇ ଘଟିକାରେ, ଶ୍ରୀମାନ ହ୍ୱିଲରଙ୍କର ହେବ । ଆମେ ତାଙ୍କୁ ପୋଡ୍ ହ୍ୱିଲର୍ ବୋଲି ଡାକିଥାଉ; ସେ ଜଣେ, ମୁଁ ପ୍ରକୃତରେ ଭୁଲିଯାଉଛି ଯେ ତାଙ୍କର ସଠିକ...ଏବଂ, ଆପଣମାନେ ଜାଣନ୍ତି, ମୁଁ—ମୁଁ ଏହାକୁ କେବଳ ଖବରକାଗଜରେ ଦେଖିଥିଲି ଏବଂ ଜାଣି ନ ଥିଲି ସେ କିଏ ଅଟନ୍ତି, ଯେପର୍ଯ୍ୟନ୍ତକି ମୁଁ ଖୋଜି ନ ପାଇଲି । ସେ ଅନେକ ବର୍ଷ ଧରି ଆମର ପଡ଼ୋଶୀ ରହିଥିଲେ, ଏବଂ—ଏବଂ ସେ ବର୍ତ୍ତମାନ ମୃତ୍ୟୁବରଣ କରିଛନ୍ତି । ଅନ୍ୟ ଏକ ରାତ୍ରିରେ, ସେ ଠିକ ଏଠାରେ ଗୀର୍ଜାଘର ସମ୍ମୁଖରେ ରହିଥିଲେ, ଏବଂ ମୁଁ ତାଙ୍କୁ ଗୀର୍ଜାକୁ ଆସିବା ନିମନ୍ତେ ପ୍ରବର୍ତ୍ତାଇବାକୁ ଚେଷ୍ଟା କରୁଥିଲି । ପ୍ରାୟଃ ତିନି ସପ୍ତାହ ପୂର୍ବରୁ, ଅନ୍ୟ ରାତିରେ, ସେଠାରେ ଛିଡା ହୋଇଥିଲେ, ଏବଂ ମୁଁ ତାଙ୍କୁ ଗୀର୍ଜାକୁ ଆସିବା ପାଇଁ ପ୍ରବର୍ତ୍ତାଇବାକୁ କେବଳ ଚେଷ୍ଟା କରିଥିଲି । କାରଣ, ମୁଁ ଭାବୁନାହିଁ ଯେ ସେ ଗୀର୍ଜାକୁ ଯାଉଥିଲେ କିମ୍ବା କୌଣସି ପ୍ରକାରର କିଛି ବୃତ୍ତି କରୁଥିଲେ, ତଥାପି ତାଙ୍କର ଜଣେ ପୁଅ ରହିଛନ୍ତି ଯିଏକି ଜଣେ ବାପ୍ଟିଷ୍ଟ ପ୍ରଚାରକ ଅଟନ୍ତି । କିନ୍ତୁ ମୋର ଜାଣିବାରେ ସେ କୋଣସି ବୃତ୍ତି ସହ ସଂଯୋଗରେ ନ ଥିଲେ, ଆଉ ବର୍ତ୍ତମାନ ସେ ପରମେଶ୍ୱରଙ୍କୁ ସାକ୍ଷାତ କରିବା ପାଇଁ ଚାଲି ଯାଇଛନ୍ତି । ତେଣୁକରି ତାହା ଶୁକ୍ରବାର ଅପରାହ୍ନ ଦୁଇଟା ଘଟିକାରେ କୁଟ୍ସ ଅନ୍ତିମ ସଂସ୍କାର ଗୃହରେ ହେବ । ଏବଂ ଆହୁରି ମଧ୍ୟ, ଭାଇ ନେଭିଲ୍ ଏବଂ ସେମାନେ ଗୀତ ଗାନ କରିବେ, ଏବଂ ସେହି ଅନ୍ତିମ ସଂସ୍କାରରେ ସେଠାରେ ।

315 ଏବଂ ତେଣୁକରି, ଯଦି ଆପଣଙ୍କ ମଧ୍ୟରୁ କେହି ହେଲେ ସେହି ସେବାରେ ଯୋଗ ଦେବାକୁ ଚାହାଁନ୍ତି, ତାହା ଆସନ୍ତାକାଲି ଦୁଇ ଘଟିକାରେ, କିମ୍ବା ଆସନ୍ତାକାଲି ଏକ ଘଟିକାରେ ଅଛି । ମୁଁ ଭାବୁଛି ତାହା ଠିକ୍ ଅଟେ । ଭାଇ, କଅଣ ନୁହେଁ କି? ଏବଂ ଅନ୍ୟଟି, ଦୁଇ ଘଟିକାରେ । କଅଣ ତାହା ଠିକ୍ ଅଟେ? ଦୁଇ ଘଟିକାରେ, କୁଟ୍ସ ଅନ୍ତିମ ସଂସ୍କାର ଗୃହରେ ।

316 ଏବଂ ବର୍ତ୍ତମାନ, ରବିବାର ସକାଳେ...ଶନିବାର ଦିନ ପ୍ରସାରଣ ହେବ । ଏବଂ ଭାଇ ନେଭିଲ୍ ସମ୍ଭବତଃ ଆପଣମାନଙ୍କୁ, ସେତେବେଳ ପର୍ଯ୍ୟନ୍ତ, ଜଣାଇ ଦେବେ, ଯେ ଠିକ କେବଳ...ଯଦି ଆମେ ରବିବାର ରାତି ପାଇଁ ଏକ ଆରୋଗ୍ୟ ସେବା ପାଇପାରିବା, କିମ୍ବା ଯଦି ମୁଁ ଭାଇ ବୋସୱର୍ଥଙ୍କୁ ଦେଖିବା ପାଇଁ ଫ୍ଲୋରିଡାକୁ—କୁ ଉଡାଜାହାଜରେ ଯାଏ ତେବେ କେଉଁ ସମୟରେ ଆମେ ଫେରି ଆସିବୁ । ମୁଁ ଜାଣେ ନାହିଁ ଯେ ମୁଁ ତାଙ୍କଠାରୁ କିପରି ଦୂରେଇ ଯିବି, ସେ ଜଣେ ଏତେ ପ୍ରିୟ ପୁରୁଣା ବନ୍ଧୁ । ଏବଂ ବୋଧହୁଏ ଆମର ଏହି ପୃଥିବୀରେ, ଶେଷ ଥର ପାଇଁ ସାକ୍ଷାତକାର ଅଟେ, ଯଦି, ପ୍ରଭୁ ଏହାକୁ ହେବା ପାଇଁ ଦିଅନ୍ତି । ଏବଂ ସେ...ମୁଁ ଜାଣେ

ନାହିଁ ଯେ ମୁଁ ତାଙ୍କଠାରୁ ତୁରନ୍ତ ହିଁ ଦୂରେଇ ଯାଇପାରିବି କି ନାହିଁ; ଏବଂ ମୁଁ ତାଙ୍କଠାରୁ ଦୂରେଇ ଯିବାକୁ ଚାହେଁ ନାହିଁ, କିନ୍ତୁ, ଆପଣ ଜାଣନ୍ତି ଯେ ଏହା କିପରି ଅଟେ, ଆପଣଙ୍କ ପାଖରେ ଅନ୍ୟାନ୍ୟ ଜିନିଷଗୁଡିକ ଥାଏ ଯାହାକି ଆପଣଙ୍କୁ କରିବାକୁ ପଡିଥାଏ।

317 ବର୍ତ୍ତମାନ ସେଠାରେ ଗୋଟିଏ ବକ୍ତବ୍ୟ ଅଛି ଯାହାକୁ ମୁଁ ଏଠାରେ କହି ଦେବାକୁ ଚାହେଁ ଯେତେବେଳେକି ସେଠାରେ ବହୁତ ଅଧିକ ନାହାଁନ୍ତି, ଏବଂ ଲୋକମାନେ ଯେଉଁମାନେକି ମୋର ବନ୍ଧୁ ଅଟନ୍ତି।

318 ମୁଁ ସେଠାରେ ଭଉଣୀ ସ୍ମିଥଙ୍କୁ ଦେଖି ଖୁସି ଅଟେ। ବହୁତ ସମୟ ପରେ ପ୍ରଥମ ଥର କରି ମୁଁ ତାଙ୍କୁ ଦେଖିଲି। ଭଉଣୀ ସ୍ମିଥ୍ ଆପଣ କିପରି ଅଛନ୍ତି? ଗୋଟିଏ ବର୍ଷ, ମୋର ପ୍ରଭୁ, ମୁଁ ଭାବୁଛି ଯେତେବେଳେ ଶେଷ ଥର ପାଇଁ ମୁଁ ଆପଣଙ୍କୁ ଦେଖିଥିଲି...[ଭଉଣୀ ସ୍ମିଥ୍ କୁହନ୍ତି—ସମ୍ପା।] ବେଣ୍ଟନ୍ ହାର୍ବରଠାରେ, ମୁଁ ସେଠାରେ କୌଣସି ଦିନ ରହିବାର ଆଶା କରେ। ତାହା ଉତ୍ତମ ଅଟେ। ମୁଁ ବିଶ୍ୱାସ କରେ ଯେ ଶେଷ ଥର ଯେତେବେଳେ ମୁଁ ଆପଣଙ୍କୁ ଦେଖିଥିଲି, ତାହା ଲୁଇସ୍‌ଭିଲେରେ ଏକ ଅନ୍ତିମ ସଂସ୍କାର ସଭାରେ ଥିଲା। ଏବଂ ମୋର ଭଉଣୀ ସ୍ମିଥଙ୍କୁ ବହୁତ ଭଲ ଭାବରେ ମନେ ଅଛି। ଆମେ କିପରି...ମୁଁ ଆସି ତାଙ୍କୁ ଏକ ଟ୍ରକରେ ନେଇ ଯାଉଥିଲି ଯେତେବେଳେ ଆମେ ଗୀର୍ଜାକୁ ଯାଉଥିଲୁ। ସେହି ଟ୍ରକର ପଛପଟୁ ପୁରୁଣା କୋଇଲା ଡାମର ବହୁଥାଏ ଏବଂ ବାୟୁ ଅବରୋଧକଗୁଡିକ ଉପର ଓ ତଳ ବାଡେଇ ହେଉଥିଲା, ଏବଂ ଏହା ଥଣ୍ଡା ଥିଲା; ଏବଂ ମୁଁ, ମୋର ଗୋଟିଏ ପାଦ ବାହାରେ ରହିଥାଏ। ଓଃ, ମୋର ପ୍ରଭୁ! ଭଉଣୀ ସ୍ମିଥ୍, ସେବେଠାରୁ ନଦୀରୁ ବହୁ ଜଳ ଅତିକ୍ରମ କରି ସାରିଛି। ହଁ, ଆଜ୍ଞା। ତେବେ, ସେହି ମୂଲ୍ୟବାନ ସ୍ମୃତିଗୁଡିକ ପାଇଁ ଆମେ ପ୍ରଭୁଙ୍କୁ ଧନ୍ୟବାଦ ଦେଉ, ଏବଂ ଏବେ ସୁଦ୍ଧା ତାହାଙ୍କୁ ପ୍ରେମ କରୁ।

319 ଗୋଟିଏ କଥା, କେହି ଜଣେ ଆଶ୍ଚର୍ଯ୍ୟ କରୁ ଥାଇପାରନ୍ତି, ଅନ୍ୟ ରାତିରେ...ମୁଁ ରାସ୍ତାରେ ସେଠାରେ ଭାଇ ଫ୍ଲିମ୍ୟାନ୍‌ଙ୍କ ସହିତ କଥାବାର୍ତ୍ତା କରୁଥିଲି। ଏବଂ କୌଣସି ସମୟରେ କେହି ଜଣେ କହିଥିଲେ, "ସେବା ସମାପ୍ତ ହେବା ମାତ୍ରେ, ଏପରି କଅଣ ବିଷୟ ଅଟେ ଯେ ଭାଇ ବ୍ରାନହାମ୍ ତୁରନ୍ତ ହିଁ ଶୀଘ୍ର ସବୁକିଛି ବନ୍ଦ କରି ଚାଲିଯାଆନ୍ତି?"

320 ଏଠାରେ ତାହା ଅଟେ ଯାହାକି ସେହି ବିଷୟ, ମୋ ପତ୍ନୀ ଏକୁଟିଆ ଥାଆନ୍ତି। ବୁଝିଲେ? ଏବଂ ଯଦି ମୁଁ କଥାବାର୍ତ୍ତା କରିବାକୁ ଲାଗିବି, ତେବେ ମୁଁ ଅଧା ରାତି ଯାଏଁ କଥା ହେଉଥିବି, ଏବଂ ସେ ସେଠାରେ ରହିଥାଆନ୍ତି, ଅଧିକାଂଶ ସମୟ ସେଠାରେ ସେ କେବଳ ଏକୁଟିଆ ରହିଥାଆନ୍ତି। ଏବଂ ସେହି କାରଣ ଯୋଗୁଁ ହିଁ ମୁଁ ଶୀଘ୍ର ବାହାରିଯାଏ, ଆପଣ ଦେଖନ୍ତୁ, ଏକ ରାତ୍ରି ସମୟରେ, ତାଙ୍କ ପାଖକୁ ଫେରିଯାଏ; 'କାରଣ ମୁଁ କଥାବାର୍ତ୍ତା କରିବାକୁ ଲାଗିଲେ, ମୁଁ ବହୁତ ସମୟ କଥାବାର୍ତ୍ତା କରିଥାଏ। ମୁଁ *ଏହି* ଜଣକାଙ୍କ ସହିତ ଅଧ ଘଣ୍ଟା କଥା ହେବି। ମୁଁ କେବଳ ଯାଇ ଏହା କହିପାରେ ନାହିଁ, "ଆଜି ରାତିରେ *ଆପଣ* କେମିତି ଅଛନ୍ତି? *ଆପଣ* କେମିତି ଅଛନ୍ତି? *ଆପଣ* କେମିତି ଅଛନ୍ତି?" ମୁଁ ତାହା କରେ ନାହିଁ। ମୁଁ କେବଳ ଅଟକି ଯାଏ

ଓ କଥାବାର୍ତ୍ତା କରିବାକୁ ଲାଗେ; ଏବଂ କେହି ଜଣେ କିଛି ବିଷୟରେ କହିବାକୁ ଲାଗନ୍ତି, ଏବଂ ତାହାପରେ ମୁଁ ସେଠାରେ ଗୋଟିଏ ଘଣ୍ଟା ପାଇଁ ରହିଥାଏ । ବୁଝିଲେ? ଏବଂ ସେଇଥି ପାଇଁ, ସେ ବସିଥାଆନ୍ତି ଓ ଅପେକ୍ଷା କରୁଥାନ୍ତି ଏବଂ ଇତ୍ୟାଦି କରୁଥାନ୍ତି । ଏବଂ ସେଇଥି ପାଇଁ ଏହା ସେହିପରି ଅଟେ । ମୁଁ କେବଳ ଏହା ଚାହେଁ ନାହିଁ ଯେ ଆପଣ ଏପରି ଭାବନ୍ତୁ ଯେ ଏହା ଏଇଥି ପାଇଁ ଥିଲା କାରଣ ମୁଁ ମୋର ବନ୍ଧୁମାନଙ୍କୁ ଭେଟିବାକୁ ଏବଂ ସେମାନଙ୍କ ସହିତ ହାତ ମିଶାଇବାକୁ ଚାହୁଁ ନ ଥିଲି, ଏବଂ ଆମର ସହଭାଗୀତା ପ୍ରକାଶ କରିବାକୁ ଚାହୁଁ ନ ଥିଲି, ମାତ୍ର ଏହା ତ କେବଳ ସେହି ପ୍ରକାରର ଏକ ମାମଲା ଥିଲା ।

321 ତେଣୁକରି, ବର୍ତ୍ତମାନ ସମସ୍ତେ ରୋଗୀ ଏବଂ ପୀଡ଼ିତଙ୍କ ପାଇଁ ପ୍ରାର୍ଥନାରେ ରୁହନ୍ତୁ ।

322 ଏବଂ ଶ୍ରୀମତୀ ହାର୍ଭେ ସେହି ସବୁ ଅସୁବିଧାରେ ଅଛନ୍ତି, ସେ ଠିକ୍ ହେଉଅଛନ୍ତି । ହଁ, ଆଜ୍ଞା । ଏବଂ ମୁଁ ଦେଖୁ ନାହିଁ…ମୁଁ…ବର୍ତ୍ତମାନ ହୋଇପାରେ, ଯେତେ ଦୂର ମୁଁ ଜାଣେ, ଏଠାରେ ଜଣେ, କେହିଜଣେ ଡାକ୍ତର ଅଛନ୍ତି । ଏବଂ ଯଦି ମୁଁ ଏହି ମଞ୍ଚ ଉପରୁ ଭୁଲ୍ ଥାଏ, ତାହାହେଲେ ପରମେଶ୍ୱର ମୋତେ କ୍ଷମା କରନ୍ତୁ । ମାତ୍ର ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ତାହା ପାଇଁ ସେହି ଡାକ୍ତରମାନଙ୍କୁ ଦାୟୀ କରିବେ ଯାହା ସେମାନେ ସେହି ସ୍ତ୍ରୀଲୋକଙ୍କ ପ୍ରତି କରିଛନ୍ତି । ମୁଁ—ମୁଁ ଅସ୍ତ୍ରୋପଚାରରେ ବିଶ୍ୱାସ କରେ, ମୁଁ ଔଷଧରେ ବିଶ୍ୱାସ କରେ । ନିଶ୍ଚିତ ଭାବରେ, ମୁଁ ଏହାକୁ ବିଶ୍ୱାସ କରେ । ମୁଁ ଭାବୁଛି ଯେ ପରମେଶ୍ୱର ସେମାନଙ୍କୁ ଏଠାରେ ଆମର ସାହାଯ୍ୟ କରିବା ପାଇଁ ପଠାଇଥିଲେ, ଠିକ୍ ଯେପରିକି ସେ କାର୍ ଯାନବାହନ ପାଇଁ ମେକାନିକ୍ ଓ ଇତ୍ୟାଦିସବୁ ପଠାଇଥିଲେ । କିନ୍ତୁ ସେହି ସାନ ସ୍ତ୍ରୀଲୋକଜଣ, ଡାକ୍ତର ତାଙ୍କୁ ପିଠିରେ ଶୁଆଇ ଦେଇ, କହିଥିଲେ, "ସେ କର୍କଟ ରୋଗରେ ପରିପୂର୍ଣ୍ଣ ଅଟନ୍ତି, କିଛି କରାଯାଇପାରିବ ନାହିଁ ।" ଗୋଟିଏ ଗୋଷ୍ଠୀ ପିଲାମାନଙ୍କର ସେହି ସାନ ମାଆଜଣକ ।

323 ମୁଁ ତାଙ୍କ ପାଖକୁ ଗଲି, ଏବଂ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲି ଯେ କିପରି ପ୍ରାର୍ଥନା ମାଧ୍ୟମରେ…ଏବଂ—ଏବଂ ସେ କେବଳ ଜଣେ ଯୁବା ସ୍ତ୍ରୀଲୋକ ଥିଲେ, ପ୍ରାୟଃ ପଚି-ଶ ବର୍ଷ ହୋଇଥିବ । ଏବଂ କିପରି ଯେ ପରମେଶ୍ୱର ତାଙ୍କର ଛୋଟ ଶିଶୁକୁ ସୁସ୍ଥ କରିଥିଲେ, ଏହାକୁ ବର୍ତ୍ତମାନ ଡାକ୍ତରଖାନାରେ, ମେନିଞ୍ଜାଇଟିସ୍ ରୋଗର "ଚମତ୍କାର ଶିଶୁ" ବୋଲି କୁହାଯାଏ । ଏବଂ ଏପରି ଏକ ଭୟଙ୍କର ଅବସ୍ଥାରୁ ଯାହାକି ସେହି—ସେହି ସାନ ଶିଶୁଟି ଥିଲା, ଆଉ ଏହାକୁ ପ୍ରଭୁ ତୁରନ୍ତ ହିଁ ସୁସ୍ଥ କରିଥିଲେ । ସେମାନେ, ସେହି ଡାକ୍ତରମାନେ ଏହା ବୁଝିପାରି ନ ଥିଲେ । ମୁଁ ଶ୍ରୀମତୀ ହାର୍ଭେଙ୍କ ନିକଟକୁ ଗଲି, ଏବଂ ମୁଁ କହିଲି, "ବର୍ତ୍ତମାନ, ଶ୍ରୀମତୀ ହାର୍ଭେ, କଅଣ ଡାକ୍ତରମାନେ ଆପଣଙ୍କୁ ଆଶାହୀନ ଭାବରେ ଛାଡି ଦେଇଛନ୍ତି କି?"

324 "ହଁ, ଆଜ୍ଞା । ଏହା…"

325 ଏବଂ ତାଙ୍କ ସ୍ୱାମୀ କହିଲେ, "ହଁ, କିଛି କରାଯାଇପାରେ ନାହିଁ, ସେ ତ କେବଳ କର୍କଟରେ ପରିପୂର୍ଣ୍ଣ ଅଟନ୍ତି ।"

326 ମୁଁ କହିଲି, "ତେବେ, ବର୍ତ୍ତମାନ ଆମେ ଯାହା କରିବାକୁ ଚାହୁଁଛୁ, ତାହା ହେଲା ପରମେଶ୍ୱରଙ୍କୁ ବିଶ୍ୱାସ କରିବା, ଯେ ପରମେଶ୍ୱର ଆପଣଙ୍କୁ—ଆପଣଙ୍କୁ ସୁସ୍ଥ...ସୁସ୍ଥ କରିବେ।" ଏବଂ ମୁଁ କହିଲି, "ଏହା କିପରି ହୁଏ, ଯେ ସେହି କର୍କଟ ତୁରନ୍ତ ଛାଡି ଯାଇ ନ ପାରେ; କିନ୍ତୁ ଯଦି ଆମେମାନେ ପ୍ରାର୍ଥନା କରିବା, ତାହାହେଲେ କର୍କଟ ରୋଗର ଜୀବନ ଛାଡି ଚାଲିଯିବ। ଆପଣ ତଥାପି ଅଳ୍ପ ସମୟ ଯାଏଁ ଅସୁସ୍ଥ ହୋଇପାରନ୍ତି, ଏବଂ—ଏବଂ" ମୁଁ କହିଲି "ଆପଣ ତୁରନ୍ତ ହିଁ ଆରାମ ପାଇ ଯାଇପାରନ୍ତି।" ଆଉ ମୁଁ କହିଲି, "ତେବେ କିଛି ଦିନ ପରେ ଆପଣ ପୂର୍ବ ଅପେକ୍ଷା ଅଧିକ ଅସୁସ୍ଥ ହୋଇପାରନ୍ତି।" କିନ୍ତୁ ମୁଁ କହିଲି, "ଆପଣଙ୍କୁ ତ କର୍କଟ ବିରୁଦ୍ଧରେ ନିଜର ବିଶ୍ୱାସକୁ ରଖିବାକୁ ପଡିବ।" ମୁଁ କହିଲି, "ଯଦି କର୍କଟ ରୋଗ ରହିଥାଏ, ଆପଣ ମରିଯିବେ। ଯଦି କର୍କଟ ମରିଯାଏ, ଆପଣ ବଞ୍ଚିଯିବେ।" ଏବଂ ମୁଁ କହିଲି, "ବର୍ତ୍ତମାନ ଆମେମାନେ ପ୍ରାର୍ଥନା କରିବା।"

327 ଏବଂ ଆମେମାନେ ପ୍ରାର୍ଥନା କଲୁ, ଏବଂ ମୁଁ ଦେଖୁଥିବା ପ୍ରତ୍ୟେକ ପ୍ରମାଣ ସହିତ, ପରମେଶ୍ୱର ସେହି ସ୍ତ୍ରୀଲୋକର ଶରୀରକୁ ସ୍ପର୍ଶ କଲେ। ଏବଂ ଯେତେବେଳେ ସେ ସଙ୍ଗେ ସଙ୍ଗେ ଭଲ ହୋଇଗଲେ, ସେ ମୋ ମାଆଙ୍କୁ ଦେଖା କରିବାକୁ ଗଲେ, ସେ ଆଖପାଖ ଅଞ୍ଚଳ ପରିଦର୍ଶନ କଲେ, (ଯେତେବେଳେ ସେ ଠିକ ଏହିପରି ଦୁର୍ଦ୍ଦଶାରେ ଥିଲେ) କୌଣସି ଯନ୍ତ୍ରଣା ନ ଥିଲା। ଏବଂ ତାହାପରେ ପ୍ରାୟଃ ତିନି ଦିନ ପରେ ସେ ପୁଣିଥରେ ଅସୁସ୍ଥ ହେବାକୁ ଲାଗିଲେ।

328 ଏବଂ ତାହାପରେ ଜାଣିବାକୁ ପାଇଲେ ଯେ ସେହି ସହର କହୁଅଛି ଯେ ସେମାନେ "ଡାକ୍ତରର ଖର୍ଚ୍ଚ ଦେଇ ଦେବେ, ଯଦି ଡାକ୍ତରମାନେ ଏହାକୁ ଅସ୍ତ୍ରୋପଚାର କରନ୍ତି।"

329 ଏବଂ ବର୍ତ୍ତମାନ ଯଦି ମୁଁ ଭୁଲ୍ ଅଟେ, ତାହାହେଲେ ପରମେଶ୍ୱର ମୋତେ କ୍ଷମା କରନ୍ତୁ। କିନ୍ତୁ ସେମାନେ ସେହି ଯୁବା ମାଆଙ୍କୁ ନେଇ, ତାଙ୍କୁ ବିଭିନ୍ନ ଯାଞ୍ଚ ନିମନ୍ତେ ଏକ ପରୀକ୍ଷାମୂଳକ "ଗବେଷଣାଗାର ଜନ୍ତୁ" ପରି ବ୍ୟବହାର କରିଥିଲେ। ସେମାନେ ତାଙ୍କୁ ସେଠାକୁ ନେଇଗଲେ, ଏବଂ ଏପରିକି ତାଙ୍କ ପେଟରୁ ଅନ୍ତଃନଳୀ, ଏବଂ ସବୁକିଛି ବାହାର କରି ନେଇଥିଲେ। ଉଭୟ ମୂତ୍ରାଶୟରୁ ଏବଂ ଅନ୍ତନଳୀ କ୍ରିୟାରୁ ନେଇ, ତାର ପାର୍ଶ୍ୱରୁ ଛିଦ୍ର କରିଦେଲେ। ଏବଂ ଅସ୍ତ୍ରୋପଚାର ମେଜରେ ନଅ ଘଣ୍ଟା ଓ କିଛି ରହିଥିଲେ। ସେହି ନର୍ସ କହିଲେ, "ଏହା ଏକ କସାଇଖାନା ପରି ଦେଖାଯାଉଥିଲା, ଯେଉଁଠାରେ ସେମାନେ ତାଙ୍କର ଆନ୍ତରିକ ଅଙ୍ଗ ପ୍ରତ୍ୟଙ୍ଗଗୁଡିକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିଥିଲେ, ଏବଂ ପ୍ଲାଷ୍ଟିକ୍ ଡିମ୍ବାଣୁ ଏବଂ ପ୍ଲାଷ୍ଟିକ୍ ଟ୍ୟୁବଗୁଡିକୁ ଉପସ୍ଥାପିତ କରିଥିଲେ।" ତାହା ସ୍ପଷ୍ଟ ସରଳ ଅଟେ, କିନ୍ତୁ ତାହା ସତ୍ୟ ଅଟେ। ଏବଂ ପ୍ଲାଷ୍ଟିକ୍ ଅନ୍ତନଳୀ ଏବଂ ସେହିପରି ଜିନିଷସବୁ, ଏବଂ ସେହି ସ୍ତ୍ରୀଲୋକକୁ, ଏକ ସାନ ମାଆକୁ ସେହିପରି ଅବସ୍ଥାରେ ପଡ଼ି ରହିବା ପାଇଁ ଛାଡି ଦେଇଥିଲେ। ମୁଁ କହୁଛି, ମୋର ଚିନ୍ତାଧାରାର ଶୈଳୀ ଅନୁଯାୟୀ, ସେହି ଡାକ୍ତରମାନେ ହତ୍ୟାର ଦୋଷୀ ଅଟନ୍ତି।

330 ସେ ସେମାନଙ୍କୁ କହିଥିଲେ, ସେ କହିଲେ, "ଭାଇ ବ୍ରାନହାମ୍ ମୋ ପାଇଁ ପ୍ରାର୍ଥନା କରିଛନ୍ତି।" ଏବଂ କହିଥିଲେ, "ଆମେ ବିଶ୍ୱାସ କରିବାକୁ ଯାଉଅଛୁ ଯେ ଆମର କର୍କଟ

ରୋଗ...ଯେ ସେହି କର୍କଟ ରୋଗଟି ମରିଯାଇଛି ।"

331 କହିଲେ, "ମୁଁ ଆପଣଙ୍କ ପାଇଁ କିଛି ଖବର ଆଣିଛି, 'ଆପଣଙ୍କର କର୍କଟ ଜୀବନ୍ତ ଅଛି ।'"

332 ସେ ଏହାକୁ କିପରି କହି ପାରନ୍ତି? ଏହା ତ ଭିତର ଭାଗରେ ଥିଲା, କୌଣସି ଏକ୍ସ-ରେ ଏହାକୁ କହିପାରେ ନାହିଁ । କର୍କଟ ରୋଗ ତ ଏକ...ଆପଣ ଏକ୍ସ-ରେ ଦ୍ୱାରା କର୍କଟ ବିଷୟରେ କହିପାରନ୍ତି ନାହିଁ, ଏହା ତ ନିଜେ ଏକ ମାଂସ ଅଟେ, ଆପଣ ଏହାକୁ ଦେଖିପାରନ୍ତି ନାହିଁ । ସେଠାରେ କରିବା ପାଇଁ କେବଳ ଗୋଟିଏ ବିଷୟ ରହିଥିଲା, ତାହା ହେଲା ସେହି ସ୍ତ୍ରୀଲୋକକୁ କଟା କଟି କରି ଖଣ୍ଡ ଖଣ୍ଡ କରିଦେବା । ତାହାହିଁ ସବୁ କିଛି ଅଟେ । ତେବେ ଯଦି ଏହା ଏକ ସାନ ମାଆ ହୋଇଥାନ୍ତେ, ତେବେ ମୁଁ ତାଙ୍କୁ ସେହିପରି କିଛି ବିଷୟରୁ ଏକ ପରୀକ୍ଷାମୂଳକ "ଗବେଷଣାଗାର ଜନ୍ତୁ" କରିବା ପରିବର୍ତ୍ତେ କେବଳ ପରମେଶ୍ୱରଙ୍କ ବିରୁଦ୍ଧରେ ତାଙ୍କର ବିଶ୍ୱାସକୁ ପରୀକ୍ଷା କରିବାକୁ ଦେଇଥାନ୍ତି । ବର୍ତ୍ତମାନ ଯଦି ମୁଁ—ଯଦି ମୁଁ ଭୁଲ୍ ଅଟେ, ଯଦି ମୋର—ଯଦି ମୋର ଭୁଲ ଉଦ୍ଦେଶ୍ୟ ରହିଥାଏ, ତାହାହେଲେ ମୁଁ ଚାହିଁବି ଯେ ପରମେଶ୍ୱର ମୋତେ କ୍ଷମା କରି ଦିଅନ୍ତୁ, ଆପଣ ଦେଖନ୍ତୁ । କାରଣ ମୁଁ ଚାହେଁ ନାହିଁ ଯେ ଆପଣ ଏହା ଭାବନ୍ତୁ ଯେ ମୁଁ ଅସ୍ତ୍ରୋପଚାରରେ ବିଶ୍ୱାସ କରେ ନାହିଁ କିମ୍ବା ଡାକ୍ତର ଏବଂ ପ୍ରଭୃତି ବିଷୟ ଉପରେ ବିଶ୍ୱାସ କରେ ନାହିଁ । ତାହା ସବୁ ଠିକ୍ ଅଟେ । କିନ୍ତୁ ମୁଁ ଭାବୁଛି ଯେ ଆପଣଙ୍କୁ ଏହା ଜାଣିବା ଉଚିତ୍ ଯେ ଆପଣ କଅଣ କରୁଛନ୍ତି ଏହା ପୂର୍ବେକି ଆପଣ ଜଣେ ବ୍ୟକ୍ତିଙ୍କୁ ଖୋଳ ତାଡ କରନ୍ତି, ସେମାନଙ୍କୁ କେବଳ ସେହିପରି ଭାବରେ ପରୀକ୍ଷଣ ପାଇଁ ବ୍ୟବହାର ନ କରନ୍ତୁ । ତାହା ଠିକ୍ । ଏବଂ ବର୍ତ୍ତମାନ, ଅବଶ୍ୟ, ସେ ବଞ୍ଚିପାରନ୍ତି ନାହିଁ । ତାହାହିଁ ସବୁ କିଛି ଅଟେ । ଯଦି ସେ ବଞ୍ଚନ୍ତି, ତାହାହେଲେ ଏହା ନିଶ୍ଚିତ ଭାବରେ ଏକ ସର୍ବଶ୍ରେଷ୍ଠ ଚମତ୍କାର ହେବ ଯାହାକି କେବେ ଘଟିଥାଏ । ଯେତେବେଳେ ସେହି ସ୍ତ୍ରୀଲୋକଟି ତଳକୁ ଚାହିଁ ନିଜର ଅନ୍ତନଳୀକୁ ଗୋଟିଏ ପଟେ ରହିଥିବାର ଦେଖିଲେ, ଏବଂ ନିଜର ଯକୃତକୁ ଅନ୍ୟ ପଟରେ କାର୍ଯ୍ୟ କରୁଥିବାର ଦେଖିଲେ, ସେ କେବଳ ଏହିପରି ଭାବରେ ଗତି କରୁଥିଲା, ଗତି କରୁଥିଲା...କାହିଁକି, ଏହା ଏପରି ଏକ ଜିନିଷ ନ ଥିଲା...ସେହି ବେଚାରା ସାନ ସ୍ତ୍ରୀଲୋକର ଚେତା ଚାଲିଗଲା । ଏବଂ ପ୍ରାୟଃ ବାଇ-ଶି ବା ପଚି-ଶ ବର୍ଷ ବୟସ୍କା କେବଳ ଜଣେ ମାଆ ଥିଲେ ପୁଣି ତିନି କିମ୍ବା ଚାରି ସାନ ସାନ ଛୁଆମାନଙ୍କୁ ଲାଳନ ପାଳନ କରିବା ସହିତ । ସବୁଠୁ ଦୁଃଖଦ ବିଷୟ ଥିଲା ଯାହା ମୁଁ ମୋ ଜୀବନରେ କେବେ ଶୁଣିଥିଲି । ମୁଁ କହିଲି, "ମୋର ଚିନ୍ତା କରିବାର ଭାବନା ଅନୁସାରେ, ସେହି ଡାକ୍ତର ଏଥିପାଇଁ ଦୋଷୀ ଅଟେ..." ଯଦି ସେ ସେହି ସ୍ତ୍ରୀଲୋକକୁ କେବଳ ଏଇଥି ପାଇଁ ଏକ ପରୀକ୍ଷଣ ହେତୁ ନେଇଥିଲେ ଯେହେତୁ ସେହି ସହର ଏହାର ଖର୍ଚ୍ଚ ଦେବାକୁ ଯାଉଥିଲା, ତାହାହେଲେ ତାହା ଭୁଲ୍ ଅଟେ, ଅନୁମତି ଦିଆଯିବା ଉଚିତ୍ ନ ଥିଲା ।

333 [ଜଣେ ଭାଇ ପଚାରନ୍ତି ଯେ କଅଣ ପରମେଶ୍ୱର ସେହି ସ୍ତ୍ରୀକୁ ପୁନଃସ୍ଥାପନ କରିପାରନ୍ତି—ସମ୍ପା ।] ତେବେ, ମୁଁ ଆପଣଙ୍କୁ କହୁଛି, ଭାଇ, ତାହା ଏହା ଅସମ୍ଭବ ନୁହେଁ । ଏବଂ ଏହା—ଏହା ନୁହେଁ...ଏହା—ଏହା ସମ୍ଭବ ଅଟେ, ଏବଂ ସମ୍ଭାବ୍ୟ ମଧ୍ୟ । କାରଣ ମୁଁ କାଲିଫର୍ଣ୍ଣିଆରେ. ଜଣେ ବ୍ୟକ୍ତିଙ୍କୁ ଜାଣେ ଯାହାରକି ଏକ ବାହୁ କଟି ଯାଇଥିଲା, (ଆପଣ

ସମସ୍ତେ ନିଜେ ଏହାକୁ ଖବରକାଗଜରେ ଦେଖୁଛନ୍ତି), ତାହା ପାଇଁ ପ୍ରାର୍ଥନା କରାଯାଇଥିଲା, ଏବଂ *ଏହି* ବାହୁଟି *ଏଠାରେ* କଟି ଯାଇଥିଲା, ତାହା ଏବେ ବୃଦ୍ଧି ପାଇ ଏପର୍ଯ୍ୟନ୍ତ ଆସିଯାଇଛି ଯେ ସେଥିରେ ବର୍ତ୍ତମାନ ଆଙ୍ଗୁଠିଗୁଡ଼ିକ ବାହାରୁଅଛି; କହୁଣୀ ଦେଇ, ବାହୁ ମଣିବନ୍ଧ ଦେଇ, ହାତ ଦେଇ, ଏବଂ ଆଙ୍ଗୁଳି ଉପରେ କେତେକ ଗଣ୍ଠି ମଧ୍ୟ ବୃଦ୍ଧି ପାଇଥିଲା, ଆପଣ ଦେଖନ୍ତୁ। ମୁଁ ବିଶ୍ୱାସ କରେ, ଯେ ଏହା ପ୍ରତି ମାସରେ ଆସୁଥିବା, ସେହି *ହେରାଲ୍ଡ ଅଫ୍ ଫେଥ୍* ନାମକ ପତ୍ରିକାରେ ଆସିଥିଲା। ଏପରିକି ଯେତେବେଳେ ସେ ଏହିପରି ଭାବରେ ତାଙ୍କର ହାତକୁ ବିସ୍ତାର କରିଥାନ୍ତି, ଯେଉଁଠାରେକି ଏହା ଦେଖାଉଥିଲା ଯେ ତାଙ୍କ ବାହୁ କେଉଁଠାରେ କଟିଥିଲା, ଏବଂ କେଉଁଠାରେ ତାହା ବୃଦ୍ଧି ପାଇଅଛି। ପ୍ରାୟଃ ଗୋଟିଏ ବର୍ଷ ପାଇଁ, ପ୍ରତ୍ୟେକ ମାସ ଏହା କିପରି ବୃଦ୍ଧି ପାଇଅଛି।

334 [ସେହି ଭାଇ ପୁନର୍ବାର କଥା କୁହନ୍ତି—ସମ୍ପା।] ନିଶ୍ଚିତରେ, ତାହା ଠିକ୍ ଅଟେ। ମୁଁ ବିଶ୍ୱାସ କରେ...ଏହା—ଏହା—ଏହା ଏକ ବିରଳ ବିଷୟ ଅଟେ, ଦେଖନ୍ତୁ, ଏହା ଏକ ଅତ୍ୟନ୍ତ ବିରଳ ବିଷୟ ଅଟେ। ଥରେ କେତେବେଳେ ମୁଁ ଏହା ବିଷୟରେ ଶୁଣିଅଛି। ତେବେ, ଭାଇ ବୋସୱର୍ଥଙ୍କ ସହିତ, ସେ ଏକ ରାତି ଜଣେ ସ୍ତ୍ରୀଲୋକ ପାଇଁ ପ୍ରାର୍ଥନା କରିଥିଲେ। ଏବଂ ମୁଁ ମୋର ସଭାରେ ସେହିପରି ଗୋଟିଏ ବିଷୟ ପାଇଥିଲି। ମାତ୍ର ଭାଇ ବୋସୱର୍ଥଙ୍କ ସଙ୍ଗେ ସଙ୍ଗେ ଘଟିଥିଲା; ମୋର କ୍ଷେତ୍ରରେ ତାହା ହେବା ପାଇଁ ଟିକିଏ ସମୟ ନେଇଥିଲା।

335 ସେ ଜଣେ ସ୍ତ୍ରୀଲୋକ ପାଇଁ ପ୍ରାର୍ଥନା କରିଥିଲେ...ବର୍ତ୍ତମାନ, ମୁଁ ସେହି ସ୍ତ୍ରୀଲୋକର ସାକ୍ଷ୍ୟ ପାଠ କରିଥିଲି। ତାଙ୍କର କର୍କଟ ରୋଗ ହୋଇଥିଲା, ନାକ ନ ଥିଲା; ତାଙ୍କ ନାକ ସମ୍ପୂର୍ଣ୍ଣ ଖାଇ ଯାଇଥିଲା। ଏବଂ ପରଦିନ ସକାଳେ ସେହି ସ୍ତ୍ରୀଲୋକଙ୍କର ଏକ ନାକ ରହିଥିଲା। ବର୍ତ୍ତମାନ, ମୁଁ ଏହା ଜାଣେ...ତେବେ, ତାହା ଭାଇ ବୋସୱର୍ଥଙ୍କ, *କ୍ରାଇଷ୍ଟ ଦି ହିଲର୍* ନାମକ ତାଙ୍କର ପୁସ୍ତକରେ ରହିଛି, ମୁଁ ଭାବୁଛି, କିମ୍ବା ଅନ୍ୟ ଏକ *ଦି ଜଏ ବ୍ରିଙ୍ଗର୍*, ରେ ଅଛି। ବର୍ତ୍ତମାନ, ଏହା ସେହି ସ୍ତ୍ରୀଲୋକର ନାମ ଏବଂ ଠିକଣା ସହିତ ତାଙ୍କର ସାକ୍ଷ୍ୟରେ ଅଛି। ଏବଂ ଏହାକୁ ପ୍ରମାଣ କରିବା ନିମନ୍ତେ ତାଙ୍କ ପାଖରେ ପଡୋଶୀ ଏବଂ ଡାକ୍ତର ଏବଂ ଅନ୍ୟ ସମସ୍ତକିଛି ବିଷୟ ରହିଥିଲା, ଯେ ଏହା ଘଟିଥିଲା।

336 ବର୍ତ୍ତମାନ, ଆର୍କାନ୍ସାସ୍‌ର, ଲିଟିଲ୍ ରକ୍ ଠାରେ, ଗୋଟିଏ ରାତି ଏକ କୋଠରୀରେ, ମୁଁ ସେଠାରେ ପ୍ରାର୍ଥନା କରୁଥିଲି...ଲିଟିଲ୍ ରକ୍ ନୁହେଁ, କିନ୍ତୁ ଜୋନ୍ସବୋରୋ ଥିଲା। ଯେ ମୁଁ ପ୍ରାର୍ଥନା କରିବି...ମୁଁ କହିଲି, "ମୁଁ ଶେଷ ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା ନ କରିବା ପର୍ଯ୍ୟନ୍ତ ରହିବାକୁ ଯାଉଅଛି।" ମୁଁ ମଞ୍ଚ ଉପରେ ଆଠ ଦିନ ଓ ରାତି ହେଲା ରହିଥିଲି, ଦେଖନ୍ତୁ। ଆଉ ତାହାପରେ...ଏବଂ ସେଠାରେ କୋଠରୀରେ ଜଣେ ସ୍ତ୍ରୀଲୋକ ଆସିଲେ, ଏବଂ ତାଙ୍କ ରୁମାଲକୁ ଏହିପରି ଭାବରେ ଉପରେ ଧରି ରହିଥିଲେ, ଏବଂ ମୁଁ ଭାବିଲି ସେ କାନ୍ଦୁଛନ୍ତି। ଏବଂ ମୁଁ କହିଲି...ଓଃ, ମୁଁ ଅନୁମାନ କରୁଛି ଯେ ଏହା ସକାଳର ଦୁଇ ବା ତିନି ଘଟିକା ହୋଇଥିଲା, ମୁଁ କହିଲି, "କାନ୍ଦ ନାହିଁ, ଭଉଣୀ, ପରମେଶ୍ୱର ଆରୋଗ୍ୟକାରୀ ଅଟନ୍ତି।"

337 ସେ କହିଲେ, "ମୁଁ କାନ୍ଦୁ ନାହିଁ, ଭାଇ ବ୍ରାନହାମ୍ ।" ସେ ଏହାକୁ କାଢି ଦେଲେ; ତାଙ୍କର ନାକ ନ ଥିଲା, ଦେଖନ୍ତୁ । ଡାକ୍ତରମାନେ କହିଥିଲେ…ତାଙ୍କ ଭିତରେ ଶ୍ୱେତ ଅସ୍ଥି ପର୍ଯ୍ୟନ୍ତ କର୍କଟ ଖାଇଯାଇଛି…ସେମାନେ ଦେଖାଉଥିଲେ । ଏବଂ ମୁଁ ତାଙ୍କ ପାଇଁ ପ୍ରାର୍ଥନା କଲି, ଏବଂ ତାଙ୍କୁ ସୁସ୍ଥ କରିବା ପାଇଁ ପ୍ରଭୁଙ୍କଠାରେ ନିବେଦନ କଲି ।

338 ଏବଂ ସେହି ସମୟଠାରୁ ପ୍ରାୟଃ ଚାରି କିମ୍ବା ପାଞ୍ଚ ସପ୍ତାହ ପରେ, ମୁଁ ଟେକ୍ସରକାନାରେ ଥିଲି । ଏବଂ ସେଠାରେ ଜଣେ ଉତ୍ତମ-ପୋଷାକଧାରୀ ଭଦ୍ରଲୋକ ବସିଥିଲେ, ସେ କହିଲେ, "ଭାଇ ବ୍ରାନହାମ୍, କଅଣ ମୁଁ ଅଳ୍ପ ଟିକିଏ କଥା ହୋଇପାରେ କି?"

339 ସେ ମଞ୍ଚ ଉପରକୁ ଉଠିବା ମାତ୍ରେ, ଜଣେ କର୍ମକର୍ତ୍ତା ତାଙ୍କୁ ନୀରବ ରଖିବାକୁ ଚେଷ୍ଟା କରିଥିଲେ । ମୁଁ କହିଲି, "ତେବେ, ଚାଲ ଆମେ ଦେଖିବା ।"

340 ସେ କହିଲେ, "କଅଣ ଆପଣ ଏହି ମହିଳାକୁ ଚିହ୍ନୁଛନ୍ତି କି?"

341 ମୁଁ କହିଲି, "ନା, ମୁଁ ନୁହେଁ ।"

342 ସେ କହିଲେ, "ଯଦି ଆପଣ ଏହି ଚିତ୍ରକୁ ଦେଖିବେ ତାହାହେଲେ ଆପଣ ଏହାକୁ ଚିହ୍ନି ପାରିବେ ।" ଏବଂ ସେ ଟେକ୍ସର୍କାନାଠାରେ—ଠାରେ ଜଣେ ପୋକକୀଟ ନିର୍ମୁଳକ ଥିଲେ, ଏବଂ ସେହି ମହିଳାଜନକ ତାଙ୍କର ମାତା ଥିଲେ ଯାହାଙ୍କର ଏକ ନୂତନ ନାକ ବୃଦ୍ଧି ପାଇଥିଲା, ତାହା ଠିକ ଅନ୍ୟ ପରି ଠିକ ସେହି ଆକୃତିର ଥିଲା ।

343 ତେବେ ତାହା ଏହା ଦର୍ଶାଇବାକୁ ଯାଏ ଯେ ପରମେଶ୍ୱର…ମୁଁ ଏହା ହୋଇଥିବାର ଦେଖିଅଛି । ତେବେ, ପରମେଶ୍ୱର ସେହି ଛୋଟ ଶ୍ରୀମତୀ ହାର୍ଭେଙ୍କ ପାଇଁ ତାହା କରିପାରିବେ । ଏବଂ ମୁଁ ପ୍ରାର୍ଥନା କରେ ଯେ ସେ କରନ୍ତି, କାରଣ ସେହି ବେଚାରା ସାନ ସ୍ତ୍ରୀଲୋକଟା ବଞ୍ଚିବାକୁ ଚାହାଁନ୍ତି ।

344 ଭାଇ ଟନି, କଅଣ ଆପଣଙ୍କ ପାଖରେ କିଛି ଅଛି କି?

[ଭାଇ ଟନି ଏକ ଆରୋଗ୍ୟତା ବିଷୟରେ ଲିପିବଦ୍ଧ କରନ୍ତି—ସମ୍ପା ।] ତାହା ଠିକ୍ ଅଟେ ।

ଆମେନ୍ । ଆମେନ୍ । ହଁ, ଏହା ମଧ୍ୟ, ଉତ୍ତମ ଅଟେ । ହଁ, ସେ ନିଶ୍ଚିତ ଏହା କରିବେ, ସେ ଜଣେ ଆରୋଗ୍ୟଦାତା ଅଟନ୍ତି ।

[ଜଣେ ଭାଇ ବ୍ରାନହାମ୍ ସହିତ କଥା ହୁଅନ୍ତି—ସମ୍ପା ।] ହଁ । ହଁ । ହଁ, ଭାଇ । ଆମେନ୍ । ନିଶ୍ଚିତରେ । ହଁ ।

345 ମୁଁ ନିଶ୍ଚିତ…ତେବେ, ମୁଁ ଆଶା କରେ ଯେ ପରମେଶ୍ୱର ଏହାକୁ ଆପଣଙ୍କୁ ପୁନଃସ୍ଥାପିତ କରିବେ, ପୁଅ, ଆପଣ ଏହାକୁ ଠିକ୍ ନେଇ ଯାଇ ତାଙ୍କୁ ଦେଖାଇ ପାରନ୍ତି । ତାହା ଅବିକଳ ଠିକ୍ ଅଟେ । ଏହା ପରମେଶ୍ୱରଙ୍କ ଗୌରବ ନିମନ୍ତେ ଏକ ସାକ୍ଷ୍ୟ ପାଇଁ ଅଟେ, ପ୍ରାର୍ଥନା କରନ୍ତୁ ଯେ ପରମେଶ୍ୱର ଏହା କରିବେ । ଓଃ, ସେ—ସେ…ଯଦି ସେ ସର୍ବଶକ୍ତିମାନ ପରମେଶ୍ୱର

ଅଟନ୍ତି, ତେବେ ସେ ସମସ୍ତ କାର୍ଯ୍ୟ କରିପାରନ୍ତି। ଯଦି ସେ ତାହା, ସମସ୍ତ ବିଷୟ ନ କରିପାରନ୍ତି, ତାହାହେଲେ ସେ ସର୍ବଶକ୍ତିମାନ ପରମେଶ୍ୱର ନୁହଁନ୍ତି।

346 ଏପରି କିଛି ବିଷୟ ଅଛି ଯାହାକି ଆମକୁ ତାହା କରିଥାଏ ଯାହା ଆମେ ଅଟୁ, ସେହିଭଳି ଭାବରେ ଯେଉଁ ଭାବରେକି ଆମେ ତାହା ଅଟୁ, ନୋହିଲେ ଆମର ଗୋଟିଏ ପକ୍ଷୀ ପରି ଏକ—ଏକ ମୁଣ୍ଡ ରହିଥାନ୍ତା, କିମ୍ବା ସେହିପରି କିଛି ଗୋଟାଏ ଥାଆନ୍ତା, ଯଦି ଆମ ପ୍ରତ୍ୟେକଙ୍କୁ ଏକ ବୈଶିଷ୍ଟ୍ୟତା ସହିତ ନିର୍ମାଣ କରିବା ପାଇଁ ଆମ ପଛରେ ଜଣେ ସର୍ବୋତ୍ତମ ବୁଦ୍ଧିମତ୍ତା ନ ଥାଆନ୍ତା, ଯେ ଆମକୁ ଗୋଟିଏ ଓକ ଗଛ, ଗୋଟିଏ ପୋପ୍‌ଲାର ଗଛ, ଗୋଟିଏ ଖଜୁରୀ ଗଛ କରି ନିର୍ମାଣ କରନ୍ତା, ଏବଂ—ଏବଂ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ପ୍ରସ୍ତୁତ କରନ୍ତା ଯେ ସେମାନେ କଅଣ—କଅଣ ଅଟନ୍ତି। ଆମକୁ ତାହା ସହିତ ନିର୍ମାଣ କରି ନାହାଁନ୍ତି... କେତେକଙ୍କୁ ପଶମ ସହିତ, ଆଉ କେତେକଙ୍କୁ ପର ସହିତ, ଏବଂ କେତେକଙ୍କୁ ଚର୍ମ ସହିତ, ଯେପରିକି ଆପଣ...ଦେଖନ୍ତୁ, ତାହା ପଛରେ ଏହା—ଏହା ଏକ ସର୍ବୋତ୍ତମ ବୁଦ୍ଧିମତ୍ତା ରହିଛି, ଯାହାକି—ଯାହାକି ତାହାକୁ ପରିଚାଳନା କରିଥାଏ। କାରଣ ସେ ସମସ୍ତ ବିଷୟକୁ ନିଜ ହାତରେ ଧରି ରଖିଛନ୍ତି। ଏବଂ ମୁଁ ଜାଣେ ଯେ ସେ ସବୁକିଛି କରିପାରନ୍ତି। ଏବଂ ଆମେ ଏଥିପାଇଁ ପ୍ରାର୍ଥନା କରିବା, ଆମେମାନେ ପ୍ରାର୍ଥନା କରିବା।

347 [ଜଣେ ଭାଇ ଭାଇ ବ୍ରାନହାମ୍‌ଙ୍କ ସହିତ କଥା ହୁଅନ୍ତି—ସମ୍ପା।] ସଠିକ୍। ଆମେ ପାଇଅଛୁ...

348 [ଭଉଣୀ ସ୍ନାଇଡର୍ କୁହନ୍ତି, "ଭାଇ ବିଲି, ମୋତେ କ୍ଷମା କରନ୍ତୁ।"—ସମ୍ପା।] ହଁ, ମହୋଦୟା, ତାହା ଠିକ୍ ଅଟେ, ଆଗକୁ ଯାଆନ୍ତୁ। [ଭଉଣୀ ସ୍ନାଇଡର୍ ଖବର ଜଣାନ୍ତି ଯେ ସେ ସେତେବେଳେ ସୁସ୍ଥତା ପାଇଥିଲେ ଯେତେବେଳେ ଭାଇ ବ୍ରାନହମ୍ ପୂର୍ବ ରବିବାର ଦିନ ତାଙ୍କ ପାଇଁ ପ୍ରାର୍ଥନା କରିଥିଲେ।] ଆମେନ୍। ଆପଣ ଜାଣନ୍ତି, ମୁଁ ଭାବିବାକୁ ଚେଷ୍ଟା କରିଛି, ଭଉଣୀ ସ୍ନାଇଡର୍, ଥରେ ଯେତେବେଳେ ମୁଁ ସେହି ଅଭିଷେକରେ ଏଠାରେ ଛିଡା ହୋଇଥିଲି, ମୁଁ ଭାବେ...ମୁଁ ଭାଇ କକ୍ସଙ୍କୁ କହିଥିଲି, ମୁଁ କହିଥିଲି, "ମୁଁ ଏଠାରେ ଆରାଧନାଳୟରେ ଆଉ ଅଧିକ ସେହି ହୃଦୟର କଥାଗୁଡିକୁ ଜାଣିବାର ସଭା କରିବା ପାଇଁ ଚେଷ୍ଟା କରିବାକୁ ଯାଉ ନାହିଁ।" ଓଃ, ଭଉଣୀ, ଆପଣ ଜାଣନ୍ତି ନାହିଁ ଯେ ସେହି ଶୟତାନ ମୋତେ ସେହି ଖୁଣ୍ଟ ଚାରିପାଖରେ କିପରି ଆଘାତ କରିଥାଏ। ସେ ଏହାକୁ କିପରି—କିପରି କରିଥାଏ! ଆପଣ ଜାଣନ୍ତି, ଏହି ହୃଦୟର କଥାଗୁଡିକୁ ଜାଣିବା ବିଷୟରେ ମୋତେ କହିଥାଏ।

349 ଏବଂ ଏଠାରେ, ଜାଣିବାକୁ ପାଇଲି ଯେ ଶ୍ରୀମତୀ ଉଡଙ୍କର ଭଉଣୀ ଏଠାରେ...ମୁଁ କଦାପି ସେମାନଙ୍କର କୌଣସି ବି ଲୋକମାନଙ୍କୁ ଦେଖି ନ ଥିଲି। ସେହି ସମୟରେ ସେମାନଙ୍କ ମଧ୍ୟରୁ ଏକ ଗୋଷ୍ଠୀ ସୁସ୍ଥ ହୋଇଥିଲେ, ଏବଂ ପ୍ରତ୍ୟେକେ...କାହିଁକି, ଆପଣ ଜାଣନ୍ତି, ସେହି ଲୋକମାନଙ୍କ ମଧ୍ୟରୁ ଏହା ଏକ ବଡ଼ ପ୍ରତିଶତ ଥିଲା ଯେଉଁମାନେକି ସୁସ୍ଥ କରା ଯାଇଥିଲେ। ଏବଂ ତାହା ପରେ...ବର୍ତ୍ତମାନ ବିଚିତ୍ର କଥାଟି ହେଲା: ତାଙ୍କର ଭଉଣୀ, ମୁଁ

ତାଙ୍କ ସହିତ ଗୋଟିଏ ରାତ୍ରି ରାତ୍ରିଭୋଜ ନେଇଥିଲି, ପ୍ରାୟଃ ତାର ଦୁଇ ସପ୍ତାହ ପୂର୍ବରୁ,... ଓଃ, ଟାହା କେଣ୍ଟକିର ପାର୍ବତ୍ୟ ଅଞ୍ଚଳରେ ଥିଲା, ଓ ମୁଁ—ମୁଁ କେବଳ ଜାଣିଥିଲି ଯେ ତାଙ୍କର ଶ୍ରୀମତୀ ଉଡ଼ଙ୍କ ପରି ଏକ ସ୍ୱର ରହିଥିଲା, ଏବଂ ତାହା କୋଠରୀରେ ଏତେ ହାଲୁକା ନ ଥିଲା । ଏବଂ ମୁଁ କୌଣସି ପ୍ରକାରେ ତାଙ୍କ ପ୍ରତି ଧ୍ୟାନ ଦେଇ ନ ଥିଲି, ମୁଁ ତ, ତାଙ୍କ ସ୍ୱାମୀଙ୍କ ସହ ଅଧିକ କଥାବାର୍ତ୍ତା ହେଉଥିଲି, ସେ ରାତ୍ରି ଭୋଜନ ପ୍ରସ୍ତୁତ କରୁଥିଲେ । ଏବଂ ଆମେମାନେ ବାହାରକୁ ଗଲୁ ଏବଂ ବସି ଭୋଜନ କଲୁ; ଆଉ ଭିତରକୁ ଫେରି ଆସିଲୁ, ମୁଁ ତାଙ୍କ ସ୍ୱାମୀଙ୍କ ସହିତ କଥା ହେଉଥିଲି, ଆଉ ଉଠି ବାହାରକୁ ଚାଲିଗଲି । ଏବଂ ପରମେଶ୍ୱର ଯିଏକି ମୋର ପବିତ୍ର ବିଚାରକର୍ତ୍ତା ଅଟନ୍ତି ସେ ଜାଣନ୍ତି (ଏହି ମଞ୍ଚରେ ଛିଡା ହୋଇ) ମୁଁ ସେହି ସ୍ତ୍ରୀଲୋକଙ୍କୁ କଦାପି ଚିହ୍ନି ନ ଥିଲି ।

350 ଏବଂ ତାହାପରେ ଆରୋଗ୍ୟ ସେବା ସମାପ୍ତ ହେବା ପରେ, ମୁଁ ପାପୀମାନଙ୍କୁ ଅନୁତାପ କରିବା ନିମନ୍ତେ ବେଦୀର ଡାକରା ଦେଲି । ଏବଂ ସେ ଏହା ବିରୁଦ୍ଧରେ ଅତ୍ୟଧିକ କ୍ରୁଦ୍ଧ ରହି ଆସିଥିଲେ; ଏବଂ ସେ ଅନୁତାପ କଲେ ଓ ଖ୍ରୀଷ୍ଟଙ୍କୁ ନିଜର ଜୀବନ ଦେଇଥିଲେ, ନିଜର ହାତକୁ ଉତ୍ତୋଳନ କରିଥିଲେ ଯେ ସେ ନିଜର ଜୀବନକୁ ଖ୍ରୀଷ୍ଟଙ୍କ ନିକଟରେ ସମର୍ପଣ କରିବେ, ଏବଂ କାନ୍ଦିଥିଲେ । ସମସ୍ତ ଅଭିଷେକ ଚାଲିଯିବା ପରେ, ମୋର ବେଦୀର ଡାକରା ଏବଂ, ଇତ୍ୟାଦି ପରେ । ଏବଂ ତାହାପରେ ମୁଁ ବୁଲି ପଡ଼ିଥିଲି, ଏବଂ ଏଠାରେ ଏକ ଦର୍ଶନ ଥିଲା, ଏବଂ ମୁଁ ତାଙ୍କ ଭାଇକୁ ଦେଖିଲି; ଯାହାକି ଏକ ଭଉଣୀ ଥିଲେ, ଏହା ତାଙ୍କର ଭଉଣୀ ଥିଲେ, ଏବଂ ସେମାନେ ଏକାଠି ଥିଲେ ।

351 ଏବଂ ମୁଁ ଭାବିଲି ଯେ ଏହା ଚାର୍ଲିଙ୍କ ପତ୍ନୀ ଥିଲେ, କାରଣ ମୁଁ ଅନ୍ୟ ଦିନ ସେଠାରେ ମେଜ ଉପରେ, ଚାର୍ଲିଙ୍କ ଘରେ—ଘରେ ବସି ଏହା ଜାଣିବାକୁ ପାଇଲି...ତାଙ୍କର ସାନ ପତ୍ନୀ, ସାନ ଦୁର୍ବଳ ସ୍ତ୍ରୀଜଣେ, ପ୍ରଭୁ ମୋତେ ଏକ ସମସ୍ୟା ଦେଖାଇଲେ ଯାହାକି ତାଙ୍କର ଥିଲା । ଏବଂ ଠିକ ସେହି ଘଟିକାରୁ, ପ୍ରଭୁ ସେହି ସମୟରେ ସେଠାରେ ତାଙ୍କ ମେଜରେ ବସିଥିବା ଅବସ୍ଥାରେ, ତାଙ୍କ ଶରୀରକୁ ସ୍ପର୍ଶ କରିଥିଲେ । ଟନି, ଆମେ ସେଠାରେ ତଳେ, କେଉଁଠାରେ ଥିଲୁ, ଗୁଣ୍ଡୁଚି ମୂଷା ଶିକାର କରିବାକୁ ଯାଇଥିଲୁ । ଏବଂ ପ୍ରଭୁ ତାଙ୍କ ଶରୀରକୁ ଛୁଇଁଥିଲେ ଏବଂ ଏହି ଜିନିଷଟିକୁ ବାହାର କରି ଦେଇଥିଲେ ଯାହାକି ତାଙ୍କୁ...ତାଙ୍କ ଜୀବନସାରା ପିନ୍ଧିବାକୁ ପଡିଥିଲା, କେବଳ ସେଠାରେ ବସିରହି; ତାଙ୍କଠାରୁ ଦୂର କରିଥିଲେ । ଏବଂ ସେହି ସାନ ସ୍ତ୍ରୀଲୋକଟି ସର୍ବଦା ମେଜର ଅନ୍ୟ ପଟେ ବସି ଭୋଜନ କରିଥାନ୍ତି, କିନ୍ତୁ ଆଜି, ସେ ଠିକ ପାଖକୁ ଆସିଲେ, ଏବଂ ତାଙ୍କ ଚୌକିକୁ ନେଇକରି ଆସିଲେ, ଏବଂ ଠିକ ମୋ ପାଖରେ ଭୋଜନ କଲେ । ସେ କଦାପି ଜାଣି ନ ଥିଲେ ଯେ ସେ କଅଣ କରୁଥିଲେ । ତାଙ୍କ ସ୍ୱାମୀ ଏହିପରି ଭାବେ ବସିଥିଲେ, ଏବଂ ଭାଇ ବ୍ୟାଙ୍କସ ସେଠାରେ ବସିଥିଲେ, ଏବଂ ଆମେମାନେ କଥାବାର୍ତ୍ତା କରୁଥିଲୁ । ଏବଂ ସେ ବୁଲି ପଡିଲେ, ଓ ନିଜର ଚୌକିକୁ ନେଇକରି ଆସିଲେ, ଏବଂ ଏହାକୁ ମୋ ପାଖରେ ରଖିଲେ । ଏବଂ ଏହା ଏକ ଉଦ୍ଦେଶ୍ୟ ପାଇଁ ଥିଲା, ପ୍ରଭୁ ଠିକ ସେଠାରେ ଏକ ଦର୍ଶନ ଦେଖାଇଥିଲେ । ଏବଂ ମୁଁ ତାଙ୍କ ସ୍ୱାମୀଙ୍କୁ ବାହାରକୁ ଡାକିଲି, କାରଣ ଏହା ଏକ

ସ୍ତ୍ରୀଲୋକ ଜନିତ ସମସ୍ୟା ଥିଲା, ମୁଁ ତାଙ୍କୁ କହିବାକୁ ଲାଗିଲି ଯେ କଅଣ ଘଟିତ ହୋଇଥିଲା । ସେ କହିଲେ, "ଭାଇ ବ୍ରାନହାମ୍, ତାହା ଅବିକଳ ଠିକ୍ ସେହିପରି ଭାବରେ ଘଟିଅଛି, ଅବିକଳ ଠିକ୍ ସେହିପରି ।" ଏବଂ ସେଠାରେ ସେ ସେହି ସ୍ତ୍ରୀଲୋକଙ୍କୁ କହିଲେ, ଏବଂ ପ୍ରଭୁ ତାଙ୍କୁ ସୁସ୍ଥ କଲେ । ଠିକ୍ ଅଛି ।

352 ଏବଂ ତାହାପରେ ଅନ୍ୟ ରାତ୍ରିରେ ସେବା ଶେଷ ହେବା ପରେ, ଏବଂ ଏହି ଅନ୍ୟ ଭଉଣୀଟି, ମୁଁ ଏହି ଯୁବା ଚାର୍ଲ୍ସ ଏବଂ ଏହି ସ୍ତ୍ରୀଲୋକଙ୍କୁ ଏକାଠି ଦେଖିଲି । ମୁଁ ଭାବିଲି, "ତାହା ନିଶ୍ଚୟ ତାଙ୍କର ପତ୍ନୀ ହୋଇଥିବେ; କିନ୍ତୁ ତାଙ୍କ ପତ୍ନୀଙ୍କର ତ ସୁବର୍ଣ୍ଣ କେଶ ଥିଲା, ଏବଂ ଏହା ତ ଶ୍ୟାମବର୍ଣ୍ଣ କେଶ ଥିବା ଜଣେ ସ୍ତ୍ରୀଲୋକ ଅଟନ୍ତି ।" ଏବଂ ମୁଁ ଦେଖିଲି ଯେ ସେହି ଦର୍ଶନଟି ବୁଲି ପଡ଼ି ଏଠାରେ ଏକ କୋଣକୁ ଚାଲିଗଲା । ଏବଂ ସେଠାରେ ସେ ବସି ଥାଇ ନିଜର ଆଖି ପୋଛୁଥିଲେ ଏବଂ ସେ ତାହା କରିସାରିବା ପାରେ ପ୍ରଭୁ ଏକ ଦର୍ଶନ ଦେଖାଇଲେ…ସେହି ବେଦୀର ଡାକରା…ପ୍ରାର୍ଥନା ସଭା, ରୋଗୀମାନଙ୍କର ଆରୋଗ୍ୟ ସଭା ସମାପ୍ତ ହେବା ପରେ, ଏବଂ ବେଦୀ ଡାକରା ଦିଆ ଯାଇସାରିବା ପରେ, ଆଉ ପରମେଶ୍ୱର ଅପେକ୍ଷା କରିଥିଲେ ଯେପର୍ଯ୍ୟନ୍ତକି ସେ ଅନୁତାପ ନ କରି ନେଲେ ଏବଂ ତାହାଙ୍କୁ ନିଜର ଜୀବନ ନ ଦେଇ ଦେଲେ, ଆଉ ତାହାପରେ ବୁଲି ପଡି ତାଙ୍କୁ ସୁସ୍ଥ କଲେ । ଏବଂ ତାଙ୍କର ରହିଥିଲା…ତାଙ୍କର ସମସ୍ୟାଗୁଡିକ ଯୋଗୁଁ ତାଙ୍କର ବର୍ଷ ବର୍ଷ ଧରି ଫୁଲି ରହିଥିଲା । ଏବଂ ସେ ଏତେ ଦୁର୍ବଳ ହୋଇ ଯାଇଥିଲେ, ଏବଂ ସବୁକିଛି ହୋଇଥିଲା, ଏପରିକି ତାଙ୍କ ପାଦର କୁଞ୍ଚନ ହୋଇଯାଇଥିଲା ଯେଉଁଠାରୁକି ସମସ୍ତକିଛି ବିଷୟ ତାଙ୍କଠାରୁ (ବିଷ) ତାଙ୍କ ଶରୀରରୁ ଚାଲି ଯାଇଥିଲା । ସେ ଅନ୍ୟ କେତେକ ବର୍ଷ ଅପେକ୍ଷା ଭଲ ଅନୁଭବ କରିଥିଲେ, ଦେଖନ୍ତୁ । ଏବଂ ପ୍ରଭୁ କିପରି ତାହାଙ୍କର ଆଶ୍ଚର୍ଯ୍ୟଜନକ ଅନୁଗ୍ରହ ଦ୍ୱାରା ତାହା କରନ୍ତି! ମୁଁ ଭାବୁଛି ଯେ ସେହି କାହାଣୀ ବିଷୟରେ ତାହାହିଁ ଥିଲା; ଭଉଣୀ ଉଡ଼୍, କଅଣ ତାହା ନୁହେଁ କି? ଏବଂ ସେ କିପରି କରନ୍ତି! ପରେ…କଅଣ କହିବେ? [ଭଉଣୀ ଉଡ଼୍ କୁହନ୍ତି, "ସେ ଗତ ସପ୍ତାହରେ ସାତ ପାଉଣ୍ଡ ଓଜନ ହ୍ରାସ କରିଥିଲେ ।"—ସମ୍ପା ।] ଗୋଟିଏ ସପ୍ତାହରେ ସାତ ପାଉଣ୍ଡ । ଓଃ, ସେ ପରମେଶ୍ୱର ଅଟନ୍ତି, କଅଣ ସେ ନୁହଁନ୍ତି କି?

353 ବର୍ତ୍ତମାନ, ମୁଁ ଆପଣଙ୍କୁ କହିବି, ଯେଉଁ କାରଣରୁ ମୁଁ ଭାଇ ନେୱିଲଙ୍କୁ କହିଥିଲି…ମୁଁ ଭାବିଲି ଯେ ବୋଧହୁଏ ଆଜି ରାତି ପାଇଁ ତାଙ୍କ ପାଖରେ ଏକ ବାର୍ତ୍ତା ରହିଥିବ । ସେ କହିଲେ, "ନା," ତାଙ୍କ ପାଖରେ ନାହିଁ । ଏବଂ ମୋ ପାଖରେ ଏଠାରେ କିଛି ପ୍ରଶ୍ନମାନ ଅଛି ଯାହାକି ବାକି ରହି ଯାଇଥିଲା, ମୁଁ ନୈତିକତା ଦୃଷ୍ଟିରୁ ଏଠାରେ ଆସି ଏହି ପ୍ରଶ୍ନଗୁଡିକର ଉତ୍ତର ଦେବା ପାଇଁ ବାଧ୍ୟ ଅନୁଭବ କଲି । ତାହାପରେ ମୋ ପାଖରେ ଆଉ ଦୁଇଟି ବା ତିନୋଟି ରହିବ ଯାହାକି ବୋଧହୁଏ ଆଜି ରାତିରେ ନେଇ ନ ପାରେ ।

354 ମୁଁ ଆପଣଙ୍କୁ ଦେଖାଇବାକୁ ଚାହେଁ ଯେ କେତୋଟି ଠିକ୍ ବର୍ତ୍ତମାନ ହିଁ ଜଣେ ପ୍ରଚାରକଙ୍କଠାରୁ ଦିଆଯାଇଥିଲା । ଭାଇ ନେୱିଲ୍ କେବଳ, କିମ୍ବା, ବିଲର୍ ସେଗୁଡିକୁ ମୋ

ପାଖକୁ ଆଣିଥିଲେ । [ଭାଇ ବ୍ରାନହାମ୍ ନିମ୍ନଲିଖିତ ଆଠଟି ପ୍ରଶ୍ନର ଉତ୍ତର ଦିଅନ୍ତି ଭାଗ ।।। ରେ, 67 ରୁ 74 ପ୍ରଶ୍ନ ଭାବରେ—ସମ୍ପା ।]

**ପ୍ରକାଶିତ ବାକ୍ୟରେ 21:19 ଏବଂ 20 ରେ ପଥରଗୁଡିକ କଅଣ ନିଦର୍ଶିତ କରେ?**

**ପ୍ରକାଶିତ ବାକ୍ୟ 5 ର ଚାରୋଟି ପଶୁକୁ ବ୍ୟାଖ୍ୟା କରନ୍ତୁ...** ତାଙ୍କର କହିବାର ଅର୍ଥ 6; ଏହା ପ୍ରକାଶିତ ବାକ୍ୟ 5 ନୁହେଁ, ମୁଁ ଭାବୁଛି, ଏହା 6 ଅଟେ ।

**ଏବଂ ଚବି-ଶ ଜଣ ପ୍ରାଚୀନ କିଏ ଅଟନ୍ତି?**

**ଆଦିପୁସ୍ତକ 38 ର ଲାଲ ରଙ୍ଗର ଡୋରୀର ଅର୍ଥ କଅଣ?**

**ପ୍ରକାଶିତ ବାକ୍ୟ 11 ର, ଦୁଇ ସାକ୍ଷୀଙ୍କ ମୃତ୍ୟୁ ସମ୍ବନ୍ଧରେ ଉପହାରଗୁଡିକ କେଉଁଠାରେ ପଠାଯିବାକୁ ଅଛି?**

**ସହ-ସ୍ର ବର୍ଷର ଶାସନ ପରେ ସାଧୁମାନେ କେଉଁଠାରେ ରହିବେ? ଏବଂ ସେମାନଙ୍କର କି ପ୍ରକାର ଏକ ଶରୀର ରହିବ?**

**ଆମେମାନେ କିପରି ଦୂତମାନଙ୍କର ବିଚାର କରିବା?**

**ପ୍ରଥମ କରିନ୍ଥୀୟର ଦୂତମାନଙ୍କର କେଶ ବିଷୟରେ କଅଣ ଅଛି?**

355 କେତୋଟି ଉତ୍ତମ ପ୍ରଶ୍ନଗୁଡିକ ବିଷୟରେ କୁହନ୍ତୁ, ଏଠାରେ ତାହା କେତୋଟି ଅଛି । ମୁଁ ବୋଧହୁଏ ଆଜି ରାତିରେ ସେଗୁଡିକୁ ନେଇପାରିବି ନାହିଁ, କିନ୍ତୁ ଯଦି ପ୍ରଭୁ ଇଚ୍ଛା କରନ୍ତି, ପରବର୍ତ୍ତୀ ଥର ମୁଁ ଏହାକୁ ନେବା ପାଇଁ ଚେଷ୍ଟା କରିବି ଯେତେବେଳେ ଆମେ ସେଥିପାଇଁ ଆସିବା ।

356 ଆଜି ରାତିରେ ମୁଁ ଏଠାରେ କେତୋଟି ଉତ୍ତମ ପ୍ରଶ୍ନମାନ ପାଇଅଛି; ତେଣୁକରି ଆମେ ବର୍ତ୍ତମାନ ପ୍ରାର୍ଥନା କରିବା ଏବଂ ପ୍ରଭୁଙ୍କୁ ଆମର ସାହାଯ୍ୟ କରିବା ପାଇଁ କହିବା, ଏବଂ ଆମେ ସୀଧାସଳଖ ପରବର୍ତ୍ତୀ ପାଇଁ ସେଥି ଭିତରକୁ ଯିବା, ଓଃ, ପଇଁ-ତିରିଶ, ଚାଳିଶ ମିନିଟ୍ ପାଇଁ ।

357 ତେବେ, ହେ ଆଶୀଷିତ ସ୍ୱର୍ଗସ୍ଥ ପିତା, ଆମେ ସେ ସେସମସ୍ତ ବିଷୟ ପାଇଁ ତୁମଠାରେ କୃତଜ୍ଞ ଅଟୁ ଯାହା ତୁମେ ଆମ ପାଇଁ କରିଅଛ । ଏବଂ, ଓଃ, ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଅଟେ ଯେ ତୁମର ଅନୁଗ୍ରହ କିପରି ଆମ ପାଖକୁ ପହଞ୍ଚି ଆସିଥାଏ । ମୁଁ ବର୍ତ୍ତମାନ ଚିନ୍ତା କରୁଛି, ଯେ ଅନ୍ୟ ରାତିରେ, ଏବଂ ମୋର ସେହି ଛୋଟ ସାଥୀ, ଓଃ, ଏତେ ଅସୁସ୍ଥ ଥିଲା, ଏବଂ ତୁମେ ଦୃଶ୍ୟକୁ ଚାଲି ଆସିଲ । ତାହାର ଜ୍ୱର ସେହି ଘଟିକାରୁ ହ୍ରାସ ପାଇବାକୁ ଲାଗିଲା, ଏବଂ ବର୍ତ୍ତମାନ ସମ୍ପୂର୍ଣ୍ଣଭାବେ ଛାଡି ଚାଲି ଯାଇଅଛି । ମୁଁ ତୁମକୁ ଧନ୍ୟବାଦ କରେ । ଏବଂ ସେହି...କେବଳ ପ୍ରାର୍ଥନା କରେ ଯେ ତୁମେ ସେହି ପ୍ରତ୍ୟେକ ଜଣ ଓ ସମସ୍ତଙ୍କ ସହିତ ରହିବ ଯେଉଁମାନେକି ଆଜି ରାତିରେ ଏକ ଅନୁରୋଧ ଭିକ୍ଷା କରିଛନ୍ତି । ଏବଂ ଆମେ ତାହା ଅଳ୍ପ ହିଁ ଜାଣିଥାଉ, ଯେପର୍ଯ୍ୟନ୍ତକି ଏହା ଆମ ନିଜ ଘର ଉପରକୁ ନ ଆସିଯାଏ, ଯେ ଅଳ୍ପ ଟିକିଏ ପ୍ରାର୍ଥନା, ତାହାର ଅର୍ଥ କଅଣ ଅଟେ । ହେ ପରମେଶ୍ୱର, କଅଣ...ତୁମେ କିପରି—କିପରି

ଏତେ ବାସ୍ତବ ହୋଇଅଛ। ସେହି ଘଟିକାରେ ଯେତେବେଳେ ଜଣେ ଡାକ୍ତର ଚାଲିଯିବେ, ଏବଂ କହିବେ, "ମୁଁ ଜାଣେ ନାହିଁ, ମୁଁ ଏହିପରି ବ୍ୟବହାର କରୁଥିବା କୌଣସି ବିଷୟ କେବେ ଦେଖି ନାହିଁ," ଏବଂ ତାହାପରେ ପ୍ରଭୁ ଯୀଶୁ ଦୃଶ୍ୟପଟ୍ଟକୁ ଆସନ୍ତି।

358 ହେ ପରମେଶ୍ୱର, ତୁମେ ଆମ ପାଇଁ ଏତେ ବାସ୍ତବିକ ଅଟ, ଏବଂ ଆମେ ଏଥିପାଇଁ ବହୁତ ଖୁସି ଅଟୁ। ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆମକୁ ଆମର ସମସ୍ତ ଅଳସୁଆ ପଥସବୁ ପାଇଁ ଏବଂ ଆମର ନିରର୍ଥକ ମାର୍ଗ ପାଇଁ କ୍ଷମା କରିବ। ଏବଂ, ଓଃ, କେବଳ ଆମକୁ ମନେ ରଖ, ପ୍ରଭୁ, ଯେ ଆମେ ଏକ ଅନ୍ଧକାର ଜଗତରେ, ଅନ୍ଧକାର ଏବଂ ପାପମୟ ଓ ବିଶୃଙ୍ଖଳା ଜଗତରେ ମାଂସ ମାତ୍ର ଅଟୁ। ଏବଂ ଆମେ ଏକ ଆବରଣ ଦେଇ ଦେଖୁଅଛୁ, ଯେପରିକି ଏହା, ଆମ ମୁହଁ ଉପରେ ରହିଥିଲା, ଏବଂ ଆମେ କେବଳ ସେହିପରି ଭାବରେ ଦେଖୁ ଓ ଜାଣୁ ଯେପରିକି ଆମେ ଏଠାରେ ମାନବିକ ଭାବରେ କରିଥାଉ। କିନ୍ତୁ ଦିନେ ଯେତେବେଳେ ସେହି ଆବରଣଟି କାଢି ନିଆଯିବ, ସେତେବେଳେ ଆମେ ତୁମକୁ ମୁହାଁମୁହିଁ ଦେଖିବା ଏବଂ ଜାଣିବା ଯେପରିକି ଆମେ ଜଣାଯାଉ। ସେହି ଦିନ ପାଇଁ ହିଁ ଆମେ ଅପେକ୍ଷା କରୁଅଛୁ।

359 ହେ ପିତା, ଆମେ ବର୍ତ୍ତମାନ ପ୍ରାର୍ଥନା କରୁଛୁ, ଯେ ତୁମେ ଆମକୁ ସାହାଯ୍ୟ କରିବ ଯେତେବେଳେ ଆମେ ଲୋକମାନଙ୍କୁ ସେମାନଙ୍କର ଅନୁରୋଧ କ୍ରମେ, ପରମେଶ୍ୱରଙ୍କ ବାକ୍ୟ ପ୍ରଦାନ କରିବାକୁ ଚେଷ୍ଟା କରୁଅଛୁ। ଆମଠାରୁ ସମସ୍ତ ରୋଗକୁ ଦୂର କରିଦିଅ। ହେ ପ୍ରଭୁ, ଆମେ ତୁମର ପ୍ରୟୋଜନ କରୁ। ଏବଂ ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଏହାକୁ ପ୍ରଦାନ କରିବ। ତୁମର ଦୟା ଆମ ଉପରେ ବର୍ତ୍ତୁ, ଯେହେତୁ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

360 ତେବେ, ପ୍ରଶ୍ନରଗୁଡିକର ଉତ୍ତର ଦେବାରେ, ମୁଁ ଦେଶରେ ସର୍ବଶ୍ରେଷ୍ଠ ନୁହେଁ, ଆପଣ ଜାଣନ୍ତି। କିନ୍ତୁ ମୁଁ କେବଳ ମୋର ସର୍ବୋତ୍ତମ ଜ୍ଞାନରେ ଉତ୍ତର ଦେବି।

361 ଅନ୍ୟ ରାତ୍ର ମୁଁ ଏଥି ସହିତ ଆରମ୍ଭ କରିଥିଲି, ଏବଂ ମୋତେ ବନ୍ଦ କରିବାକୁ ପଡିଥିଲା:

60. **"ଗୋଟିଏ ଆତ୍ମା ଦ୍ୱାରା ଆମେ ସମସ୍ତେ ଖ୍ରୀଷ୍ଟଙ୍କ ଶରୀରରେ ବାପ୍ତିଜିତ ହୋଇଅଛୁ।"** (ଆପଣ ସମସ୍ତଙ୍କର ମନେ ଥିବ ଯେ ମୁଁ ସେହି ପ୍ରଶ୍ନଟି ଉପରେ ଥିଲି। ତେବେ ଅବଶ୍ୟ, ତାହା ପ୍ରଥମ କରିନ୍ଥୀୟ 12 ରେ, ମିଳେ)…**ସେହି ସମୟରେ ଯେତେବେଳେ ଆମେ… ନୂତନ ଜନ୍ମ ଗ୍ରହଣ କରୁ, ଏହା ଘଟିତ ହୋଇଥାଏ। ଏହା ହେଉଛି…କଅଣ ଏହା ସେହି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଅଟେ, କିଅବା କଅଣ ଏକ ପରବର୍ତ୍ତୀ ବାପ୍ତିସ୍ମ ଅଛି, ନା ଏହା ଏକ ପରିପୂର୍ଣ୍ଣ କରିବା ଅଟେ?**

362 ବର୍ତ୍ତମାନ, ସେଠାରେ ଏକ ଉତ୍ତମ ପ୍ରଶ୍ନ ଅଟେ, ଏବଂ ଆମେ ଆମର ଅବଶିଷ୍ଟ ସମୟକୁ ଠିକ ସେହି ଗୋଟିକ ଉପରେ ଅତିବାହିତ କରିପାରିବା, ଏବଂ ଆଜି ରାତି ଓ ଆସନ୍ତାକାଲି ରାତି ଓ ପ୍ରଭୃତିରେ। ଏହା ସମ୍ପୃକ୍ତ କରିବ…ଏହା ନେବ—ଏହା ସମଗ୍ର ବାଇବଲକୁ ନେବ ଓ ଏକତ୍ର

ବାନ୍ଧିବ । ପ୍ରତ୍ୟେକ ଶାସ୍ତ୍ରକୁ ବାଇବଲରେ ଥିବା ଅନ୍ୟ ସମସ୍ତ ଶାସ୍ତ୍ର ସହିତ ସଠିକ୍ ଭାବରେ ମିଶିବା ଆବଶ୍ୟକ ।

363 କିନ୍ତୁ ଏହାକୁ ଅଳ୍ପ ଏକ ସଂକ୍ଷିପ୍ତ, ସରଳ କରିବାକୁ ଚେଷ୍ଟା କରୁଅଛି ଯେପରି ଭାବରେ ତାହା କରିବାଟା ମୁଁ ଜାଣେ, ନା; ଯେତେବେଳେ ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରନ୍ତି, ସେତେବେଳେ ଆପଣଙ୍କର ନୂତନ ଜନ୍ମ ହୋଇଥାଏ । ଯେତେବେଳେ ଆପଣ ପ୍ରଭୁଙ୍କ ଉପରେ ବିଶ୍ୱାସ କରନ୍ତି, ସେତେବେଳେ ଆପଣ ଏକ ନୂତନ ଚିନ୍ତା, ଏକ ନୂତନ ଜୀବନ ଗ୍ରହଣ କରନ୍ତି, କିନ୍ତୁ ଏହା ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ନୁହେଁ । ବୁଝିଲେ? ଯେତେବେଳେ ଆପଣ ବିଶ୍ୱାସ କରନ୍ତି, ଆପଣ ସେତେବେଳେ ନୂତନ ଜନ୍ମ ପାଇଥାନ୍ତି, ଆପଣ ଅନନ୍ତ ଜୀବନ ପାଇଥାନ୍ତି । ଏହା ତ ପରମେଶ୍ୱରଙ୍କର ଏକ ଉପହାର ଅଟେ ଯାହାକି ଆପଣଙ୍କୁ ସେହି ସାର୍ବଭୌମ ଅନୁଗ୍ରହ ମାଧ୍ୟମରେ ଦିଆଯାଇଅଛି ଯାହାକି ପରମେଶ୍ୱର ଆପଣଙ୍କୁ ଦେଇଥିବା ସେହି ଉପହାରକୁ ଗ୍ରହଣ କରିବା ଦ୍ୱାରା ଆପଣ ପାଆନ୍ତି । “ସେ—ସେ ଯିଏ ମୋହର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି ।” ତାହାଙ୍କଠାରେ ଅନନ୍ତ ଜୀବନ ଥାଏ; ତାହା ହେଉଛି ନୂତନ ଜନ୍ମ, ଆପଣ ପରିବର୍ତ୍ତିତ ଅଟନ୍ତି, ଏହାର ଅର୍ଥ ଆପଣ “ବୁଲି ପଡିଛନ୍ତି ।”

364 ମାତ୍ର ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଆପଣଙ୍କୁ ଖ୍ରୀଷ୍ଟଙ୍କ ଶରୀରରେ ସ୍ଥାପିତ କରେ, ସେବା ନିମନ୍ତେ ଦାନଗୁଡିକର ଅଧୀନରେ । ଏହା ଆପଣଙ୍କୁ ଆଉ କୌଣସି ଅଧିକ ଜଣେ ଖ୍ରୀଷ୍ଟିଆନ କରେ ନାହିଁ, ଏହା କେବଳ ଆପଣଙ୍କୁ ଦାନଗୁଡିକର ଶରୀର ଭିତରେ ରଖିଥାଏ । ବୁଝିଲେ? “ବର୍ତ୍ତମାନ, ଗୋଟିଏ ଆତ୍ମା ଦ୍ୱାରା” (ପ୍ରଥମ କରିନ୍ଥୀୟ 12) “ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ । ତେବେ,” ପାଉଲ କୁହନ୍ତି, “ବିଭିନ୍ନ ଦାନଗୁଡିକ ଅଛି, ଏବଂ ଏହି ଶରୀରରେ ନଅଗୋଟି ଆତ୍ମିକ ଦାନଗୁଡିକ ଅଛି ।” ଏବଂ ଏହି ଶରୀରରେ…ଆପଣଙ୍କୁ ଏହି ଦାନଗୁଡିକ ମଧ୍ୟରୁ ଗୋଟିଏକୁ ପାଇବା ପାଇଁ ହେଲେ ସେହି ଶରୀରରେ ବାପ୍ତିଜିତ ହେବାକୁ ପଡିବ । ସେମାନେ ଶରୀର ସହିତ ଆସନ୍ତି ।

365 କିନ୍ତୁ, ବର୍ତ୍ତମାନ, ଯେତେଦୂର ଅନନ୍ତ ଜୀବନ ପାଇବା ଏବଂ ଖ୍ରୀଷ୍ଟିଆନ ହେବା ବିଷୟ ଅଟେ, ଆପଣ ବିଶ୍ୱାସ କରିଥିବା ମୁହୂର୍ତ୍ତରେ ହିଁ ଜଣେ ଖ୍ରୀଷ୍ଟିଆନ ହୋଇଯାଆନ୍ତି । ବର୍ତ୍ତମାନ, ତାହା କୃତ୍ରିମ-ବିଶ୍ୱାସ କରିବା ନୁହେଁ, ତାହା ତ ପ୍ରକୃତରେ ପ୍ରଭୁ ଯୀଶୁଙ୍କ ଉପରେ ବିଶ୍ୱାସ କରିବା ଅଟେ ଏବଂ ତାହାଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା ଅଟେ; ଆପଣ ଠିକ ସେହିଠାରେ ହିଁ ନୂତନ ଜନ୍ମ ପାଇଥାଆନ୍ତି, ଏବଂ ଅନନ୍ତ ଜୀବନ ପାଇଥାଆନ୍ତି । ପରମେଶ୍ୱର ଆପଣଙ୍କ ଭିତରକୁ ଆସନ୍ତି ।

366 ବର୍ତ୍ତମାନ, ଅନନ୍ତ ଜୀବନକୁ ଦେଖନ୍ତୁ; ଯୀଶୁ କହିଲେ, “ଯିଏ ମୋହର ବାକ୍ୟ ଶୁଣେ ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି, ଏବଂ ସେ ବିଚାରକୁ ଆସିବେ ନାହିଁ ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି ।” ଆପଣ

ଠିକ ସେତେବେଳେ ସେଠାରେ ଏକ ନୂତନ ସୃଷ୍ଟି ଅଟନ୍ତି । ତାହାପରେ ପାଉଲ ପ୍ରେରିତ କ୍ରିୟା 19 ରେ, କେତେକେ ସେହି ଲୋକମାନଙ୍କୁ ଭେଟିଥିଲେ । ସେମାନଙ୍କ ପାଖରେ ସେଠାରେ ଏକ ପ୍ରଚାରକ ଥିଲେ ଯିଏକି ଜଣେ ପରିବର୍ତ୍ତିତ ଓକିଲ ଥିଲେ ଯାହାଙ୍କର ନାମ ଆପଲ୍ଲ ଥିଲା । ଏବଂ ଆପଲ୍ଲ ଶାସ୍ତ୍ରରେ ଜଣେ ଶକ୍ତିଶାଳୀ ବ୍ୟକ୍ତି ଥିଲେ, ଏବଂ ସେ ଶାସ୍ତ୍ର ଦ୍ୱାରା ପ୍ରମାଣ କରୁଥିଲେ ଯେ ଯୀଶୁ ହେଉଛନ୍ତି ଖ୍ରୀଷ୍ଟ । ବୁଝିଲେ?

367 ତେବେ ଦେଖନ୍ତୁ । ଆପଲ୍ଲ, ବାକ୍ୟ ଜରିଆରେ, ବାକ୍ୟ ଦ୍ୱାରା ପ୍ରମାଣ କରୁଥିଲେ । "ବିଶ୍ୱାସ ଶୁଣିବା ଦ୍ୱାରା, ବାକ୍ୟ ଶୁଣିବା ଦ୍ୱାରା ଆସେ । ସେ ଯିଏକି ମୋର ବାକ୍ୟ ଶୁଣେ, ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି ।" କଅଣ ଆପଣ ଏହା ବୁଝିଲେ କି? ଆପଲ୍ଲ, ବାକ୍ୟ ଦ୍ୱାରା, ପ୍ରମାଣ କରୁଥିଲେ । ଏବଂ ଏମାନେ ଖ୍ରୀଷ୍ଟିଆନ ଥିଲେ, ଏମାନେ ଅନୁଗମନକାରୀ, ଶିଷ୍ୟମାନେ ଥିଲେ । ଏବଂ ଆପଲ୍ଲ ବାକ୍ୟ ଦ୍ୱାରା ପ୍ରମାଣ କରୁଥିଲେ, ଯେ ଯୀଶୁ ହିଁ ଖ୍ରୀଷ୍ଟ ଥିଲେ । ଏବଂ ସେମାନେ ବହୁତ ଆନନ୍ଦ କରିଥିଲେ ଏବଂ ବାକ୍ୟ ଗ୍ରହଣ କରିଥିଲେ, ତଥାପି କେବଳ ଯୋହନଙ୍କର ବାପ୍ତିସ୍ମ ଜାଣିଥିଲେ ।

368 ଏବଂ ଯେତେବେଳେ ପାଉଲ ଏଫିସର ଉପରିସ୍ଥ ଉପକୂଳବର୍ତ୍ତୀ ଅଞ୍ଚଳ ଦେଇ ଯାତ୍ରା କରିଥିଲେ, ସେତେବେଳେ ସେ ଏହି ଶିଷ୍ୟମାନଙ୍କର ଦେଖା ପାଇଥିଲେ ଏବଂ ସେ କହିଲେ, "କଅଣ ତୁମେ ବିଶ୍ୱାସ କରିଥିବା ସମୟ *ଠାରୁ* ପବିତ୍ରଆତ୍ମା ପ୍ରାପ୍ତ ହୋଇଛ କି?" ବୁଝିଲେ?

369 ବର୍ତ୍ତମାନ, ଯେତେବେଳେ ତୁମେ ବିଶ୍ୱାସ କର, ଯୀଶୁ କହିଥିଲେ, "ତୁମଠାରେ ଅନନ୍ତ ଜୀବନ ଅଛି ।" ତାହା ହେଉଛି ନୂତନ ଜନ୍ମ । ତାହା ହେଉଛି ଆପଣଙ୍କର ରୂପାନ୍ତରଣ, ପରିବର୍ତ୍ତନ । କିନ୍ତୁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ହେଉଛି ପରମେଶ୍ୱରଙ୍କ ଶକ୍ତି ଯେଉଁଥିରେ ଆପଣ ବାପ୍ତିଜିତ କରାଯାଇଛନ୍ତି ଏବଂ ଏହି ନଅଟି ଆତ୍ମିକ ଦାନଗୁଡିକର ଅଧୀନରେ ଥାଆନ୍ତି ଯେପରିକି ତାହା ଆପଣଙ୍କ ଦେଇ କାର୍ଯ୍ୟକାରୀ ହୁଏ; ଯଥା, ପ୍ରଚାର କାର୍ଯ୍ୟ କରିବା, ସୁସମାଚାର ପ୍ରଚାରକ, ପ୍ରେରିତ, ପାଳକ, ଭବିଷ୍ୟଦ୍‌ବକ୍ତା,...ଶରୀରର ସମସ୍ତ ବରଦାନଗୁଡିକ ଏହା ଭିତରକୁ ଆସେ, ଯେତେବେଳେ ଆପଣ ଏହି ଶରୀରରେ ବାପ୍ତିଜିତ ହୁଅନ୍ତି । ଏବଂ ତାହା...ଆପଣଙ୍କୁ ଆଉ ଏକ କୌଣସି ଅଧିକ ଖ୍ରୀଷ୍ଟିଆନ କରେ ନାହିଁ, ଏହା ତ କେବଳ ଆପଣଙ୍କୁ ଏପରି ଏକ ସ୍ଥାନରେ ସ୍ଥିତିଗତ ଭାବରେ ଉପସ୍ଥାପିତ କରେ ଯେପରିକି ଆପଣ ଜୀବିତ ପରମେଶ୍ୱରଙ୍କ ମଣ୍ଡଳୀରେ ଏକ ସେବାକାରୀ ଆତ୍ମା ହୁଅନ୍ତି । ବର୍ତ୍ତମାନ କଅଣ ଆପଣ ଏହାକୁ ବୁଝିପାରିଲେ? ବୁଝିଲେ?

370 ବର୍ତ୍ତମାନ ପ୍ରଶ୍ନଟି ହେଉଛି...ଆସନ୍ତୁ ଏହାକୁ ଗୋଟିଏ ପରେ ଗୋଟିଏ ଉତ୍ତର ଦେବା, ସେଠାରେ ତିନୋଟି ପ୍ରଶ୍ନ ଅଛି ।

**"ଗୋଟିଏ ଆତ୍ମା ଦ୍ୱାରା ଆମେ ସମସ୍ତେ ଖ୍ରୀଷ୍ଟଙ୍କ ଶରୀରରେ ବାପ୍ତିଜିତ ହୋଇଅଛୁ ।"**

ତାହା ଠିକ୍ ଅଟେ, ପ୍ରଥମ କରିନ୍ଥୀୟ 12 ଏହାର ଉତ୍ତର ଦେବ । ଠିକ୍ ଅଛି ।

**ସେହି ସମୟରେ ଯେତେବେଳେ ଆମେ ନୂତନ ଜନ୍ମ ଗ୍ରହଣ କରୁ, କଅଣ ଏହା ଘଟିତ ହୁଏ? କଅଣ ତାହା ସେତେବେଳେ ହୁଏ?**

371 ତାହାହିଁ ଅଟେ ଯାହାକି ସେମାନେ ଜାଣିବାକୁ ଚାହାଁନ୍ତି, ହଁ…“ଗୋଟିଏ ଆତ୍ମା ଦ୍ୱାରା…” ନା । ନା । “ଗୋଟିଏ ଆତ୍ମା ଦ୍ୱାରା ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ ।” ଦେଖନ୍ତୁ, ତାହା ସେତେବେଳେ ନୁହେଁ ଯେତେବେଳେକି ନୂତନ ଜନ୍ମ ଆରମ୍ଭ ହୁଏ, ନୂତନ ଜନ୍ମ ତ ସେତେବେଳେ ଆରମ୍ଭ ହୋଇଥାଏ ଯେତେବେଳେ ଆପଣ ପ୍ରଭୁ ଯୀଶୁଙ୍କ ଉପରେ *ବିଶ୍ୱାସ* କରିଥାନ୍ତି ।

372 ବର୍ତ୍ତମାନ ଦେଖନ୍ତୁ, ସେଠାରେ ଗୋଟିଏ ନାହିଁ…ଏପରି ଗୋଟିଏ ହେଲେ ବିଷୟ ନାହିଁ…ତେବେ ଶୁଣନ୍ତୁ । ବିଶ୍ୱାସ କରିବା ବ୍ୟତୀତ ଆପଣ ଆଉ କଅଣ ବା କରିପାରନ୍ତି? ଆପଣ ଆଉ ଅଧିକ କଅଣ କରିପାରନ୍ତି? କେବଳ ଏହାକୁ ବିଶ୍ୱାସ କରିବା ବ୍ୟତୀତ ଆପଣ ଏହା ବିଷୟରେ ଆଉ ଅଧିକ କଅଣ ବା କରିପାରନ୍ତି? ମୋତେ ଗୋଟିଏ ବିଷୟ କୁହନ୍ତୁ ଯାହା ଆପଣ କରିପାରିବେ । ଏହାକୁ ବିଶ୍ୱାସ କରିବା ବାହାରେ ଗୋଟିଏ ହେଲେ ବି ବିଷୟ ନାହିଁ ଯାହାକି ଆପଣ କରିପାରନ୍ତି । ବର୍ତ୍ତମାନ, ଯଦି କୌଣସି ବିଷୟ ଆପଣଙ୍କର ବିଶ୍ୱାସ କରିବା ବାହାରେ ଆସେ, ତାହାହେଲେ ଏହା ଆପଣଙ୍କର ନିଜର କାର୍ଯ୍ୟ ନୁହେଁ, ଏହା ତ ପରମେଶ୍ୱରଙ୍କର ଏକ କାର୍ଯ୍ୟ ଅଟେ । ତେଣୁକରି…

373 ବର୍ତ୍ତମାନ ଯଦି ଆମେମାନେ ଏହା କହିବା ଯେ ଯେତେବେଳେ ଆପଣ…ମୁଁ ଅନେକ ଥର ଦେଖିଅଛି, ଅନେକ ଥର, ଲୋକମାନେ “ପରଭାଷାରେ କହିବାର ପ୍ରାରମ୍ଭିକ ପ୍ରମାଣ” କୁ ପବିତ୍ରଆତ୍ମା ଭାବରେ ଗ୍ରହଣ କରି ନେଇଥାନ୍ତି । ଏବଂ ବେଳେବେଳେ ଲୋକମାନଙ୍କୁ ହଲାଇ ଦିଅନ୍ତି, କିମ୍ବା ସେମାନଙ୍କୁ ପିଟି ଦିଅନ୍ତି ଏବଂ ସେମାନଙ୍କୁ ଥାପୁଡାଇ ଦେଇ, କହିଥାନ୍ତି, “ଏହାକୁ କୁହ । ଏହାକୁ କୁହ । ଏହାକୁ କୁହ । ଏହାକୁ କୁହ ।” ଆପଣ ଜାଣନ୍ତି, ଗୋଟିଏ ଶବ୍ଦକୁ ବାରମ୍ବାର ପୁନରାବୃତ୍ତି କରିଥାନ୍ତି, “ଏହାକୁ କୁହ । ଏହାକୁ କୁହ । ଏହାକୁ କୁହ ।” ଦେଖନ୍ତୁ, ଏହା ତ ଏପରି କିଛି ଅଟେ ଯାହା ଆପଣ ନିଜେ କରୁଥାନ୍ତି । ଏବଂ—ଏବଂ—ଏବଂ ଏହା ନୁହେଁ… ଏହା ନୁହେଁ…ଏହା—ଏହା କିଛି ହେଲେ ନୁହେଁ । ଆପଣ ପରଭାଷାଗୁଡ଼ିକ ବିଷୟରେ ଦ୍ୱନ୍ଦ୍ୱରେ ପଡି ଯାଇପାରନ୍ତି । ହୋଇପାରେ ଆପଣ ଅନେକ—ଅନେକ ବିଷୟଗୁଡିକୁ, ଏବଂ ସମ୍ବେଦନାଗୁଡିକୁ ପାଇପାରନ୍ତି, କିନ୍ତୁ ଯଦି ଏପରି କିଛି ବିଷୟ ଆପଣଙ୍କର ବ୍ୟକ୍ତିଗତ ବିଶ୍ୱାସର ବାହାରେ ଆସେ, ତାହାହେଲେ ଏହାକୁ ତ ଏକ ଇଶ୍ୱରୀୟ ବରଦାନ ହେବାକୁ ହେବ ଯାହା ପରମେଶ୍ୱର ଆପଣଙ୍କୁ ଦେଇଥାନ୍ତି । ବୁଝିଲେ?

374 “ଏବଂ ଗୋଟିଏ ଆତ୍ମା ଦ୍ୱାରା ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ ।” ତାହା ସଠିକ୍ ଅଟେ, ଦେଖନ୍ତୁ । ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ନୂତନ ଜନ୍ମଠାରୁ ଏକ ଭିନ୍ନ କାର୍ଯ୍ୟ ଅଟେ । ଗୋଟିଏ ଜନ୍ମ ଅଟେ, ଗୋଟିଏ ହେଉଛି ବାପ୍ତିସ୍ମ । ଗୋଟିଏ ଆପଣଙ୍କୁ ଅନନ୍ତ ଜୀବନ ଆଣି ଦେଇଥାଏ, ଅନ୍ୟଟି ଆପଣଙ୍କୁ ଶକ୍ତି ଦେଇଥାଏ । ଏହା ଅନନ୍ତ ଜୀବନ

ପ୍ରତି ଶକ୍ତି ପ୍ରଦାନ କରିଥାଏ, ଦେଖନ୍ତୁ, କାର୍ଯ୍ୟକାରୀ କରିବା ହେତୁ । ବର୍ତ୍ତମାନ କଅଣ ଆପଣ ଏହାକୁ ବୁଝିଲେ କି? ଆଚ୍ଛା । ଠିକ୍ ଅଛି ।

375 ବର୍ତ୍ତମାନ ଏଠାରେ ଆଉ ଗୋଟିଏ ଅଛି, ଦ୍ୱିତୀୟଟି, ସବୁଠୁ ଉତ୍ତମ ଯାହା ମୁଁ ସେହି ରାତିରେ ପାଇଥିଲି:

## 61. ଯୀଶୁଙ୍କ ଆତ୍ମା ସେହି ତିନି ଦିନ ପାଇଁ କେଉଁଠାରେ ଥିଲା ଯେତେବେଳେ ତାହାଙ୍କ ଶରୀର କବର ଭିତରେ ରହିଥିଲା? ତାହାଙ୍କର ଆତ୍ମା କେଉଁଠାରେ ଥିଲା?

376 ବର୍ତ୍ତମାନ, ତାହାଙ୍କର ଆତ୍ମା, ଯଦି ଆପଣ ଶାସ୍ତ୍ର ଅନୁସରଣ କରିବେ,…ତେବେ, ଆମେ କେବଳ ଅନେକ ସ୍ଥାନଗୁଡିକରୁ ଉଲ୍ଲେଖ କରିପାରିବା । କିନ୍ତୁ, ମୁଁ ଆଶ୍ଚର୍ଯ୍ୟ କରେ, କାହା ପାଖରେ ଏକ ବାଇବଲ ଅଛି କି? ଭାଇ ଷ୍ଟ୍ରିକର, କଅଣ ଆପଣଙ୍କ ପାଖରେ ଏକ ବାଇବଲ ଅଛି କି? ଠିକ୍ ଅଛି । ଭାଇ ନେୱିଲ୍, କଅଣ ଆପଣଙ୍କ ପାଖରେ ଗୋଟିଏ ଅଛି କି? ମୋ ପାଇଁ ଗୀତସଂହିତା 16:10 ବାହାର କରନ୍ତୁ । ଆଉ କାହା ପାଖରେ ଅଛି? ଭଉଣୀ ଉଡ୍, କଅଣ ଆପଣଙ୍କ ପାଖରେ ସେଠାରେ ଏକ ବାଇବଲ ଅଛି କି? ତେବେ, ଭାଇ ଷ୍ଟ୍ରିକର୍, (ଠିକ୍ ଅଛି, କେହି ବି ଜଣେ), ଆପଣ ମୋ ପାଇଁ ପ୍ରେରିତ 2:27, ପ୍ରେରିତ 2:27 ବାହାର କରନ୍ତୁ ।

377 ଏବଂ ବର୍ତ୍ତମାନ, ପ୍ରଥମ ସ୍ଥାନରେ, ଯେତେବେଳେ ଯୀଶୁ ମୃତ୍ୟୁବରଣ କଲେ… ଯେତେବେଳେ ଆପଣ ମରନ୍ତି, ଆପଣଙ୍କର ଶରୀର ମରିଯାଏ । *ମୃତ୍ୟୁ* ଶବ୍ଦର ଅର୍ଥ ହେଉଛି "ପୃଥକ ହେବା," ନିଜର ପ୍ରିୟ ଲୋକମାନଙ୍କଠାରୁ କେବଳ ପୃଥକ ହେବା । କିନ୍ତୁ ଏଠାରେ ସେ ଏହା କହିଲେ, ସାଧୁ ଯୋହନ, 11ଶ ପର୍ବରେ, "ଯିଏ ଶୁଣେ…" ନୁହେଁ…ମୋତେ କ୍ଷମା କରନ୍ତୁ; ତାହା ସାଧୁ ଯୋହନ 5:24 ରେ ଅଛି, "ଯିଏ ମୋହର ବାକ୍ୟ ଶୁଣେ ସେ ଅନନ୍ତ ଜୀବନ ପାଇଅଛି ।"

378 ଯୀଶୁ ମାର୍ଥାଙ୍କୁ କହିଲେ, ଯିଏକି ତାହାଙ୍କୁ ଭେଟିବା ପାଇଁ ଆସିଥିଲା,…ମାର୍ଥା କହିଲା, "ଯଦି ଆପଣ ଏଠାରେ ଥାଆନ୍ତେ, ମୋ ଭାଇ ମରି ନ ଥାନ୍ତା । କିନ୍ତୁ ବର୍ତ୍ତମାନ ସୁଦ୍ଧା, ତୁମେ ଯାହା କିଛି ପରମେଶ୍ୱରଙ୍କୁ ମାଗିବ, ପରମେଶ୍ୱର ତାହା ତୁମକୁ ପ୍ରଦାନ କରିବେ ।"

379 ସେ କହିଲେ, "ମୁଁ ପୁନରୁତ୍ଥାନ ଏବଂ ଜୀବନ ।" ବୁଝିଲେ? "ଯିଏ ମୋ ଠାରେ ବିଶ୍ୱାସ କରେ, ଯଦିଓ ସେ ମରିଥାଏ, ତଥାପି ସେ ବଞ୍ଚି ଉଠିବ; ଏବଂ ଯେକେହି ଜୀବିତ ଅଛି ଓ ମୋ ଉପରେ ବିଶ୍ୱାସ କରେ, ସେ କଦାପି ମରିବ ନାହିଁ ।"

380 ବର୍ତ୍ତମାନ—ବର୍ତ୍ତମାନ, ଆମମାନଙ୍କର ଗୋଟିଏ ଅଂଶ ଅଛି ଯାହାକି କେବେ ମରେ ନାହିଁ । ଏବଂ ଯେପରିକି ମୁଁ ଶାସ୍ତ୍ରର ଅନୁକ୍ରମାଙ୍କ ଦେଇ ଆସିଅଛି, ପ୍ରତ୍ୟେକ ବିଷୟ ଯାହାର ଏକ ଆରମ୍ଭ ଅଛି ତାହାର ଏକ ଶେଷ ଅଛି । ଏହା ତ ସେହି ବିଷୟଗୁଡ଼ିକ ଅଟେ ଯାହାର କୌଣସି ଆରମ୍ଭ ନାହିଁ, ତାହାର କୌଣସି ଅନ୍ତ ନ ଥାଏ । ଅତଏବ ଯେତେବେଳେ ଆମେମାନେ ଖ୍ରୀଷ୍ଟ, ପରମେଶ୍ୱରଙ୍କୁ ଗ୍ରହଣ କରିଥାଉ, ସେତେବେଳେ ଆମେମାନେ

ପରମେଶ୍ୱରଙ୍କ ପୁତ୍ର ଓ କନ୍ୟା ହୋଇଯାଉ, ଏବଂ ଆମର ଜୀବନ ସେତିକି ଅସୀମ ହୋଇଯାଏ ଯେତିକି ଅସୀମ ପରମେଶ୍ୱରଙ୍କ ଜୀବନ ଅଟେ; ଆମ ପାଖରେ ଅନନ୍ତ ହୋଇଯାଏ ।

381 ବର୍ତ୍ତମାନ, ସେହି ଶବ୍ଦ *ସଦାକାଳ*, ଆମେ ଏହା ଦେଖି ସାରିଛୁ । ସେହି ଶବ୍ଦ *ସଦାକାଳ* ହେଉଛି "ସମୟର ଏକ ଅନ୍ତରାଳ," ସଦାକାଳ ଏବଂ (ସଂଯୋଗ) ସଦାକାଳ । ଏବଂ ଆମେମାନେ ଏଠାରେ ପାଉ ଯେ ଏହାର—ଏହାର ଏକ ଅନ୍ତ ଅଛି, ଯେପରିକି ସମସ୍ତ ଦୁଃଖ ଯନ୍ତ୍ରଣା, ଏବଂ ସମସ୍ତ ଅସୁସ୍ଥତା, ଓ ସମସ୍ତ ଦୁଃଖ ପୀଡା, ଏବଂ ସମସ୍ତ ଦଣ୍ଡ, ଏବଂ ଏପରିକି ନରକର ମଧ୍ୟ ଏକ ସମାପ୍ତ ଅଛି ।

382 ମାତ୍ର ଅନନ୍ତ ଜୀବନର କୌଣସି ଅନ୍ତ ନାହିଁ, କାରଣ ଏହାର କୌଣସି ଆରମ୍ଭ ନ ଥିଲା । ଏହା କଦାପି ମରିପାରେ ନାହିଁ କାରଣ ଏହାର କେବେ ଜନ୍ମ ହୋଇ ନ ଥିଲା । ଏହାର କୌଣସି ଦିନର ଆରମ୍ଭ ନ ଥିଲା, ଏହାର କୌଣସି ସମୟର ସମାପ୍ତି ନାହିଁ । ତେବେ, ଏକମାତ୍ର ଉପାୟ ଯେ ଆମେମାନେ ଅନନ୍ତକାଳ ବଞ୍ଚିପାରିବା, ତାହା ହେଉଛି ଏପରି କିଛି ବିଷୟକୁ ଗ୍ରହଣ କରିବା ଦ୍ୱାରା ଯାହାକି ଅନନ୍ତ ଅଟେ । ଏବଂ ପରମେଶ୍ୱର ଥିଲେ; ଏହା ପୂର୍ବେକି କିଛି ରହିଥିଲା, ଏହା ପରମେଶ୍ୱର ଥିଲେ । ପରମେଶ୍ୱରଙ୍କର କୌଣସି ଆରମ୍ଭ କିମ୍ବା କୌଣସି ଅନ୍ତ ନ ଥିଲା ।

383 ଏବଂ ପରମେଶ୍ୱର ଏହି ମହାନ ଆତ୍ମା ଥିଲେ । ଆମେ ତାହାଙ୍କୁ ମେଘଧନୁର ସେହି—ସେହି ସାତୋଟି ରଙ୍ଗ ପରି ଚିତ୍ରିତ କରିଥାଉ ଯାହାକି ଆଚ୍ଛାଦିତ କରେ…ସେହି ଧନୁ ପ୍ରକୃତରେ ପୃଥିବୀକୁ ଆଚ୍ଛାଦନ କରନ୍ତା ଯଦି ଏହା ପୃଥିବୀକୁ ଆଘାତ ନ କରୁଥିଲା । ଏହା ପୃଥିବୀର ବକ୍ରତାର ଏକ ବୃତ୍ତରେ ଥିବା କେବଳ ଜଳ ହିଁ ଅଟେ, ଯାହାକି ଏହାକୁ ନିର୍ମାଣ କରିଥାଏ । ମାତ୍ର, ତେବେ, ଯେପରି ପରମେଶ୍ୱର ଅନନ୍ତ ଅଟନ୍ତି, ଏବଂ ସେ ସେହି ସିଦ୍ଧ ଥିଲେ: ସିଦ୍ଧ ପ୍ରେମ, ସିଦ୍ଧ ଶାନ୍ତି, ସିଦ୍ଧ ଆନନ୍ଦ, ସିଦ୍ଧ ତୃପ୍ତି । ସେହି ସମସ୍ତ ସାତୋଟି ଆତ୍ମା (ଯେପରି ଆମେ ପ୍ରକାଶିତ ବାକ୍ୟରେ ପାଇଥାଉ), ସେମାନେ ବାହାରି ଆସନ୍ତି; ପରମେଶ୍ୱରଙ୍କୁ ନିର୍ମାଣ କରିଥିଲେ, ସିଦ୍ଧତା ଥିଲେ । ଏହାର ବାହାରେ ଥିବା ଅନ୍ୟ ସବୁକିଛି ବିଷୟ ଏପରି କିଛି ରହିଅଛି ଯାହାକି ସେଥିରୁ ବିକୃତ ହୋଇଅଛି ।

384 ତେବେ କେବଳ ଏକମାତ୍ର ଉପାୟ ଯାହା ଦ୍ୱାରା ଆମେ ସିଦ୍ଧତାକୁ ଫେରି ଆସିପାରିବା, ହେଉଛି ତାହା ସହିତ ଫେରି ଆସିବା (ସିଦ୍ଧତା, ଯିଏକି ପରମେଶ୍ୱର ଅଟନ୍ତି) । ତାହାପରେ ଆମେ ସିଦ୍ଧତାକୁ ଆସୁ, ତାହାପରେ ଆମର ଅନନ୍ତ ଜୀବନ ରହିଥାଏ; କୌଣସି ଅନ୍ତ ବିନା, କିମ୍ବା କୌଣସି କିଛି ବିନା—ବିନା, ଏହା ତ ସଦାକାଳ କେବଳ ଅନନ୍ତ ଜୀବନ ହିଁ ଅଟେ ।

385 ବର୍ତ୍ତମାନ ସେ ସେହି ପ୍ରାଣ ବିଷୟରେ…ସେହି ଆତ୍ମା ବିଷୟରେ କହୁଛନ୍ତି । କାରଣ ଆମେମାନେ ଏହି ଶରୀର ପାଇଁ, ଆମର ସର୍ବୋତ୍କୃଷ୍ଟ ସାଧୁତାର କବର ଉପରେ ଆମର ଶରୀରଗୁଡିକୁ ସୁସଜ୍ଜିତ କରିଥାଉ । ଏବଂ ସେହି ଶରୀର…ପ୍ରଥମ ସ୍ଥାନରେ, ଯେତେବେଳେ ପରମେଶ୍ୱର, ସେହି ଲୋଗୋସ୍ ଯାହାକି ପରମେଶ୍ୱରଙ୍କଠାରୁ ବାହାରିଥିଲା…

386 କିମ୍ବା, ଯେପରିକି ମୁଁ ଏହା କହିଅଛି, କ୍ୟାଥୋଲିକ୍ ଏହାକୁ କୁହନ୍ତି, "ପରମେଶ୍ୱରଙ୍କ ଅନନ୍ତକାଳୀନ ପୁତ୍ରତ୍ୱ।" ଯାହାକି, ମୁଁ ପୂର୍ବରୁ ଯେପରି କହିସାରିଛି, ସେହି ବାକ୍ୟର କୌଣସି ଅର୍ଥ ସୁଦ୍ଧା ନାହିଁ। ଦେଖନ୍ତୁ, ଏକ ଅନନ୍ତକାଳୀନ ପୁତ୍ର ହୋଇପାରେ ନାହିଁ, କାରଣ ଏକ ପୁତ୍ରର ଆରମ୍ଭ ହେବା ଆବଶ୍ୟକ। ଏବଂ ତେଣୁକରି ଯୀଶୁଙ୍କର ଏକ ଆରମ୍ଭ ଥିଲା, ପରମେଶ୍ୱରଙ୍କର କୌଣସି ଆରମ୍ଭ ନ ଥିଲା। ବୁଝିଲେ? କିନ୍ତୁ ସେହି ପୁତ୍ର...ଅନନ୍ତକାଳୀନ ପୁତ୍ରତ୍ୱ ନ ଥିଲେ, କିନ୍ତୁ ସେହି ପୁତ୍ର ଯିଏକି ଆରମ୍ଭରେ ପିତାଙ୍କ ସହିତରେ ରହିଥିଲେ ସେହି ଲୋଗୋସ୍ ଥିଲେ ଯାହା ପରମେଶ୍ୱରଙ୍କଠାରୁ ବାହାରିଥିଲେ।

387 ଏବଂ ଏହା ପରମେଶ୍ୱରଙ୍କର ଥିଓଫାନି ଥିଲା ଯାହାକି ବାହାରି ଥିଲା। ସେହି ମାନବୀୟ ରୂପ ଯାହାରକି ଆପଣ ଦେଖିପାରୁଥିବା ଭଳି କୌଣସି ଚକ୍ଷୁ ନ ଥିଲା; ଏକ ଅଧିକ ଉତ୍ତମ ଚକ୍ଷୁ। ଏହାର ଆପଣ ଶୁଣି ପାରୁଥିବା ଭଳି କୌଣସି କାନ ନ ଥିଲା, କିନ୍ତୁ ଶୁଣିପାରିବା ଠାରୁ ବହୁତ ଅଧିକ ରହିଥିଲା। ଦେଖନ୍ତୁ, ଏହା ଏକ ଥିଓଫାନି ଥିଲା, ଯେ, ଏହି ସମସ୍ତ ମେଘଧନୁ ଏକ—ଏକ ଥିଓଫାନିରେ ସଙ୍କୁଚିତ ହୋଇଥିଲା। ମୋଶା ଏହାକୁ ଦେଖିଥିଲେ ଯେତେବେଳେ ଏହା ସେହି ଚଟ୍ଟାଣ ଦେଇ ଗମନ କରିଥିଲେ। ସେ ପଛ ଭାଗକୁ ଦେଖିଥିଲେ, କହିଲେ, "ଏହା ଜଣେ ପୁରୁଷ ପରି ଦେଖା ଯାଉଛନ୍ତି।"

388 ଅବ୍ରହାମ ତାହାଙ୍କୁ ଦେଖିଥିଲେ ଯେତେବେଳେ ସେ ମାନବ ଶରୀରରେ ପାଦ ଦେଇଥିଲେ ଏବଂ ଗୋବତ୍ସ ମାଂସ ଖାଇଥିଲେ, କିଛି କ୍ଷୀର ପିଇଥିଲେ, ଲହୁଣୀ ଖାଇଥିଲେ। ଅବ୍ରହାମ ତାହାଙ୍କୁ ଦେଖିଥିଲେ ଯେତେବେଳେ ସେ ଠିକ୍ ପାଦ ଦେଇଥିଲେ, ଏବଂ ତାହାପରେ ଠିକ୍ ସେଠାରୁ ଅଦୃଶ୍ୟ ହୋଇ ଯାଇଥିଲେ। ଆମେ ଜାଣିବାକୁ ପାଇଲୁ ଯେ ଆମ ଶରୀରଗୁଡିକ ପୃଥିବୀର ଷୋହଳଟି ଉପାଦାନରେ ତିଆରି ହୋଇଅଛି, ସେମାନେ କେବଳ ଏକାଠି ମିଶନ୍ତି। ଏବଂ ପରମେଶ୍ୱର ସେମାନଙ୍କୁ ଏକାଠି ଆଣିଲେ, ଏବଂ ଦୁଇଟି ସ୍ୱର୍ଗଦୂତଙ୍କୁ ଏହି ଶରୀରରେ ରଖିଲେ; ସ୍ୱର୍ଗଦୂତମାନେ ଯେଉଁମାନେକି ଛିଡ଼ା ହୋଇ କଥାବାର୍ତ୍ତା କରିଥିଲେ। ଏବଂ ସ୍ୱର୍ଗଦୂତମାନେ ଏକ ସମୟରେ...ଏବଂ ସେହି ସମୟରେ ମନୁଷ୍ୟ ଥିଲେ।

389 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ଆମେ ଜାଣିବାକୁ ପାଉ ଯେ, ମଲ୍‌କୀସେଦକ ଆଉ କେହି ନୁହଁନ୍ତି ବରଂ ପରମେଶ୍ୱର ନିଜେ ଅଟନ୍ତି! ଏହା ଆଉ ଅନ୍ୟ କେହି ହୋଇପାରିବେ ନାହିଁ, କାରଣ ସେ ସାଲେମ୍‌ର ରାଜା ଥିଲେ ଯାହାକି ଯିରୁଶାଲମ ଅଟେ। ତାହାଙ୍କର କୌଣସି ପିତା କିମ୍ବା ମାତା ନ ଥିଲେ; ଯୀଶୁ ହୋଇପାରିବେ ନାହିଁ, କାରଣ ତାଙ୍କର ତ ପିତା ଏବଂ ମାତା ରହିଥିଲେ। ମଲ୍‌କୀସେଦକଙ୍କର କୌଣସି ଦିନର ଆରମ୍ଭ ନ ଥିଲା, ଜୀବନର କୌଣସି ସମାପ୍ତି ନ ଥିଲା; ସେଠାରେ କେବଳ ଜଣେ ହିଁ ଅଛନ୍ତି ଯାହାଙ୍କର ତାହା ରହିଥିଲା, ତାହା ହେଉଛନ୍ତି ପରମେଶ୍ୱର। ଏହା ତ ପରମେଶ୍ୱର ଏଠାରେ ଏକ ଥିଓଫାନୀରେ ବାସ କରୁଥିଲେ। ବୁଝିଲେ? ଧ୍ୟାନ ଦିଅନ୍ତୁ, ସାଲେମ୍‌ର ରାଜା।

390 ତେବେ, ପରମେଶ୍ୱର ଯୁଗ ଯୁଗ ଧରି, ଆପଣା ଲୋକମାନଙ୍କ ମଧ୍ୟରେ ରହି ଆସିଛନ୍ତି । ଏହା ତ ପରମେଶ୍ୱର ହିଁ ଦାଉଦଙ୍କ ଭିତରେ ଥିଲେ, ଯିଏକି ତାଙ୍କୁ ପର୍ବତ ଉପରେ ବସାଇଥିଲେ, ଏବଂ ଜଣେ ଅସ୍ୱୀକୃତ ରାଜା ଭାବରେ, ଏବଂ କାନ୍ଦିଥିଲେ । ସେହି ସମାନ ଆତ୍ମା ଦାଉଦଙ୍କ ପୁତ୍ର ଯୀଶୁଙ୍କଠାରେ ପ୍ରକଟିତ ହୋଇଥିଲା, ଯିଏକି ଯିରୁଶାଲମରେ ଅସ୍ୱୀକୃତ କରାଯାଇଥିଲେ ଏବଂ କାନ୍ଦିଥିଲେ ।

391 ଯୋଷେଫ, ତିରିଶ ଖଣ୍ଡ ରୂପା ପାଇଁ ବିକ୍ରି କରାଯାଇ, ନିଜ ଭାଇମାନଙ୍କ ଦ୍ୱାରା ଘୃଣା କରା ଯାଇଥିଲେ, ପିତାଙ୍କର ପ୍ରିୟପାତ୍ର ଥିଲେ, ଫାରୋଙ୍କ ଡାହାଣ ପଟେ ବସା ଯାଇଥିଲେ, ଆଉ କୌଣସି ବ୍ୟକ୍ତି କେବେହେଲେ ସେପର୍ଯ୍ୟନ୍ତ ଆସି ପାରି ନ ଥିଲେ ଯେପର୍ଯ୍ୟନ୍ତକି... ଯୋଷେଫଙ୍କ ଦେଇ ନ ଆସନ୍ତି, ଏବଂ ତୂରୀ ବାଜୁଥିଲା ଏବଂ ପ୍ରତ୍ୟେକ ଆଣ୍ଠୁ ଯୋଷେଫଙ୍କୁ ପ୍ରଣାମ କରୁଥିଲା: ଖ୍ରୀଷ୍ଟଙ୍କର ସିଦ୍ଧ ପ୍ରତିଚିତ୍ରଣ ଅଟେ । ତାହା ତ ଖ୍ରୀଷ୍ଟଙ୍କର ସେହି ଆତ୍ମା ଥିଲେ ଯାହାକି ସେହି ଲୋକମାନଙ୍କ ମଧ୍ୟରେ ବାସ କରିଥିଲେ । ବୁଝିଲେ?

392 ବର୍ତ୍ତମାନ, ତେବେ ଏଠାରେ ଯେତେବେଳେ ଯୀଶୁ ମୃତ୍ୟୁବରଣ କରିଥିଲେ, ଏହା ତ ପରମେଶ୍ୱର ଶରୀରରେ ପ୍ରକଟିତ ହୋଇଥିଲେ । ପରମେଶ୍ୱର ମନୁଷ୍ୟ ହୋଇଥିଲେ । ମୁକ୍ତିର ନିୟମରେ, ଏକମାତ୍ର ଉପାୟ ଯାହା ଦ୍ୱାରା ଜଣେ ବ୍ୟକ୍ତି ଇସ୍ରାଏଲର ହଜିଯାଇଥିବା ସମ୍ପତ୍ତିକୁ ମୁକ୍ତ କରିପାରିବ, ତାଙ୍କୁ ଜଣେ ନିକଟ ସମ୍ପର୍କୀୟ ହେବାକୁ ପଡୁଥିଲା । ତାଙ୍କୁ ଜଣେ ନିକଟ ସମ୍ପର୍କୀୟ ହେବାକୁ ପଡୁଥିଲା । ରୂତର ପୁସ୍ତକ ଏହାକୁ ସୁନ୍ଦର ଭାବରେ ବ୍ୟାଖ୍ୟା କରେ; ଏବଂ ତାଙ୍କୁ ଜଣେ ନିକଟ ସମ୍ପର୍କୀୟ ହେବାକୁ ପଡିତୁଥିଲା । ତେଣୁକରି ପରମେଶ୍ୱରଙ୍କୁ ମନୁଷ୍ୟର ନିକଟ ସମ୍ପର୍କୀୟ ହେବାକୁ ପଡିଲା, ଯେପରିକି ମଣିଷ ପରମେଶ୍ୱରଙ୍କର ସହ ନିକଟ ସମ୍ପର୍କୀୟ ହୋଇପାରିବ । ବୁଝିଲେ?

393 ତାହାଙ୍କର ନିଜସ୍ୱ ଏକ ଆତ୍ମା ଅଛି, ଜଣେ ବ୍ୟକ୍ତି ଯେତେବେଳେ ସେ ଜନ୍ମ ହୁଏ ତାହାର ରହିଥାଏ, କାରଣ ଏହା ପ୍ରକୃତିର ଏକ ଆତ୍ମା ଅଟେ । ଏହା ଜଗତର ଏକ ଆତ୍ମା, ଏହା ଏହି ଜଗତର ସେହି—ସେହି ଈଶ୍ୱରଙ୍କର ଏକ ଆତ୍ମା ଅଟେ । ସେ ତ କେବଳ ଆଦମଙ୍କର ଏକ ସନ୍ତାନ ଅଟେ ।

394 ଏକ ଗଛ ନିଜକୁ ପୁନର୍ଉତ୍ପାଦିତ କରେ । ତରୁଲତା ଆପଣାକୁ ପୁନର୍ଉତ୍ପାଦିତ କରେ । ପଶୁମାନେ ନିଜକୁ ପୁନର୍ଉତ୍ପାଦିତ କରନ୍ତି । ମନୁଷ୍ୟମାନେ ନିଜକୁ ପୁନର୍ଉତ୍ପାଦିତ କରନ୍ତି । ସେମାନେ ମୂଳ ସୃଷ୍ଟିର ଉପ-ଉତ୍ପାଦ ଅଟନ୍ତି । ଏହା ବୁଝିଲେ କି?

395 ତେବେ, ବର୍ତ୍ତମାନ ଯେତେବେଳେ ଜଣେ ମଣିଷ ଜନ୍ମ ହୋଇଥାଏ, ସେତେବେଳେ ସେ ଏହି ଜଗତର ଏକ ଆତ୍ମା ସହିତ ଜନ୍ମ ହୋଇଥାଏ । ସେହି କାରଣ ଯୋଗୁ ହିଁ ତାଙ୍କୁ ପୁନର୍ବାର ଜନ୍ମ ହେବାକୁ ଥାଏ । କାରଣ ଏହି ଆତ୍ମା ପିତା ଏବଂ ମାତାଙ୍କ ସହବାସରୁ ଆସିଥାଏ, ଯାହାକି ଯୌନ ଧାରଣା ଥିଲା, ଏବଂ ତାହା ସଂପୂର୍ଣ୍ଣ ଭାବରେ ସଦାକାଳ ପାଇଁ ବଞ୍ଚି ପାରିବ ନାହିଁ । ତେଣୁକରି ତାଙ୍କୁ ପୁନର୍ବାର ଜନ୍ମ ହେବାକୁ ଥାଏ । ଏବଂ ଏହା ପୂର୍ବେ ସେ ତାହା କରନ୍ତେ,

ପରମେଶ୍ୱରଙ୍କୁ ତଳକୁ ଆସିବାକୁ ପଡିଥିଲା ଓ ତାଙ୍କର ପୁନର୍ବାର ଜନ୍ମ ହେବା ନିମନ୍ତେ ଏକ ମାର୍ଗକୁ ପ୍ରସ୍ତୁତ କରିବାକୁ ପଡିଥିଲା; କାରଣ ତାଙ୍କ ପାଖରେ ନିଜକୁ ମୁକ୍ତ କରିବାର କୌଣସି ଉପାୟ ନ ଥିଲା, ସେ ଭରସାବିହୀନ ଥିଲା । ତାହାର ନ ଥିଲା…ଭରସା ବିହୀନ, ପରମେଶ୍ୱର ବିନୁ, ଖ୍ରୀଷ୍ଟଙ୍କ ବିନା, ଜଗତରେ, ହଜି ଯାଇଥିଲା ଓ ବିନଷ୍ଟ ଥିଲା । ସେ—ସେ…ଏପରି କିଛି ନ ଥିଲା ଯାହା ସେ ନିଜକୁ ବଞ୍ଚାଇବା ପାଇଁ କିଛି କରିପାରିଥାନ୍ତା । ସେ…ପ୍ରତ୍ୟେକ…ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ ଜଣେ ମହାଯାଜକ ଥିଲେ, ବା ଯଦି ସେ ଜଣେ ବିଶପ୍ ଥିଲେ, କିଅବା ଯଦି ସେ ଜଣେ ପୋପ୍ ଥିଲେ, ସେ ଯାହାକିଛି ବି ଥିଲେ, ସେ ତ ଠିକ ପରବର୍ତ୍ତୀ ବ୍ୟକ୍ତିଙ୍କ ପରି ସେତିକି ହିଁ ଦୋଷୀ ଅଟନ୍ତି ।

396 ତେଣୁକରି, ଏହାକୁ କରିବାକୁ ପାଇଁ, ଏପରି ଜଣକାକୁ ନେବାର ଆବାଶ୍ୟକ ଥିଲା ଯିଏକି ଦୋଷୀ ନ ଥିଲେ । ଏବଂ ସେହିପରି ଏକମାତ୍ର ଜଣେ ଯିଏକି ଦୋଷୀ ନ ଥିଲେ ତାହା ଥିଲେ ନିଜେ ପରମେଶ୍ୱର । ଏବଂ ପରମେଶ୍ୱରଙ୍କୁ ତଳକୁ ଓହ୍ଲାଇ ଆସି ମନୁଷ୍ୟ ହେବାକୁ ପଡିଥିଲା (ଏବଂ ସେ ଖ୍ରୀଷ୍ଟଙ୍କ ରୂପରେ ଆସିଥିଲେ) ଯେପରିକି ମୃତ୍ୟୁର ନାହୁଡକୁ ନେଇ ନିଅନ୍ତି, ମୃତ୍ୟୁର ଦଂଶନକୁ ବାହାର କରି ନିଅନ୍ତି, ଯଦ୍ଦ୍ୱାରା ଆମକୁ ମୁକ୍ତ କରାଯାଏ, ଯେ ଆମେ… ଆମର କାର୍ଯ୍ୟ ଦ୍ୱାରା କିମ୍ବା ଆମର ଉତ୍ତମତା ଦ୍ୱାରା ନୁହେଁ (ଆମର ତାହା କିଛି ହିଁ ନାହିଁ), ମାତ୍ର ତାହାଙ୍କର ଅନୁଗ୍ରହ ଦ୍ୱାରା, ଯେ ପରିତ୍ରାଣପ୍ରାପ୍ତ ହେଉ । ତାହାପରେ ଆମେ ତାହାଙ୍କର ଜୀବନକୁ ଏହି ମର୍ତ୍ତ୍ୟ ଶରୀରରେ ଗ୍ରହଣ କରୁ, ଏବଂ ବର୍ତ୍ତମାନ ଆମେ ପରମେଶ୍ୱରଙ୍କର ପୁତ୍ର ଏବଂ କନ୍ୟାମାନ ଅଟୁ, ଏବଂ ଆମ ଭିତରେ ଅନନ୍ତ ଜୀବନକୁ ରଖୁ । ଆମେ ପରମେଶ୍ୱରଙ୍କର ପୁତ୍ର ଏବଂ କନ୍ୟାମାନ ଅଟୁ । ଅତଏବ, ଯୀଶୁ, ଜୀବିତ ରହି…

397 ଏବଂ କୌଣସି ବ୍ୟକ୍ତି, ଯେତେ ଦୁଷ୍ଟ କିମ୍ବା କେତେ ଭଲ ହୋଇଥାଉ ନା କାହିଁକି, ଯେତେବେଳେ ତାଙ୍କୁ କରିବାକୁ ପଡ଼େ…ଯେତେବେଳେ ସେ ଏହି ପୃଥିବୀକୁ ଛାଡି ଚାଲିଯାଆନ୍ତି, ସେ ମୃତ ନ ଥାଆନ୍ତି । ସେ ତ ଅନ୍ୟ କେଉଁଠାରେ ଥାଆନ୍ତି । କିନ୍ତୁ ତାଙ୍କର ଏକ ଜୀବନ ଅଛି ଯାହାକି ବିନଷ୍ଟ ହୋଇଯିବ, ନରକରେ ସେ ନିଜ କର୍ମଗୁଡିକ ପାଇଁ ଦଣ୍ଡ ପାଇସାରିବା ପରେ, ସେ…କିନ୍ତୁ ତଥାପି ସେହି ଜୀବନକୁ ଶେଷ ହେବାକୁ ଥାଏ । କେବଳ ଗୋଟିଏ ପ୍ରକାରର ଅନନ୍ତ ଜୀବନ ଅଛି ।

398 ତେବେ, ଆମେ ତାହା ଦେଇ ଯାଇ ସାରିଛୁ । ଯଦି ଜଣେ ମନୁଷ୍ୟ ପାପୀ ହୋଇପାରେ ଏବଂ ସଦାକାଳ ପାଇଁ ଦଣ୍ଡିତ ହୋଇପାରେ…ସେ ସଦାକାଳ ପାଇଁ ଦଣ୍ଡିତ କରା ଯାଇପାରେ ନାହିଁ ଯେପର୍ଯ୍ୟନ୍ତକି ତାହାଠାରେ ଅନନ୍ତ ଜୀବନ ନ ଥାଏ । ଯଦି ତାହାଠାରେ ଅନନ୍ତ ଜୀବନ ଅଛି, ତାହାହେଲେ ସେ ରକ୍ଷାପ୍ରାପ୍ତ ଅଟେ । ବୁଝିଲେ? ତେଣୁକରି କେବଳ ଗୋଟିଏ ପ୍ରକାରର ଅନନ୍ତ ଜୀବନ ଅଛି, ଏବଂ ତାହା ହେଉଛି ଜୋଇ, "ପରମେଶ୍ୱରଙ୍କ ଜୀବନ ।" ଏବଂ ସେ ବିନଷ୍ଟ ହୋଇପାରେ ନାହିଁ ।

399 କିନ୍ତୁ ଦୁଷ୍ଟମାନେ ଅପେକ୍ଷାର—ର ଗୋଟିଏ ସ୍ଥାନରେ ଅଛନ୍ତି (ଯନ୍ତ୍ରଣାରେ) ଶେଷ ଦିନରେ ସେମାନଙ୍କର ବିଚାର (ଶରୀରରେ କରାଯାଇଥିବା କାର୍ଯ୍ୟ ଅନୁଯାୟୀ ବିଚାର କରାଯିବା) ପାଇଁ। ବର୍ତ୍ତମାନ, ମାତ୍ର ଆମେ...କେତେକ ମନୁଷ୍ୟର ପାପଗୁଡିକ ସେମାନଙ୍କ ଆଗରେ ଆଗରେ ଯାଇଥାଏ, କେତେକଙ୍କର ସେମାନଙ୍କ ପଛରେ ଅନୁସରଣ କରେ ।

400 ବର୍ତ୍ତମାନ ଯଦି ଆମେ ଆମର ପାପଗୁଡିକୁ ସ୍ୱୀକାର କରିବା, ତାହାହେଲେ ସେ ଆମକୁ କ୍ଷମା କରିବା ପାଇଁ ଧର୍ମୀ ଅଟନ୍ତି, ଅତଏବ ଆମକୁ କେବେହେଲେ ପରମେଶ୍ୱରଙ୍କ ନ୍ୟାୟ ବିଚାରକୁ ସମ୍ମୁଖିନ ହେବାକୁ ପଡିବ ନାହିଁ। କଅଣ ଆପଣ ଏହା ବୁଝିଲେ କି? ଦେଖନ୍ତୁ, ରୋମୀୟ ୫:1, "ଅତଏବ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ।" ଯେଉଁମାନେ ଖ୍ରୀଷ୍ଟଙ୍କ**ଠାରେ** ଅଛନ୍ତି। ସେମାନେ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି; ଦେଖନ୍ତୁ, ଆମ ପ୍ରତି କୌଣସି ଦଣ୍ଡାଜ୍ଞା ନାହିଁ ଏବଂ ଖ୍ରୀଷ୍ଟ ଯୀଶୁଙ୍କଠାରେ ରହିଥିଲୁ । "ଯେଉଁମାନେ ଶରୀର ଅନୁଯାୟୀ ନୁହଁ, ବରଂ ଆତ୍ମାଙ୍କ ଅନୁଯାୟୀ ଆଚରଣ କରନ୍ତି ।" ବୁଝିଲେ? "ଯିଏ ମୋହର ବାକ୍ୟ ଶୁଣେ, ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି ।"

401 ଏବଂ ଯଦି ମୁଁ ଖ୍ରୀଷ୍ଟଙ୍କଠାରେ ଗ୍ରହଣ କରାଯାଇଅଛି, ଏବଂ ଖ୍ରୀଷ୍ଟ ମୋର ବିଚାରକୁ ନେଇ ଯାଇଛନ୍ତି, ଏବଂ ମୁଁ ମୋର ପାପ ପାଇଁ ତାହାଙ୍କର ପ୍ରାୟଶ୍ଚିତକୁ ଗ୍ରହଣ କରିଅଛି, ତେବେ ପରମେଶ୍ୱର ମୋର ବିଚାର କିପରି କରିପାରନ୍ତି? ସେ ତ ମୋର ବିଚାର କରି ସାରିଛନ୍ତି ଯେତେବେଳେ ସେ ଖ୍ରୀଷ୍ଟଙ୍କର ବିଚାର କରିଥିଲେ । ତେବେ ମୁଁ ବିଚାରରୁ ମୁକ୍ତ ଅଟେ । "ତେବେ ଯେତେବେଳେ ମୁଁ ରକ୍ତକୁ ଦେଖିବି, ମୁଁ ତୁମକୁ ଛାଡି ଚାଲିଯିବି ।" ବୁଝିଲେ?

402 କିନ୍ତୁ, ବର୍ତ୍ତମାନ, ସେହି ଦୁଷ୍ଟ ସେହିପରି ନୁହେଁ। ସେ ତ ଯନ୍ତ୍ରଣାଦାୟକ ସ୍ଥାନକୁ ଯାଏ । ଏବଂ ଆମେ ଜାଣୁ ଯେ ତାହା ସତ ଅଟେ । ସେହି ଦୁଷ୍ଟ ଜୀବିତ ଅଟେ । ସେ ଏକ ଯନ୍ତ୍ରଣାଦାୟକ ସ୍ଥାନରେ ଅଛି । ସେ ତ ଏପରି ଏକ ସ୍ଥାନରେ ଅଛନ୍ତି ଯେଉଁଠାରେ କି ସେ ଜାଣେ ନାହିଁ...ସେହିପରି ଭାବରେ ତ ଏହି ଆଧ୍ୟାତ୍ମିକବାଦୀମାନେ ଏବଂ ମାଧ୍ୟମମାନେ ଚାଲି ଯାଇଥିବା ଲୋକମାନଙ୍କର ଏହି ଆତ୍ମାଗୁଡିକୁ ଡାକନ୍ତି, କୌଣସି ପ୍ରକାରର ଥଟ୍ଟା ଏବଂ ମନ୍ଦ କଥାଗୁଡିକୁ କୁହନ୍ତି ଏବଂ ସେହିପରି ବିଷୟଗୁଡିକ ଉପହାସ କରନ୍ତି, ଯଦି ଆପଣ ଏଥି ମଧ୍ୟରୁ କୌଣସିଟିକୁ କେବେ ଦେଖିଥିବେ । ଠିକ୍ ଅଛି । କାହିଁକି? ସେମାନେ ତ ଜାଣି ନାହାଁନ୍ତି...

403 ଏହି ସୁଶ୍ରୀ ପାଇପର୍ କୁ ଦେଖନ୍ତୁ, ଏହା ପୂର୍ବେକି *ଡନି ମୋର୍ଟନ୍ ର ମିରାକଲ୍* ବିଷୟ ଉପରେ ମୋର ଲେଖନୀ ଛପନ୍ତା। କେତେଜଣ ସେହି ଲେଖନୀକୁ ପଢିଛନ୍ତି? ହଁ, ଆପଣମାନଙ୍କ ମଧ୍ୟରୁ ଅନେକ କରିଛନ୍ତି, ନିଶ୍ଚିତରେ । ଏବଂ ଏହା *ରିଡର୍ ଡାଇଜେଷ୍ଟ* ରେ ଅଛି । କଅଣ ଆପଣ ଧ୍ୟାନ ଦେଲେ କି? ଏହାର ଠିକ୍ ପୂର୍ବରୁ, ସୁଶ୍ରୀ ପାଇପର୍, ବିଶ୍ୱର ସେହି ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକବାଦୀ ଯାହାକି କେବେ ଜଣା ଯାଇଥିଲା, କିଛି ଟିପ୍ପଣୀ ଲେଖିଥିଲେ । ତାଙ୍କ କାହାଣୀକୁ ବାରଟି ପୃଷ୍ଠା ଦିଆ ଯାଇଥିଲା । ଏବଂ ପଚାଶ ବର୍ଷ ଯାଏଁ...ସେମାନେ

ତାଙ୍କୁ ସମଗ୍ର ବିଶ୍ୱରେ ଜାଣିଥିଲେ, ଏବଂ ବୈଜ୍ଞାନିକ ପ୍ରମାଣ ଓ ସବୁକିଛି ରହିଥିଲା, ଯେ "ସେ ଅବିକଳ ମୃତମାନଙ୍କ ସହିତ କଥାବାର୍ତ୍ତା କରନ୍ତି, ଏବଂ ଲୋକମାନେ ଉଠି ଆସନ୍ତି।" କଅଣ? ପରମେଶ୍ୱରଙ୍କ ନାମ ଥରେ ହେଲେ ଉଲ୍ଲେଖ କରାଯାଇ ନ ଥିଲା, କୌଣସି ଅନୁତାପ ନ ଥିଲା, କୌଣସି ଈଶ୍ୱରୀୟ ଆରୋଗ୍ୟତା ନ ଥିଲା, ଏହା ବିଷୟରେ କିଛି ହେଲେ ନ ଥିଲା, ଦେଖନ୍ତୁ।

404 କେବଳ ଗୋଟିଏ କଥା ଥିଲା, ତାହା ହେଲା ସେହି ଲୋକମାନେ ଯେଉଁମାନେକି ଉଲ୍ଲେଖ କରିଥିଲେ, "ଜନ୍, କଅଣ ତୁମେ ମୋତେ ଜାଣି ନାହଁ କି? ମୁଁ ହେଉଛି ଜର୍ଜ ଯିଏକି ଏକ *ନିର୍ଦ୍ଦିଷ୍ଟ* ସ୍ଥାନରେ ଥିଲି, ଏବଂ ମୁଁ *ଅମୁକ-ଓ-ଅମୁକ* ଏବଂ *ଅମୁକ-ଓ-ଅମୁକ* କରିଥିଲି। କଅଣ ତୁମର ସେହି ସ୍ଥାନ ମନେ ଅଛି କି ଯେଉଁଠାକୁ ଆମେ ଯାଇ ଏହା କରିଥିଲୁ?" ଦେଖନ୍ତୁ, ତାହାହିଁ ସବୁକିଛି ଯାହା ସେମାନେ ଜାଣନ୍ତି। ସେମାନେ ବିନଷ୍ଟ ଅଟନ୍ତି। ଅତୀତଠାରୁ... ସେମାନଙ୍କର—ସେମାନଙ୍କର ଆଉ କିଛି ନାହିଁ କେବଳ ବିଚାର ବାକି ଅଛି।

405 ଗଛଟି ଯେଉଁ ପଟରେ ଝୁଙ୍କି ପଡିଥାଏ, ତାହା ସେହି ପଟରେ ହିଁ ପଡେ। ଏବଂ ଯେଉଁ ଅବସ୍ଥାରେ ଆପଣ ମରନ୍ତି...ସେହି କାରଣରୁ ହିଁ ମୁଁ ମୃତମାନଙ୍କ ପାଇଁ ପ୍ରାର୍ଥନା କରିବା ବିଷୟରେ ଭିନ୍ନ ମତ ପୋଷଣ କରେ, ଦେଖନ୍ତୁ, ପ୍ରାର୍ଥନାର ମଧ୍ୟସ୍ଥତା କିମ୍ବା—କିମ୍ବା ସାଧୁମାନଙ୍କର ମଧ୍ୟସ୍ଥିର କଥାବାର୍ତ୍ତା ଓ ଇତ୍ୟାଦି ବିଷୟରେ। ଏହା ପରମେଶ୍ୱରଙ୍କ ବାକ୍ୟ ଅନୁଯାୟୀ, ହୋଇପାରେ ନାହିଁ। କେହି ଜଣେ ଚାଲିଯିବା ପରେ ତାହା ପାଇଁ ପ୍ରାର୍ଥନା କରିବା କିଛି ଲାଭ ଦିଏ ନାହିଁ। ସେମାନେ ତ ମରି ଯାଇଛନ୍ତି। ସେମାନେ ତ...ସେମାନେ ତ... ସେମାନେ ତ ଦୟା ଏବଂ ବିଚାର ମଧ୍ୟରେ ସୀମାକୁ ଅତିକ୍ରମ କରି ଯାଇଛନ୍ତି। ସେମାନେ ଏକ ତ ଦୟା ନିକଟକୁ ଗଲେ, କିଅବା ଦୟାଠାରୁ ଦୂରେଇ ଗଲେ। ଯୀଶୁ, ସାଧୁ ମାଥିଉଙ୍କ 16ତମ ପର୍ବରେ ଏହା ହିଁ କହିଲେ, ସେ—ସେ—ସେ ଏହାକୁ ଶିକ୍ଷା ଦେଲେ; ମାର୍କର 16ତମ ପର୍ବ, ମୁଁ ବିଶ୍ୱାସ କରେ ଯେ ଏହା ତାହା ଅଟେ। ସେହି ଧନୀ ଲୋକ ଏବଂ ଲାଜାର; ଏହି ବ୍ୟବଧାନକୁ କୌଣସି ଲୋକ ଅତିକ୍ରମ କରିପାରେ ନାହିଁ, ଏବଂ କଦାପି ଅତିକ୍ରମ କରିବ ନାହିଁ! ଆପଣ ସେଠାରେ ଅଛନ୍ତି। ବୁଝିଲେ? ତେଣୁ ଏହା ତାହାକୁ ସମାଧାନ କରେ।

406 ବର୍ତ୍ତମାନ, କିନ୍ତୁ ଯେତେବେଳେ ଖ୍ରୀଷ୍ଟ ମୃତ୍ୟୁବରଣ କଲେ, ସମସ୍ତ କିଛି ବିଷୟକୁ ସାକ୍ଷ୍ୟ ଦେବାକୁ ପଡିଲା ଯେ ସେ ହିଁ ଖ୍ରୀଷ୍ଟ ଥିଲେ। ବର୍ତ୍ତମାନ ଆସନ୍ତୁ ଆପଣଙ୍କର ପ୍ରଶ୍ନକୁ ଯିବା। ପ୍ରଥମ କଥା, ତାହାଙ୍କ ମୃତ୍ୟୁରେ, ତାରାମାନେ ଉଜ୍ଜ୍ୱଳ ହେବାକୁ ମନା କରି ଦେଲେ, ସୂର୍ଯ୍ୟ ଅସ୍ତ ହୋଇଗଲା, ଚନ୍ଦ୍ର ନିଜର ଆଲୋକ ପ୍ରଦାନ କଲା ନାହିଁ, ପୃଥିବୀର ଗର୍ଭରେ ତାର ପଥରଗୁଡିକ ଭାଙ୍ଗି ପଡିଲା। ଏବଂ ସେ ଗଲେ ଓ କାରାଗାରରେ ଥିବା ବନ୍ଦୀ ପ୍ରାଣଗୁଡିକୁ ପ୍ରଚାର କଲେ, ଯେଉଁମାନେକି ନୋହଙ୍କ ଦିନରେ ଦୀର୍ଘସହିଷ୍ଣୁତା ସମୟରେ ଅନୁତାପ କରି ନ ଥିଲେ। ସେ, ସେମାନଙ୍କୁ ତାହାଙ୍କୁ ଚିହ୍ନିବାକୁ ପଡିଥିଲା। ତାହା ଦେଖନ୍ତୁ! ଏବଂ ଯଦି କୌଣସି ଉପାୟରେ ଆଜି ରାତିରେ ଏଠାରେ ଜଣେ ପାପୀ ରହିଥାନ୍ତି, ତାହାହେଲେ ଗୋଟିଏ ମିନିଟ ପାଇଁ ତାହା ଉପରେ ଚିନ୍ତା କରନ୍ତୁ। କୌଣସି ଏକ ଦିନ ଏହି ସୁସମାଚାର ଯାହା ଆପଣ ବର୍ତ୍ତମାନ ପ୍ରଚାର

ହେଉଥିବାର ଶୁଣୁଛନ୍ତି, ଆପଣଙ୍କୁ ଏହାର ସାକ୍ଷ୍ୟ ଦେବାକୁ ପଡିବ । କୌଣସି ସ୍ଥାନରେ ଆପଣ ଆଶ୍ରୁପାତ କରିବେ, ଯାଏ ଆସେ ନାହିଁ ଯେ ଆପଣ କିଏ ଅଟନ୍ତି । ଏହା ଆଜିଠାରୁ ନେଇ ଦଶ ହଜାର ବର୍ଷ ହୋଇପାରେ, ଏହା ସକାଳେ...ପର୍ଯ୍ୟନ୍ତ ନ ହୋଇପାରେ । ତାହା ଯେବେ ବି ଅଟେ, ଆପଣ ତ କୌଣସି ସ୍ଥାନରେ ପ୍ରଣାମ କରିବାକୁ ଯାଉଛନ୍ତି, ଏବଂ ଆପଣ ସେହି ସମାନ ସୁସମାଚାରକୁ ଆପଣଙ୍କ ନିକଟରେ ପୁନର୍ବାର ପ୍ରଚାର କରାଯାଉଥିବାର ଶୁଣିବାକୁ ଯାଉଅଛନ୍ତି ।

407 କାରଣ ସେହି ପ୍ରାଣଗୁଡିକ କାରାଗାରରେ ରହିବା ପରେ, ଯେଉଁମାନେକି ହନୋକ ସମୟରେ ଏବଂ ସେହି ସମସ୍ତେ ପ୍ରଚାର କରିବା ସମୟରେ ଅନୁତାପ କରି ନ ଥିଲେ, ଏବଂ ନୋହଙ୍କ ସମୟରେ...ପୁଣି ପରମେଶ୍ଵରଙ୍କର ଦୀର୍ଘସହିଷ୍ଣୁତା ହେତୁ, ଯେପରିକି ତାହା ବର୍ତ୍ତମାନ ଅଟେ, ସେହି ସମୟର ଆଗମନକୁ ଅପେକ୍ଷା କରୁଛନ୍ତି । ପୁଣି ନୋହ ଏବଂ ହନୋକ ଓ ସେମାନେ ସମସ୍ତେ ପ୍ରଚାର କରିଥିଲେ, ଏବଂ ସେହି ଲୋକମାନେ ହସିଲେ ଓ ସେମାନଙ୍କର ପରିହାସ କରିଥିଲେ । ଏବଂ ସେମାନେ କାରାଗୃହରେ ଥିଲେ, ଏବଂ ଯୀଶୁ ଗଲେ ଓ କାରାଗାରରେ ଥିବା ପ୍ରାଣଗୁଡିକୁ ପ୍ରଚାର କଲେ । ସେ ସାକ୍ଷ୍ୟ ଦେଲେ! ଆକାଶମଣ୍ଡଳ ସାକ୍ଷ୍ୟ ଦେଲା ଯେ ସେ କିଏ ଅଟନ୍ତି, ପୃଥିବୀ ସାକ୍ଷ୍ୟ ଦେଲା ଯେ ସେ କିଏ ଅଟନ୍ତି, ନରକ ସାକ୍ଷ୍ୟ ଦେଲା ଯେ ସେ କିଏ ଅଟନ୍ତି!

408 ବାଇବଲ କୁହେ ଯେ ଏହା...ଦାଉଦ, ବହୁ ବର୍ଷ ପୂର୍ବେ, ଗୀତସଂହିତାରେ...ଠିକ ଅଛି, ଭାଇ, ଆପଣ ଗୀତସଂହିତା ପାଠ କରନ୍ତୁ, ଯଦି ଆପଣ ସେଠାରେ ବାହାର କରିବେ । ଗୀତସଂହିତା 16:10 । [ଭାଇ ନେଭିଲ୍ ଶାସ୍ତ୍ର ପାଠ କରନ୍ତି—ସମ୍ପା ।]

*[କାରଣ ତୁମ୍ଭେ ମୋର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବ ନାହିଁ; କିମ୍ଵା ତୁମ୍ଭେ ଆପଣା ପବିତ୍ର ଜନକୁ କ୍ଷୟ ପାଇବାକୁ ଦେବ ନାହିଁ ।]*

409 ଭାଇ, ସେହି ସମାନ ବିଷୟକୁ ସେଠାରେ ପାଠ କରନ୍ତୁ, ଯେଉଁଠାରେକି ପିତର, ପ୍ରେରିତ କ୍ରିୟାରେ ତାହା ପ୍ରଚାର କରିଥିଲେ, ସେହି 2ୟ ପର୍ବ, 27ତମ ପଦରେ । [ଭାଇ ଷ୍ଟ୍ରିକର୍ ଶାସ୍ତ୍ର ପାଠ କରନ୍ତି—ସମ୍ପା ।]

*[କାରଣ ତୁମ୍ଭେ ମୋହର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବ ନାହିଁ, କିଅବା ଆପଣା ଭକ୍ତକୁ କ୍ଷୟ ପାଇବାକୁ ଦେବ ନାହିଁ ।]*

410 ଭାଇ, ଏହାର ଦୁଇଟି ପଦ ଉପରେ ପାଠ କରନ୍ତୁ, ଯେପରିକି ଆପଣ ଏହାର ପ୍ରସଙ୍ଗ ପାଇପାରନ୍ତି ।

*[ଦାଉଦ ତ ତାହାଙ୍କ ବିଷୟରେ କହନ୍ତି, ମୁଁ ସର୍ବଦା ମୋହର ସମ୍ମୁଖରେ ପ୍ରଭୁଙ୍କୁ ଦର୍ଶନ କରୁଥିଲି, କାରଣ ମୁଁ ଯେପରି ବିଚଳିତ ନ ହୁଏ, ସେଥିପାଇଁ ସେ ମୋହର ଦକ୍ଷିଣ ପାର୍ଶ୍ଵରେ ଅଛନ୍ତି:]*

*[ ତେଣୁ ମୋହର ହୃଦୟ ପ୍ରଫୁଲ୍ଲ, ଓ ମୋହର ଜିହ୍ବା ଉଲ୍ଲସିତ ହେଲା; ଆହୁରି ମୋର ଶରୀର ମଧ୍ୟ ଭରସାରେ ବାସ କରିବ: ]*

*[ କାରଣ ତୁମ୍ଭେ ମୋହର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବ ନାହିଁ, କିଅବା ଆପଣା ଭକ୍ତକୁ କ୍ଷୟ ପାଇବାକୁ ଦେବ ନାହିଁ । ]*

411 ବର୍ତ୍ତମାନ ପରବର୍ତ୍ତୀ ପଦ ପାଠ କରନ୍ତୁ ।

*[ ତୁମ୍ଭେ ମୋତେ ଜୀବନର ପଥ ଜ୍ଞାତ କରାଇଅଛ; ତୁମ୍ଭେ ଆପଣା ଛାମୁରେ ମୋତେ ଆନନ୍ଦରେ ପୂର୍ଣ୍ଣ କରିବ । ]*

412 ହଁ, ଧ୍ୟାନ ଦିଅନ୍ତୁ । ତେବେ, ମୋର ଯିହୋବା ୱିଟନେସ୍ ବନ୍ଧୁ, ମୁଁ ଆପଣଙ୍କୁ ତାହା ବିଷୟରେ ପଚାରିବାକୁ ଚାହେଁ । ବୁଝିଲେ? ଯଦି ନରକ ଏକ ସ୍ଥାନ ଅଟେ, ହେଡ୍ସ, ଶୋଲ୍, ଆପଣ ତାହାକୁ ଯାହା ବି ଡାକିବାକୁ ଚାହାଁନ୍ତି, ଯଦି ତାହା କବରରେ ଶେଷ ହୋଇଯାଏ, ତେବେ ସେ କାହିଁକି କହିଲେ, "ମୁଁ ମୋର ପ୍ରାଣକୁ ନରକରେ ଛାଡିବି ନାହିଁ, କିମ୍ଵା ମୁଁ ନିଜର ପବିତ୍ର ଜନକୁ କ୍ଷୟପ୍ରାପ୍ତ ହେବାକୁ ଦେବି ନାହିଁ"? ତାହା ବିଷୟରେ କଅଣ ଅଟେ? ବୁଝିଲେ?

413 ଏଠାରେ ତାହାଙ୍କ ଶରୀର, କବରରେ ଥିଲା; ଏବଂ ତାହାଙ୍କର ପ୍ରାଣ ନରକରେ ଥିଲା, ଜୀବିତ ଭାବରେ, ପ୍ରଚାର କରିଥିଲେ! ତାହା ବିଷୟରେ କଅଣ? ସେ ପୁନର୍ବାର ତାହାଙ୍କର ଥିଓଫାନିରେ ଥିଲେ । ତାହାଙ୍କର ପ୍ରାଣ ସେଠାରେ ତଳେ ସେହି ଲୋକମାନଙ୍କ ସହିତରେ ଥିଲା ଯେଉଁମାନେ ମଧ୍ୟ ଥିଓଫାନିରେ ଥିଲେ । ଏବଂ ସେମାନଙ୍କୁ ସାକ୍ଷ୍ୟ ଦେଉଥିଲେ, ଯେ ସେମାନେ "ଦୀର୍ଘସହିଷ୍ଣୁତା ସମୟରେ ଅନୁତାପ କରି ନ ଥିଲେ ।"

414 ସେ…ଅନ୍ୟ ଅର୍ଥରେ, ସେ ଦ୍ଵାରରେ ଆଘାତ କରିଥିଲେ । ଏବଂ ଯେତେବେଳେ ସେହି ଦ୍ଵାରକୁ ଫିଟାଗଲା, ଏବଂ ଏହି ସମସ୍ତ ପ୍ରାଣଗୁଡିକ ଯେଉଁମାନେକି ଅନୁତାପ କରିଥିଲେ, ସେ କହିଲେ, "ମୁଁ ସେହି ନାରୀର ବୀଜ ଅଟେ । ମୁଁ ସେହି ଜଣକ ଅଟେ ଯାହାଙ୍କ ବିଷୟରେ ହନୋକ ଏଠାରେ…" ଏଠାରେ ପାରଦୀଶରେ, ଅନ୍ୟ ଏକ ସ୍ଥାନ ଅଟେ । ବର୍ତ୍ତମାନ, ସେହି ତିନୋଟି ସ୍ଥାନକୁ ଭୁଲନ୍ତୁ ନାହିଁ: ଦୁଷ୍ଟମାନଙ୍କର ସ୍ଥାନ, ଧାର୍ମିକମାନଙ୍କର ସ୍ଥାନ, ଏବଂ ନରକ ନିଜେ । ବୁଝିଲେ?

415 ଠିକ୍ ଯେପରିକି ସ୍ଵର୍ଗର ଏକ ତ୍ରିତ୍ତ୍ୱ ଅଟେ, ଯଥା: ପିତା, ପୁତ୍ର, ଏବଂ ପବିତ୍ରଆତ୍ମା । ଯେପରିକି ସେହି ପଶୁର ତ୍ରିତ୍ତ୍ୱ: ଭଣ୍ଡ ଭବିଷ୍ୟଦ୍‌ବକ୍ତା, ସେହି ପଶୁ, ଏବଂ ସେହି—ଏବଂ ସେହି ପଶୁର ଚିହ୍ନ । ଏବଂ ସେସବୁ, ମନେରଖନ୍ତୁ, ଏହା ସବୁ ତ୍ରିତ୍ତ୍ୱରେ ଅଟେ । ତ୍ରିତ୍ତ୍ୱ ଗୋଟିଏକୁ, ସିଦ୍ଧ ଭାବରେ କରେ । ଗୋଟିଏ ସିଦ୍ଧ ଭାବରେ କରେ । ଆପଣ ସିଦ୍ଧ କରାଯାଆନ୍ତି, ତିନୋଟିରେ ଗୋଟିଏ: ପ୍ରାଣ, ଶରୀର, ଏବଂ ଆତ୍ମା; ଜଳ, ରକ୍ତ ଏବଂ ସ୍ନାୟୁ । ଦେଖନ୍ତୁ, ଆପଣ ଯାହା ବି ଥିଲେ, ଆପଣଙ୍କୁ ତ ଏକ ସିଦ୍ଧ ଗୋଟିଏ କରିବା ପାଇଁ ତିନୋଟି ନେବାକୁ ପଡିବ । ଏକ ତିନି-କୋଣିଆ କାଚ ଖଣ୍ଡ ନେଇ ତାହା ଉପରେ ସୂର୍ଯ୍ୟାଲୋକ ପକାନ୍ତୁ, ଆପଣ ଏକ ସିଦ୍ଧ ମେଘଧନୁ

ପାଇବେ । ଦେଖନ୍ତୁ, ସବୁକିଛିକୁ, ଆପଣଙ୍କୁ ତ ଏକ ସିଦ୍ଧ ଗୋଟିଏ କରିବା ପାଇଁ ତିନୋଟି ବିଷୟ ରଖିବା ଆବଶ୍ୟକ ।

416 ଏବଂ ବର୍ତ୍ତମାନ, ମନେରଖନ୍ତୁ ଯେ, ଯେତେବେଳେ ସେ ମୃତ୍ୟୁବରଣ କଲେ, ସେ ପ୍ରଥମେ ଗଲେ ଓ ସେହି ପ୍ରାଣଗୁଡିକୁ ପ୍ରଚାର କଲେ ଯେଉଁମାନେକି ବନ୍ଦୀ ନ ଥିଲେ... ଯେଉଁମାନେକି ବନ୍ଦୀ ଥିଲେ, ଏବଂ ସାକ୍ଷ୍ୟ ଦେଲେ ଯେ ସେ "ସେହି ସ୍ତ୍ରୀର ବୀଜ" ଥିଲେ । ସେ ହିଁ "ସେହି ଜଣକ ଥିଲେ ଯାହାଙ୍କୁ ହନୋକ ତାହାଙ୍କର ଦଶ ହଜାର ସାଧୁମାନଙ୍କ ସହିତ ଆସୁଥିବାର ଦେଖିଥିଲେ ।" ତାହାଙ୍କୁ ସେହି ଶାସ୍ତ୍ରଗୁଡିକର ସାକ୍ଷ୍ୟ ଦେବାକୁ ପଡିଥିଲା ଯାହା ନୋହଙ୍କ ଦ୍ୱାରା, ଏବଂ ହନୋକଙ୍କ ଦ୍ୱାରା, ଏବଂ ଧାର୍ମିକମାନଙ୍କ ଦ୍ୱାରା ପ୍ରଚାର କରାଯାଇଥିଲା, ଯେ "ସେ ସେହି ଜଣକ ଥିଲେ ।" ସମସ୍ତ କିଛିକୁ ଏହାକୁ ଚିହ୍ନିବାକୁ ପଡିଥିଲା!

417 ତାହାପରେ ସେ ପାତାଳକୁ ଗଲେ, ଏବଂ ମୃତ୍ୟୁ ଓ ନରକର ଚାବିକାଠି ଶୟତାନଠାରୁ ନେଲେ ।

418 ପାରଦୀଶକୁ ଫେରି ଆସିଲେ; ଏବଂ ଅବ୍ରହାମ, ଇସ୍‌ହାକ, ଓ ଯାକୁବ, ଏବଂ ଧାର୍ମିକମାନଙ୍କୁ ନେଇକରି ଆସିଲେ; ଏବଂ ଉତ୍ଥିତ କଲେ (ମାଥିଉ 27), ଏବଂ ସେମାନେ କବରରୁ ବାହାରି ଆସି ନଗର ଭିତରକୁ ପ୍ରବେଶ କଲେ, ଏବଂ ମାର୍ଗରେ ଲୋକମାନଙ୍କୁ ଦେଖା ଦେଲେ । ହାଲ୍ଲେଲୁୟା! ସେଠାରେ ଆପଣ ଅଛନ୍ତି!

419 ତେବେ, ମାତ୍ର ତାହାଙ୍କର ଶରୀର...ଯେତେବେଳେକି ତାହାଙ୍କର ପ୍ରାଣ ଏଠାରେ ବିନଷ୍ଟ ହୋଇଥିବା ଲୋକମାନଙ୍କୁ ସାକ୍ଷ୍ୟ ଦେଉଥିଲେ, ଏଠାରେ ତଳେ ଶୟତାନଠାରୁ ଚାବିକାଠି ନେଉଥିଲେ, ଏବଂ ଫେରି ଆସି ଅବ୍ରହାମ ଏବଂ ଇସ୍‌ହାକଙ୍କୁ ନେଇ ଆସୁଥିଲେ; ସେତେବେଳେ ତାହାଙ୍କର ପ୍ରାଣ ଏଠାରେ ପଡି ରହିଥିଲା...ତାହାଙ୍କର ପ୍ରାଣ ସେଠାରେ ତଳେ ଏହା କରୁଥିଲା, ଏବଂ ତାହାଙ୍କର ଶରୀର କବରରେ ପଡ଼ି ରହିଥିଲା । ସେହି କାରଣରୁ ହିଁ ଯୀଶୁ କହିଲେ...ଲୋକମାନେ କୁହନ୍ତି, "ତେବେ, ଯୀଶୁ କାହିଁକି କହିଲେ, 'ତିନି ଦିନରେ, ମୁଁ ଏହାକୁ ଉଠାଇ ନେବି, ତିନି ଦିନରେ ମୁଁ ଉଠାଇବି'? ସେ—ସେ ଶୁକ୍ରବାର ଦିନ ଅପରାହ୍ଣରେ ମୃତ୍ୟୁବରଣ କରିଥିଲେ, ରବିବାର ସକାଳେ ଉତ୍ଥିତ ହୋଇଥିଲେ ।"

420 ମାତ୍ର ଦେଖନ୍ତୁ, ଏହା "ତିନି ଦିନ *ମଧ୍ୟରେ*," ଥିଲା, ଯଦି ଆପଣ ଲେକ୍ସିକନ୍‌ରେ ଦେଖିବେ । କାରଣ ସେ ଜାଣିଥିଲେ ଯେ ଦାଉଦ, ଅଭିଷେକ ଅଧୀନରେ (ପବିତ୍ରଆତ୍ମାଙ୍କ ଅଭିଷେକର), କହିଥିଲେ, "ମୁଁ ମୋର ପବିତ୍ର ଜନକୁ କ୍ଷୟ ପାଇବାକୁ ଦେବି ନାହିଁ ।" ସେ ଜାଣିଥିଲେ ଯେ ଏହା ତାହାଙ୍କ ବିଷୟରେ ଥିଲା । ସେ ଜାଣିଥିଲେ ଯେ ଏହାର ଅଭିପ୍ରାୟ ସେ ଥିଲେ । ସେ ପରମେଶ୍ୱରଙ୍କ ପବିତ୍ର ଜନ ଥିଲେ, ଏବଂ ସେ ଜାଣିଥିଲେ ଯେ ବା-ସ୍ତୁରି ଘଣ୍ଟା ଭିତରେ କ୍ଷୟ ପାଇବା ଆରମ୍ଭ ହୋଇଯାଏ । ସେହି ତିନି ଦିନ ଭିତରେ କୌଣସି ସମୟରେ, ସେ ପୁନର୍ବାର ସେଥିରୁ ବାହାରି ଆସିବାକୁ ଯାଉଥିଲେ, କାରଣ ଶାସ୍ତ୍ର ଭଙ୍ଗ କରା ଯାଇପାରେ ନାହିଁ ।

421 ଏବଂ ସେଠାରେ ଥିବା ପ୍ରତ୍ୟେକ ପ୍ରତିଜ୍ଞା ମୋ ସମ୍ବନ୍ଧରେ ଏବଂ ଆପଣଙ୍କ ସମ୍ବନ୍ଧରେ ଅଟେ, ଏହା ଆମର ଅଟେ!

422 ସେ କହିଲେ, "ତୁମେ ଏହି ଶରୀରକୁ ନଷ୍ଟ କରି ଦିଅ, ଏବଂ ମୁଁ ଏହାକୁ ତିନି ଦିନ ମଧ୍ୟରେ ଉଠାଇବି।" କାରଣ ସେ କହିଥିଲେ, "ମୁଁ ମୋହର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବି ନାହିଁ, କିଅବା ଆପଣା ପବିତ୍ର ଜନକୁ କ୍ଷୟ ପାଇବାକୁ ଦେବି ନାହିଁ।"

423 ସେ ଜାଣିଥିଲେ, ତିନି ଦିନ ଭିତରେ ସେହି ଶରୀରଟି ସେଠାରୁ ବାହାରି ଆସୁଥିଲା। ସେ ସମ୍ପୂର୍ଣ୍ଣ ତିନି ଦିନ ରହିଲେ ନାହିଁ। ନା, ଆଜ୍ଞା, ସେ ନିଶ୍ଚିତରେ ରହିଲେ ନାହିଁ। ସେ ଶୁକ୍ରବାର ଅପରାହ୍ନରୁ ରବିବାର ସକାଳ ପର୍ଯ୍ୟନ୍ତ ରହିଲେ, ସେହି ଶରୀରର ଗୋଟିଏ କୋଷ ସୁଦ୍ଧା ନଷ୍ଟ ହୋଇ ନ ପାରେ।

424 ଏବଂ ସେ ମୃତ ଥିଲେ, ଓ ତାହାଙ୍କର ଶବକୁ ଲେପନ କରାଯାଇଥିଲା, ଏବଂ ରଖା ଯାଇଥିଲା...କିମ୍ବା କପଡ଼ାରେ ଗୁଡ଼ା ହୋଇ, ଏକ ସମାଧିରେ ରଖାଯାଇଥିଲା। ସେହି ଗରମ, ଉଷ୍ମ ଦେଶରେ, କିଛି ଘଣ୍ଟା ନିଅନ୍ତୁ ଏବଂ ସେ କ୍ଷୟ ପାଇବାକୁ ଚାଲିଯାଏ। ଆପଣ ଶବ ପୁତନୀ-...ପୁତନୀକରଣ କରିବାକୁ ଯାଆନ୍ତି, ଆପଣ ଜାଣନ୍ତି, ତାଙ୍କ ଶରୀର, ତାଙ୍କ ନାକ ଝଡିବା ଏବଂ ବିଷୟସବୁ ହୁଏ, କ୍ଷୟ ପାଇବା ଆରମ୍ଭ ହୁଏ; ସେହି ଗରମ, ଆର୍ଦ୍ର ଦେଶରେ। ଏବଂ ଏହା କ୍ଷୟ ପାଇବାକୁ ଯାଆନ୍ତା, କାରଣ ଏହା ଏକ ଶରୀର ଥିଲା। ମାତ୍ର ସେ ଜାଣିଥିଲେ, ଏହା ପୂର୍ବେକି ସେହି କୋଷଟି ନଷ୍ଟ ହୁଅନ୍ତା, ଯେ ପରମେଶ୍ୱର ଭବିଷ୍ୟଦ୍‌ବକ୍ତା ଦାଉଦଙ୍କ ଜରିଆରେ କହିଥିଲେ, "ମୁଁ ମୋର ପବିତ୍ର ଜନକୁ କ୍ଷୟ ପାଇବାକୁ ଦେବି ନାହିଁ।"

425 ସେ କିପରି ପରମେଶ୍ୱରଙ୍କ ବାକ୍ୟକୁ ନେଲେ ଏବଂ ଏହା ଦ୍ୱାରା ଜୀବନ ଯାପନ କଲେ! ବର୍ତ୍ତମାନ, ସେଠାରେ ଥିବା ସେହି ପ୍ରତିଜ୍ଞାମାନଙ୍କ ମଧ୍ୟରୁ ପ୍ରତ୍ୟେକଟି ଯାହାକି ତାହାଙ୍କ ସମ୍ବନ୍ଧରେ ଥିଲା, ପରମେଶ୍ୱର ସେଗୁଡିକ ମଧ୍ୟରୁ ପ୍ରତ୍ୟେକକୁ ପୂରଣ କରିଥିଲେ। ଏବଂ ପ୍ରତ୍ୟେକ ପ୍ରତିଜ୍ଞା ଯାହାକି ବିଶ୍ୱାସୀଙ୍କ ସମ୍ବନ୍ଧରେ ଅଟେ, ପରମେଶ୍ୱର ଏହାର ପ୍ରତ୍ୟେକ ପ୍ରତିଜ୍ଞାକୁ ପୂରଣ କରିବେ। ଆମେନ୍। କେବଳ ଆଶ୍ୱସ୍ତ ରୁହନ୍ତୁ ଯେ ଏହା ସତ୍ୟ ଅଟେ। ଆମେନ୍। ଅତଏବ, ତାହାଙ୍କର ପ୍ରାଣ...

> **କଅଣ ଆପଣ ଭାବୁଛନ୍ତି ଯେ ଏହା...**ନା, ମୋତେ କ୍ଷମା କରନ୍ତୁ। **ତିନି ଦିନ ପାଇଁ ଯେତେବେଳେ ଯୀଶୁଙ୍କ ଶରୀର ସମାଧିରେ ରହିଥିଲା ସେତେବେଳେ ତାହାଙ୍କର ଆତ୍ମା କେଉଁଠାରେ ଥିଲା?**

426 ତାହାଙ୍କର ଆତ୍ମା ନିମ୍ନସ୍ଥ ଅଞ୍ଚଳ, ପାତାଳରେ ଥିଲା; ଏବଂ ସେ ଉଠିଥିଲେ। ଏବଂ ମୁଁ ଏଠାରେ ଅଳ୍ପ—ଅଳ୍ପ ଗୋଟିଏ ବିବୃତ୍ତି ଯୋଗ କରିପାରେ ଯାହାକି ଆପଣଙ୍କୁ ଅନେକ ସାହାଯ୍ୟ କରିପାରେ। ଯେତେବେଳେ ସେ ଉଠିଲେ, ତାହାଙ୍କର...ଯେତେବେଳେ ସେ ମୃତ୍ୟୁରୁ ପୁନରୁତ୍‌ଥିତ ହେଲେ, ତାହାଙ୍କର ଏପର୍ଯ୍ୟନ୍ତ ମୁକ୍ତିର କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇ ନ ଥିଲା। ତାହା ଠିକ୍ ଅଟେ। ତାହାଙ୍କୁ ତ ସମଗ୍ର ବିଷୟ ପରିଷ୍କାର କରିବାକୁ ପଡିଥିଲା।

ମୂଲ୍ୟ ପରିଶୋଧ କରା ଯାଇଥିଲା, କିନ୍ତୁ ନରକ ସେହି ଭୟ, କବରର ସେହି ଭୟାବହ...ଏବଂ ଏଠାରେ, ଯେତେବେଳେ ସେ—ଯେତେବେଳେ ସେ ମୃତ୍ୟୁବରଣ କରିଥିଲେ, ସେ ଠିକ୍ ଆଗକୁ ବଢି ଚାଲିଲେ । ଯେତେବେଳେ ସେ ମୃତ୍ୟୁବରଣ କଲେ ସେ କେବେ ବି କାମ କରିବା ବନ୍ଦ କଲେ ନାହିଁ, ସେ ପ୍ରଚାର ଜାରି ରଖିଥିଲେ!...?...ମୋର ରୁକ୍ଷ ଆଚରଣକୁ କ୍ଷମା କରନ୍ତୁ, ମୁଁ ଅନୁମାନ କରେ, କିନ୍ତୁ ସେ କେବେ ବି ବନ୍ଦ କଲେ ନାହିଁ!

427 ଆପଣ କଦାପି ମରିବେ ନାହିଁ! ଆପଣଙ୍କର ଶରୀର ବୋଧହୁଏ କିଛି ସମୟ ପାଇଁ ବିଶ୍ରାମ କରିପାରେ, ମାତ୍ର ପରମେଶ୍ୱର ଏହାକୁ ଉଠାଇବେ, ସେ ପ୍ରତିଜ୍ଞା କରିଛନ୍ତି ଯେ ସେ ତାହା କରିବେ । ମାତ୍ର ଆପଣ ସେପର୍ଯ୍ୟନ୍ତ ବିନଷ୍ଟ ହୋଇପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ପରମେଶ୍ୱର ବିନଷ୍ଟ ନ ହୁଅନ୍ତି । ତାହା ଠିକ୍ । ଦେଖନ୍ତୁ, ତାହାଙ୍କର...ସେ ମରିଯିବା ପରେ, କାହା ପ୍ରତି... ଶିଷ୍ୟମାନଙ୍କ ପାଇଁ ମୃତ ଥିଲେ । ସେ ତ ଶୋଇଥିଲେ, ଯାହାକି ସେ ଥିଲେ । ସେମାନେ ତାହାଙ୍କୁ ନିଦ୍ରାରେ ପକାଇ ଦେଇଥିଲେ; ଯେପରିକି ସେ ଲାଜାର ବିଷୟରେ କହିଥିଲେ, "ମୁଁ ଯାଇ ତାକୁ ଜାଗ୍ରତ କରିବି ।" ପରମେଶ୍ୱରଙ୍କୁ ତାହାଙ୍କୁ ଜାଗ୍ରତ କରିବାକୁ ପଡିଥିଲା ।

428 ଦେଖନ୍ତୁ, ସେ ଠିକ୍ ତଳକୁ ଗଲେ, ସେ ପ୍ରଚାର କରିବା ଜାରି ରଖିଥିଲେ । ଏବଂ ସେ ଏଠାରେ କାରାଗାରରେ ବନ୍ଦୀ ଥିବା ପ୍ରାଣଗୁଡିକୁ ପ୍ରଚାର କଲେ । ଠିକ୍ ପାତାଳକୁ ଯାଇ, ଶୟତାନ ଠାରୁ ଚାବିଗୁଡ଼ିକୁ ଅଧିକାର କରି ନେଲେ । ଠିକ୍ ଫେରି ଆସିଲେ ଓ ପୁନର୍ବାର ପାରଦୀଶରେ ପ୍ରଚାର କଲେ, ଏବଂ ତୃତୀୟ ଦିନରେ ପୁନର୍ବାର ଉତ୍ଥିତ ହେଲେ । ଚାଳିଶ ଦିନ ପର୍ଯ୍ୟନ୍ତ ତାହାଙ୍କର ପ୍ରେରିତମାନଙ୍କ ସହିତ ଦେଖା କଲେ, ଏବଂ ଚାଳିଶ ଦିନର ଶେଷରେ, ସେ ସୀଧାସଳଖ ଉର୍ଦ୍ଧ୍ୱକୁ ଉନ୍ନୀତ ହେଲେ; କାରଣ, ଆମ ଉପରେ ସମସ୍ତ କିଛି, ଅନ୍ଧବିଶ୍ୱାସ ଏବଂ ଅନ୍ୟ ସବୁକିଛି...ସେ ପ୍ରତ୍ୟେକ ଅନ୍ଧବିଶ୍ୱାସ, ପ୍ରତ୍ୟେକ ସନ୍ଦେହକୁ ଛିନ୍ନ ଭିନ୍ନ କଲେ, ଏବଂ ତାହାଙ୍କର ଆରୋହଣରେ ପୃଥିବୀରୁ ମହିମା ପର୍ଯ୍ୟନ୍ତ ଏକ ପ୍ରାର୍ଥନା ପଂକ୍ତି ପ୍ରସ୍ତୁତ କରିଗଲେ । ଉର୍ଦ୍ଧ୍ୱକୁ ଯାଇ ତାହାଙ୍କ ମହାମହିମଙ୍କ ଡାହାଣ ପଟେ ବିରାଜିତ ହେଲେ । ବିଜୟୀ ଭାବରେ! ସେହି ମହାନ ବିଜେତା, ସଂପୂର୍ଣ୍ଣ ଭାବରେ । ମୃତ୍ୟୁ ତାହାଙ୍କୁ ଧରି ରଖିପାରିଲା ନାହିଁ! ନରକ ତାହାଙ୍କୁ ଧରି ରଖିପାରିଲା ନାହିଁ! ପୃଥିବୀ ତାହାଙ୍କୁ ଧରି ରଖିପାରିଲା ନାହିଁ!

429 ଯେତେବେଳେ ସେ ଏଠାରେ ପୃଥିବୀରେ ଥିଲେ, ତାହାଙ୍କୁ ଦିଆ ଯାଇଥିଲା...ସେ ସର୍ବନିମ୍ନ ନଗରକୁ ଓ ସର୍ବନିମ୍ନ ଲୋକମାନଙ୍କ ପାଖକୁ ଗଲେ, ଏବଂ ତାହାଙ୍କୁ ସର୍ବନିମ୍ନ ନାମ ଦିଆ ଯାଇଥିଲା । ତାହାହିଁ ଅଟେ ଯାହାକି ମଣିଷ ତାହାଙ୍କ ପ୍ରତି କରିଥଲା । ସେ ସର୍ବନିମ୍ନ ନଗର, ଯିରୀହୋକୁ ଗଲେ । ସବୁଠୁ ସାନ ଲୋକକୁ ତାହାଙ୍କୁ ଦେଖିବା ପାଇଁ ଏକ ଗଛରେ ଚଢିବାକୁ ପଡିଲା । ତାହାହିଁ ସେହି ସ୍ଥାନରେ ଯେଉଁଠାରେକି ମନୁଷ୍ୟ ତାହାଙ୍କୁ ରଖିଥିଲା । ସେ ଏକ ପାଦ-ଧୋଇବା ଦାସ ଥିଲେ, ସବୁଠାରୁ ନିମ୍ନ କାମ ଯାହା ଦିଆଯାଇ ପାରିଥାନ୍ତା । ସେ ସବୁଠୁ ନୀଚ ହୋଇଗଲେ । ଏବଂ ତାହାଙ୍କୁ ସବୁଠି ନୀଚ ନାମରେ ଡକାଗଲା ଯାହାକି ଦିଆ ଯାଇପାରିଥାନ୍ତା, *ବାଆଲ୍‌ଯିବୂଲ୍*, "ଶୟତାନର ରାଜକୁମାର ।" ମଣିଷ ତାହାଙ୍କୁ ସର୍ବନିମ୍ନ

ନାମ, ସର୍ବନିମ୍ନ ସ୍ଥାନ ପ୍ରଦାନ କଲା, ଏବଂ ତାହାଙ୍କୁ ସର୍ବନିମ୍ନ ନରକର ସବୁଠୁ ନିମ୍ନ ଅଞ୍ଚଳକୁ ପଠା ଯାଇଥିଲା ।

430 ପରମେଶ୍ୱର ତାହାଙ୍କୁ ଉଠାଇଲେ ଏବଂ ସର୍ବୋପରିସ୍ଥ ସ୍ୱର୍ଗକୁ ପଠାଇଲେ, ଏବଂ ପ୍ରତ୍ୟେକ ନାମଠାରୁ ଉଚ୍ଚ ଏକ ନାମ ପ୍ରଦାନ କଲେ । ହାଲ୍ଲେଲୁୟା! କାହିଁକି, ଏପରିକି ସ୍ୱର୍ଗକୁ ଦେଖିବା ପାଇଁ ସୁଦ୍ଧା ତାହାଙ୍କୁ ଦୃଷ୍ଟି ଦେବାକୁ ପଡିଥିଲା । ତୁମ୍ଭର ସିଂହାସନକୁ ସ୍ୱର୍ଗର ସ୍ୱର୍ଗଠାରୁ ମଧ୍ୟ ଉଚ୍ଚତର ଉଠା ଯାଇଅଛି । ଏବଂ ସର୍ବଶ୍ରେଷ୍ଠ ନାମ ଯାହାକି କେବେ ସ୍ୱର୍ଗ ଏବଂ ପୃଥିବୀରେ ନାମିତ ହୋଇଥିଲା ତାହା…ତାହାଙ୍କର ଚତୁର୍ଦ୍ଦିଗରେ ସମାବେଶ ରହିବାକୁ ଅଛି । ତାହାହିଁ ଅଟେ ଯାହାକି ପରମେଶ୍ୱର ତାହାଙ୍କୁ କରିଥିଲେ । ମଣିଷ ତାଙ୍କୁ ସର୍ବନିମ୍ନରେ ରଖିଲା, ଏବଂ ପରମେଶ୍ୱର ତାହାଙ୍କୁ ସର୍ବୋଚ୍ଚରେ ରଖିଲେ । ସେହିଠାରେ ହିଁ ସେ, ସର୍ବନିମ୍ନରୁ, ସର୍ବୋଚ୍ଚରେ ଅଟନ୍ତି ।

431 ସେ ସର୍ବନିମ୍ନ ହେଲେ ଯେପରିକି ସେ ଆମକୁ ସର୍ବୋଚ୍ଚକୁ ଆଣନ୍ତି । ସେ ଆମ୍ଭମାନଙ୍କ ମଧରୁ ଜଣେ ହୋଇଗଲେ, ଯେପରିକି ଆମେ ତାହାଙ୍କର ଅନୁଗ୍ରହ ଦ୍ୱାରା, ପରମେଶ୍ୱରଙ୍କ ପୁତ୍ର ହୋଇପାରୁ । ସେ ସେହିଠାକୁ ହିଁ ଗଲେ । ଆମେନ୍! ତାହାଙ୍କର ନାମ ଧନ୍ୟ ହେଉ । ସେ ଏକ ମାର୍ଗ ପ୍ରସ୍ତୁତ କଲେ ଯେପରିକି ଆମେମାନେ ମଧ୍ୟ, କୌଣସି ଦିନେ, ଆସିପାରୁ, "ଯେହେତୁ ମୁଁ ଜୀବିତ, ତୁମେମାନେ ମଧ୍ୟ ଜୀବିତ ଅଟ ।"

432 ଓଃ, ଏଥିରେ କୌଣସି ଆଶ୍ଚର୍ଯ୍ୟ ନୁହେଁ…ଯେତେବେଳେ ମଣିଷ ସେହି ଦର୍ଶନକୁ ପାଇଥାଏ, ସେଠାରେ ଏପରି କୌଣସି ପୁରୁଷ ନାହିଁ ଯିଏକି ଏହାକୁ ବୁଝାଇ ଦେଇପାରିବ । ସେମାନେ ଏପରିକି ଏହାକୁ ବୁଝାଇବା ନିମନ୍ତେ ଚେଷ୍ଟା କରିବାକୁ ଯାଇ, ସେମାନଙ୍କର ହତ ବୁଦ୍ଧି ହୋଇଛନ୍ତି; ଏହି ମହାନ ଗୀତ: "ଓଃ, ପରମେଶ୍ୱରଙ୍କ ପ୍ରେମ, କେତେ ଅଗାଧ ଏବଂ ବିଶୁଦ୍ଧ! କେତେ ଗଭୀର ଏବଂ ଶକ୍ତିଶାଳୀ!" ସେହି ଶେଷ ପଦଟି…ଅବା ମୁଁ ବିଶ୍ୱାସ କରେ ଯେ ସେହି ପ୍ରଥମ ପଦ, ଏହା ହେଲା: "ଯଦି ଆମେ ସମୁଦ୍ରରେ ପରିପୂର୍ଣ୍ଣ କାଳୀ ନେବା, ଏବଂ ଚିତ୍ରପଟ୍ଟ ଆକାଶରୁ ନିର୍ମାଣ ହୋଇଥାଏ;…" କଅଣ ଆପଣ ଜାଣିଛନ୍ତି ଯେ ତାହା କେଉଁଠାରେ ମିଳିଥିଲା? ତାହା ଲେଖା ହୋଇଥିଲା ପାଗଳ…ଏକ ପାଗଳ ଅନୁଷ୍ଠାନର କାନ୍ଥରେ ଲେଖା ହୋଇଥିଲା । ପରମେଶ୍ୱରଙ୍କର ସେହି ପ୍ରେମକୁ କେବେ ବି କୌଣସି ବ୍ୟକ୍ତି ବୁଝାଇପାରନ୍ତି ନାହିଁ । ଓଃ, ଏହା କଦାପି କୁହାଯାଇପାରେ ନାହିଁ, ଯାହା ସେ ଆମ ପାଇଁ କରିଛନ୍ତି । ମୋର ପ୍ରଭୁ, ଆପଣ କିପରି ଭାବରେ ସେଠାରେ ଗୋଟିଏ ଯୋଗ୍ୟତାକୁ ରଖିପାରିବେ? ଏହା ତ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ତାହାଙ୍କର ଅନୁଗ୍ରହ ଅଟେ । ମୁଁ ହଜି ଯାଇଥିଲି, ଅକାମୀ, ଓ ଅସହାୟ ହୋଇଯାଇଥିଲି, କୌଣସି ଉତ୍ତମତା ନ ଥିଲା, ଏହା ବିଷୟରେ କିଛି ହିଁ ନ ଥିଲା, ଏବଂ ସେ ତାହାଙ୍କ ଅନୁଗ୍ରହରେ ଆସି ଆମକୁ ଉଦ୍ଧାର କଲେ । ଓଃ, ମୋର ପ୍ରଭୁ । ଏହା ତ ତାହାଙ୍କର… ତାହା ମୋର ପ୍ରଭୁ ଅଟନ୍ତି । ଏହା ତ ତାହାଙ୍କର ପ୍ରେମ, ଏହା ତାଙ୍କର ଉତ୍ତମତା ଅଟେ ।

433 ବର୍ତ୍ତମାନ ଆମ ପାଖରେ ପ୍ରାୟଃ ସାତ ମିନିଟ୍ ଅଛି ଏବଂ ପ୍ରାୟଃ ପନ୍ଦରଟି ପ୍ରଶ୍ନ ଓ…

## 62. କଅଣ ଆପଣ ଭାବୁଛନ୍ତି ଯେ ଏହା ସ୍ତ୍ରୀଲୋକମାନଙ୍କ ପାଇଁ ମଣ୍ଡଳୀ ବାହାରେ ବ୍ୟକ୍ତିଗତ କାର୍ଯ୍ୟ କରିବା ଉଚିତ୍ ଅଟେ କି?

434 ହଁ। ତାହା ତ କେବଳ ଏକ ପ୍ରଶ୍ନ ଅଟେ, କେବଳ ଏକ…ଏକ ଶାସ୍ତ୍ରସଙ୍ଗତ ପ୍ରଶ୍ନ ନୁହେଁ, ମାତ୍ର…ନିଶ୍ଚିତ ଭାବରେ, ମୁଁ କରେ। ହଁ, ଆଜ୍ଞା, ଆମେ ସମସ୍ତେ ଏକତ୍ର କର୍ମକର୍ତ୍ତା ଅଟୁ। ସ୍ତ୍ରୀଲୋକମାନଙ୍କର ସେମାନଙ୍କର ସ୍ଥାନ ଅଛି, ଏବଂ ନିଶ୍ଚିତ ଭାବରେ ସେମାନେ କରନ୍ତି। ହଁ, ଆଜ୍ଞା। ଆପଣ ନିଜର ସମସ୍ତ ବ୍ୟକ୍ତିଗତ କାର୍ଯ୍ୟ କରନ୍ତୁ ଯାହା ଆପଣ କରିପାରନ୍ତି, ଏବଂ ପରମେଶ୍ୱର ଏଥି ନିମନ୍ତେ ଆପଣଙ୍କୁ ଆଶୀର୍ବାଦ କରିବେ।

ଠିକ ଅଛି, ବର୍ତ୍ତମାନ ଆସନ୍ତୁ ଦେଖିବା:

## 63. ଦୟାକରି ତ୍ରିତ୍ତ୍ୱବାଦକୁ ବ୍ୟାଖ୍ୟା କରନ୍ତୁ। ପୁତ୍ର କିପରି ପିତାଙ୍କ ଦକ୍ଷିଣ ପାର୍ଶ୍ୱରେ ବସି, ପିତାଙ୍କଠାରେ…ମଧ୍ୟସ୍ଥି କରିପାରନ୍ତି, ଯଦି ସେମାନେ ଦୁଇଜଣ ବ୍ୟକ୍ତି ନୁହଁନ୍ତି?

435 ତେବେ, ପ୍ରିୟ ବନ୍ଧୁ, ତାହା ହେଉଛି ଏକ…ତାହା ହେଉଛି—ତାହା ହେଉଛି ଏକ ପ୍ରକାଶନ। ଯଦି ଯୀଶୁ କହିଲେ, "ମୁଁ ଏବଂ ମୋର ପିତା ଏକ," ତେବେ ସେମାନେ କିପରି ଦୁଇ ହୋଇପାରନ୍ତି? ବୁଝିଲେ? ବର୍ତ୍ତମାନ, ସେମାନେ ଦୁଇଜଣ ନୁହଁନ୍ତି।

436 ଜଣେ ସ୍ତ୍ରୀଲୋକ ଥରେ ମୋତେ କହିଥିଲେ, ଏବଂ ମୁଁ ତାହା ବୁଝାଉଥିଲି, କହିଲେ, "ଆପଣ ଏବଂ ଆପଣଙ୍କର ପତ୍ନୀ—ଦୁଇ ଅଟନ୍ତି, ତଥାପି ଆପଣ ଏକ।"

437 ମୁଁ କହିଲି, "କିନ୍ତୁ, ପରମେଶ୍ୱର ଏବଂ ପୁତ୍ର ତାହାଠାରୁ ଭିନ୍ନ ଅଟନ୍ତି, ଦେଖନ୍ତୁ।" ମୁଁ କହିଲି, "ଆପଣ ମୋତେ ଦେଖନ୍ତି?"

"ହଁ।"

"କଅଣ ଆପଣ ମୋର ପତ୍ନୀଙ୍କୁ ଦେଖୁଛନ୍ତି କି?"

"ନା।"

438 ମୁଁ କହିଲି, "ତେବେ, ପିତା ଏବଂ ପୁତ୍ର ଭିନ୍ନ ଅଟନ୍ତି; ଯୀଶୁ କହିଲେ, 'ଯେତେବେଳେ ତୁମେ ମୋତେ ଦେଖିଥାଅ, ତୁମେ ପିତାଙ୍କୁ ଦେଖିଥାଅ।'" ବୁଝିଲେ?

439 ପିତା ଏବଂ ପୁତ୍ର…ପିତା ସର୍ବଶକ୍ତିମାନ ଯିହୋବା (ପରମେଶ୍ୱର) ଥିଲେ ଏବଂ ଯୀଶୁ ଖ୍ରୀଷ୍ଟ ନାମକ ଏକ ତମ୍ବୁରେ ବାସ କରୁଥିଲେ, ଯାହାକି ପରମେଶ୍ୱରଙ୍କ ଅଭିଷିକ୍ତ ପୁତ୍ର ଥିଲେ। ଯୀଶୁ ଜଣେ ମନୁଷ୍ୟ ଥିଲେ, ପରମେଶ୍ୱର ଜଣେ ଆତ୍ମା ଅଟନ୍ତି। ଏବଂ କୌଣସି ବ୍ୟକ୍ତି କେବେ ହେଲେ କୌଣସି ସମୟରେ ପରମେଶ୍ୱରଙ୍କୁ ଦେଖି ନାହାଁନ୍ତି, କିନ୍ତୁ ପିତାଙ୍କ ଏକମାତ୍ର *ଅଦ୍ୱିତୀୟ* ପୁତ୍ର ତାହାଙ୍କୁ ଘୋଷଣା କରିଛନ୍ତି। ସେ ଥିଲେ…ସେ…ତାହାଙ୍କର ବ୍ୟକ୍ତିତ୍ୱ, ତାହାଙ୍କର ଅବସ୍ଥିତି, ତାହାଙ୍କର ଈଶ୍ୱରତ୍ତ୍ୱ, ସେ ଯାହାକିଛି ବି ଥିଲେ, ସେ ପରମେଶ୍ୱର ଥିଲେ! ସେ ପରମେଶ୍ୱରଙ୍କଠାରୁ କିଛି କମ୍ କିମ୍ବା ଆଉ କିଛି ନ ଥିଲେ। ତଥାପି, ସେ ଜଣେ ମନୁଷ୍ୟ ଥିଲେ।

ସେ ଜଣେ ମନୁଷ୍ୟ ଥିଲେ, ଏପରି ଏକ ଘର ଥିଲେ ଯେଉଁଥିରେ ପରମେଶ୍ୱର ବାସ କରିଥିଲେ । ତାହା ଠିକ୍ ଅଟେ, ସେ ପରମେଶ୍ୱରଙ୍କ ବାସସ୍ଥାନ ଥିଲେ ।

440 ବର୍ତ୍ତମାନ, ଯଦି ଆପଣ ଏହା ଉପରେ କିଛି ଶାସ୍ତ୍ରାଂଶ ଚାହୁଁଛନ୍ତି: ଭାଇ ନେୱିଲ୍, ଯଦି ଆପଣ ମୋ ପାଇଁ ସାଧୁ ମାର୍କ 14:62 ବାହାର କରିବେ । ଏବଂ ଭଉଣୀ ଉଡ୍, ଆପଣ ମୋ ପାଇଁ ଏଫିସୀୟ 1:20 ବାହାର କରନ୍ତୁ । ଆଉ ଅନ୍ୟ କାହାରି ପାଖରେ ବାଇବଲ ଅଛି କି? ତେବେ, ନିଜର ହାତ ଉଠାନ୍ତୁ । ଭଉଣୀ ଆର୍ନୋଲ୍ଡ, କଅଣ ଆପଣଙ୍କ ପାଖରେ ସେଠାରେ ଗୋଟିଏ ଅଛି କି? ଠିକ ଅଛି, ଆପଣ ମୋ ପାଇଁ ପ୍ରେରିତ 7:55 ବାହାର କରନ୍ତୁ । ଠିକ୍ ଅଛି । ମାର୍କ 14:62, ଭାଇ ନେୱିଲ୍; ଏବଂ ଭଉଣୀ ଉଡ୍‌ଙ୍କର ଏଫିସୀୟ 1:20; ପ୍ରେରିତ 7:55, ଭଉଣୀ ଆର୍ନୋଲ୍ଡ ।

441 ଠିକ ଅଛି, ଭାଇ ନେୱିଲ୍, କଅଣ ଆପଣ ଏହା ପାଇଲେ କି? ଠିକ ଅଛି, ବର୍ତ୍ତମାନ ପାଠ କରନ୍ତୁ । [ଭାଇ ନେୱିଲ୍ ଶାସ୍ତ୍ର ପାଠ କରନ୍ତି—ସମ୍ପା ।]

> *[ଯୀଶୁ କହିଲେ, ମୁଁ ସେହି: ପୁଣି ଆପଣମାନେ ମନୁଷ୍ୟପୁତ୍ରଙ୍କ ପରାକ୍ରମର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ, ଓ ଆକାଶର ମେଘମାଳାରେ ଆଗମନ କରିବା ଦେଖିବେ ।]*

442 ଠିକ୍ ଅଛି, ବର୍ତ୍ତମାନ, ସେଠାରେ ପ୍ରଥମ ବାକ୍ୟାଂଶ ଦେଖନ୍ତୁ, ଯୀଶୁ କହିଲେ, "**ମୁଁ ସେହି ।**"

443 "**ମୁଁ ସେହି ।**" ସେହି **ମୁଁ ସେହି** କିଏ ଥିଲେ? ସମଗ୍ର ବିଶ୍ୱରେ ଏପରି କୌଣସି ବ୍ୟକ୍ତି ହୋଇ ନାହାଁନ୍ତି ଯିଏକି ଏହାକୁ ବ୍ୟାଖ୍ୟା କରିପାରିବେ । ଏପରିକି ସେହି…ଆପଣ ଯେଉଁମାନେକି ଲେକ୍ସିକନ୍ ଏବଂ ଇତ୍ୟାଦି ପାଠ କରନ୍ତି, ଏପରି କେବେ ହେଲେ କୌଣସି ବ୍ୟକ୍ତି ହୋଇ ନାହାଁନ୍ତି ଯିଏକି ସ୍ପଷ୍ଟ ଭାବେ କହିପାରିବ…ଏହା ଯ-ୱ-ହ-ଉ ଅଟେ । ଏପରିକି ସେହି ଏବ୍ରୀୟ ପଣ୍ଡିତମାନେ ମଧ୍ୟ ଏହାକୁ କେବେ ଉଚ୍ଚାରଣ କରିପାରି ନ ଥିଲେ । ସେଠାରେ ସେହି ଜ୍ୱଳନ୍ତ ବୁଦା, ସେହି ଦିନ ଯେତେବେଳେ ସେ ମୋଶାଙ୍କ ସହିତ ସାକ୍ଷାତ କରିଥିଲେ, ଏହା ଯ-ୱ-ହ-ଉ ଥିଲେ । ତେଣୁ ସେମାନେ ଏହାକୁ "ଯ-ଓ-ହ, ଯିହୋବା" ଉଚ୍ଚାରଣ କରିଥିଲେ, କିନ୍ତୁ ଏହା "ଯିହୋବା" ନୁହେଁ । ଯ-ୱ-ହ-ଉ, ଦେଖନ୍ତୁ, କେହି ହେଲେ ଜାଣନ୍ତି ନାହିଁ ।

444 ଏବଂ ଆପଣ କୁହନ୍ତି, "ତେବେ, ମୋଶା ଏହାକୁ ସ୍ପଷ୍ଟ ଭାବେ କହିପାରି ନ ଥିଲେ ।"

445 ସେ କହିଲେ, "କିଏ ବୋଲି ମୁଁ କଅଣ କହିପାରେ?"

446 ସେ ଉତ୍ତର ଦେଲେ, "କହିବ, '**ମୁଁ ଅଟେ**' ତୁମକୁ ପଠାଇଛନ୍ତି । **ମୁଁ ଅଟେ ।**"

447 ବର୍ତ୍ତମାନ ଦେଖନ୍ତୁ, ***ମୁଁ ଅଟେ*** ହେଉଛି ଏକ ବର୍ତ୍ତମାନ କାଳ, ତାହା "ମୁଁ ଥିଲି" କିମ୍ବା "ମୁଁ ହେବି" ନୁହେଁ, **ମୁଁ ଅଟେ ।** ତେବେ, ସେ କହିଲେ, "ସମସ୍ତ ପୀଢୀ ନିମନ୍ତେ ଏହା ଏକ ସ୍ମରଣୀୟ ହେବ: **ମୁଁ ଅଟେ ।**"

448 ବର୍ତ୍ତମାନ ଯୀଶୁଙ୍କୁ ସେହି ଦିନ ସେଠାରେ ଭୋଜିରେ ଛିଡା ହୋଇଥିବାର ଦେଖନ୍ତୁ । ସେମାନେ କହିଲେ, "ଆମେମାନେ ବର୍ତ୍ତମାନ ଜାଣୁ ଯେ ତୁମର ମୁଣ୍ଡ ଖରାପ ଅଟେ ।" ସଠିକ୍ ଶବ୍ଦରେ, "ତୁମେ ପାଗଳ ଅଟ ।" (*ପାଗଳ* ଅର୍ଥ "ମୁଣ୍ଡ ଖରାପ ହେବା ।") "ଆମେ ଜାଣୁ ଯେ ତୁମର ମୁଣ୍ଡ ଖରାପ୍ ଅଟେ । ତୁମେ ଜଣେ ଶମିରୋଣୀୟ, ତୁମକୁ ଶୟତାନ ଧରିଛି ।" (ସାଧୁ ଯୋହନ, ୫ଷ୍ଟ ପର୍ବ) ଏବଂ ସେ କହିଲେ, "ବର୍ତ୍ତମାନ, ତୁମେମାନେ କହୁଛ ଯେ ତୁମେ... ଅବ୍ରହାମଙ୍କୁ ଦେଖିଛ, ଆଉ ତୁମର ଆୟୁ ତ ପଚାଶ ବର୍ଷରୁ ଅଧିକ ନୁହେଁ?" (ସେ ହୁଏତ ତାହାଙ୍କ ବୟସ ପାଇଁ ଟିକେ ଅଧିକ ବୃଦ୍ଧ ଦେଖାଯାଉ ଥାଇପାରନ୍ତି, କିନ୍ତୁ ସେ ମାତ୍ର ତିରିଶ ବର୍ଷର ଥିଲେ, ମାତ୍ର ତାହାଙ୍କର କାର୍ଯ୍ୟ ।) କହିଲେ, "ତୁମର କହିବାର ଅର୍ଥ ଯେ ତୁମର ଆୟୁ ପଚାଶ ବର୍ଷରୁ ମଧ୍ୟ ଅଧିକ ନୁହେଁ, ଏବଂ ତୁମେ କହୁଛ ଯେ ତୁମେ 'ଅବ୍ରହାମଙ୍କୁ ଦେଖିଛ'? ଆମେ ଜାଣୁ ଯେ ତୁମେ ବର୍ତ୍ତମାନ ପାଗଳ ଅଟ ।" ବୁଝିଲେ?

ସେ କହିଲେ, "ଏହା ପୂର୍ବରୁ ଅବ୍ରହାମ ଥିଲେ, **ମୁଁ ଅଟେ ।**

449 "**ମୁଁ ଅଟେ**," ସେ ସେହି ମହାନ **ମୁଁ ଅଟେ** ଥିଲି । ଏଠାରେ ସେ ପୁନର୍ବାର ଏହି ଯିହୁଦୀମାନଙ୍କୁ କହୁଛନ୍ତି, ଦେଖନ୍ତୁ, "**ମୁଁ ଅଟେ**! ଏବଂ ଯେତେବେଳେ ତୁମେ ମୋତେ ପରାକ୍ରମର ଦକ୍ଷିଣ ପାର୍ଶ୍ୱରେ ଆସୁଥିବାର ଦେଖିବ..." କଅଣ ତାହା ଠିକ୍ କି?

450 ଭାଇ, ତାହା ପୁଣି ଥରେ ପାଠ କରନ୍ତୁ [ଭାଇ ନେଭିଲ୍ ଶାସ୍ତ୍ର ପଢ଼ନ୍ତି—ସମ୍ପା ।]

[...*ଏବଂ ଆପଣମାନେ ମନୁଷ୍ୟପୁତ୍ରଙ୍କୁ ପରାକ୍ରମର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ, ଓ ଆକାଶର ମେଘମାଳାରେ ଆଗମନ କରିବା ଦେଖିବେ ।*]

451 ଭଉଣୀ ଉଡ୍, ବର୍ତ୍ତମାନ ଆପଣଙ୍କର ପାଠ କରନ୍ତୁ । [ଟେପ୍‌ରେ ରିକ୍ତ ସ୍ଥାନ ଭଉଣୀ ଉଡ୍ କୁହନ୍ତି, "ଏଫିସୀୟ 1:20?"—ସମ୍ପା ।ହିଁ, ମହାଶୟା ।[ଭଉଣୀ ଉଡ୍ ଶାସ୍ତ୍ର ପାଠ କରନ୍ତି ।]

[*ସେହି ଶକ୍ତି ସେ ଖ୍ରୀଷ୍ଟଙ୍କଠାରେ ସାଧନ କରି, ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ, ସ୍ୱର୍ଗରେ ଆପଣା ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରାଇଲେ ।*]

452 ଠିକ୍ ଅଛି, ଭଉଣୀ, ନିଜର ପାଠ କରନ୍ତୁ । ଦେଖନ୍ତୁ, ଏହା ଠିକ ସମାନ ଅଟେ । [ଭଉଣୀ ଆର୍ନୋଲ୍‌ଡ ପ୍ରେରିତ 7:55 ପାଠ କରନ୍ତି—ସମ୍ପା ।]

[*କିନ୍ତୁ ସେ, ପବିତ୍ରଆତ୍ମାରେ ପୂର୍ଣ୍ଣ ହୋଇ, ସ୍ୱର୍ଗ ପ୍ରତି ସ୍ଥିର ଦୃଷ୍ଟିରେ ଚାହିଁଲେ, ଆଉ ପରମେଶ୍ୱରଙ୍କ ମହିମା, ଓ ଯୀଶୁଙ୍କୁ ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇଥିବା ଦେଖିଲେ,*]

453 ବର୍ତ୍ତମାନ, ଆପଣ ଦେଖନ୍ତୁ, ଯି-...ପରମେଶ୍ୱରଙ୍କର ଏକ ବଡ ଦକ୍ଷିଣ ହସ୍ତ ରହିପାରେ ନାହିଁ, ଦେଖନ୍ତୁ, ଯେ ଯୀଶୁ ତାହାଙ୍କ ଦକ୍ଷିଣ ପାର୍ଶ୍ୱରେ ଛିଡା ହୋଇଛନ୍ତି । *ଦକ୍ଷିଣ ପାର୍ଶ୍ୱ*ର ଅର୍ଥ "କ୍ଷମତା ।" ଦେଖନ୍ତୁ? କେବଳ ଉଦାହରଣ ସ୍ୱରୂପ, କଅଣ ହୁଏ ଯଦି ମୁଁ—ଯଦି ମୁଁ ମଣ୍ଡଳୀର ସମ୍ପୂର୍ଣ୍ଣ ଶାସକ ହୁଏ, କିମ୍ବା ମୁଁ ଏକ ପ୍ରକାରର ବିଶପ ହୁଏ, ଏବଂ ଭାଇ ନେଭିଲ୍ ମୋର ସ୍ଥାନକୁ

ଗ୍ରହଣ କରନ୍ତି, ସେ ମୋର ଦକ୍ଷିଣ ପାର୍ଶ୍ୱ ହେବେ । ଦେଖନ୍ତୁ, ଏହାର ଅର୍ଥ ହେଉଛି ଯେ ସେ… ସେ ମୋର ଦକ୍ଷିଣ ପାର୍ଶ୍ୱରେ ରହିବେ ।

454 ତେବେ, ଯୀଶୁ ପରାକ୍ରମର ଦକ୍ଷିଣ ପାର୍ଶ୍ୱରେ ଅଛନ୍ତି । ବର୍ତ୍ତମାନ, ସେ ଏଠାରେ ଏଫିସୀୟରେ, ଏହା କୁହନ୍ତି, ଯେତେବେଳେ ସେ ଏହାକୁ ବ୍ୟାଖ୍ୟା କରୁଛନ୍ତି, ସେ ପରାକ୍ରମର ଦକ୍ଷିଣ ପାର୍ଶ୍ୱରେ ଅଛନ୍ତି । "ସ୍ୱର୍ଗ ଏବଂ ପୃଥିବୀର ସମସ୍ତ ଶକ୍ତି" (ନିଜର ପୁନରୁତ୍ଥାନ ପରେ, ସେ କହିଥିଲେ) "ମୋତେ ଦତ୍ତ ହୋଇଅଛି । ସ୍ୱର୍ଗ ଏବଂ ପୃଥିବୀର ସମସ୍ତ ଶକ୍ତି ମୋ ପାଖରେ ଅଛି । ତେଣୁ କରି ଯାଇ ସମସ୍ତ ରାଷ୍ଟ୍ରକୁ ଶିକ୍ଷା ଦେଇ, ସେମାନଙ୍କୁ ପିତା, ଏବଂ ପୁତ୍ର, ପବିତ୍ରଆତ୍ମାଙ୍କ ନାମରେ ବାପ୍ତିଜିତ କର, ଓ ଯେଉଁ ସବୁ ବିଷୟ ମୁଁ ତୁମକୁ ଆଜ୍ଞା କରିଅଛି ତାହା ପାଳନ କରିବାକୁ ସେମାନଙ୍କୁ ଶିକ୍ଷା ଦିଅ; ଦେଖ, ମୁଁ ଜଗତର ଶେଷ ପର୍ଯ୍ୟନ୍ତ, ସର୍ବଦା ତୁମ ସହିତରେ ଅଛି ।"

455 "ସ୍ୱର୍ଗ ଓ ପୃଥିବୀରେ ସମସ୍ତ ଶକ୍ତି ।" ତାହା କେଉଁଠାରେ…ଯଦି ତାହାଙ୍କ ବ୍ୟତୀତ ସେଠାରେ ଉପରେ ଜଣେ ଈଶ୍ୱର ଅଛନ୍ତି, ତେବେ ସେ ଶକ୍ତିହୀନ ଅଟନ୍ତି । ଦେଖନ୍ତୁ, ସେଠାରେ ଅନ୍ୟ କୌଣସି ଈଶ୍ୱର ରହିପାରିବେ ନାହିଁ । "ସ୍ୱର୍ଗ ଏବଂ ପୃଥିବୀର ସମସ୍ତ ଶକ୍ତି" ତାହାଙ୍କର ହସ୍ତାଧିନ ଅଟେ । ତେଣୁ, ଆପଣ ଦେଖନ୍ତୁ, "ସେ ଦକ୍ଷିଣ ପାର୍ଶ୍ୱରେ ଛିଡା ହୋଇଛନ୍ତି," (ଯେପରିକି ସେହି ବ୍ୟକ୍ତି ପ୍ରଶ୍ନ ପଚାରିଥିଲେ) ଏହାର ଅର୍ଥ ନୁହେଁ…

456 ତେବେ ଦେଖନ୍ତୁ, ସେହି ଶରୀର…ପରମେଶ୍ୱର ଏକ ଆତ୍ମା ଅଟନ୍ତି । ହଁ, କେତେ ଲୋକ ଏହା ବୁଝନ୍ତି? କୁହନ୍ତୁ, "ଆମେନ୍ ।" ପରମେଶ୍ୱର ଜଣେ ଆତ୍ମା ଅଟନ୍ତି, ଯୀଶୁ ଜଣେ ମନୁଷ୍ୟ, ଏବଂ ପରମେଶ୍ୱର ମାଂସମୟ ଶରୀରରେ ଯୀଶୁ ଥିଲେ । ଯୀଶୁ ଥିଲେ…ଆମେ କଦାପି ପରମେଶ୍ୱରଙ୍କୁ ଦେଖିପାରିବା ନାହିଁ, ଦେଖନ୍ତୁ, ସେ ଜଣେ ଆତ୍ମା ଅଟନ୍ତି । ଆପଣ ଆତ୍ମାକୁ ଦେଖିପାରନ୍ତି ନାହିଁ । "କୌଣସି ବ୍ୟକ୍ତି କେବେ ହେଲେ କୌଣସି ସମୟରେ ପରମେଶ୍ୱରଙ୍କୁ ଦେଖି ନାହାଁନ୍ତି ।" କୌଣସି ବ୍ୟକ୍ତି ପରମେଶ୍ୱରଙ୍କୁ ଦେଖିପାରିବେ ନାହିଁ ।

457 ଏବଂ ମୋତେ ଏହା କହିବାକୁ ଦିଅନ୍ତୁ, "ଆପଣ ମୋତେ କେବେ ହେଲେ ଦେଖି ନାହାଁନ୍ତି ।" ଆପଣ ମୋତେ ନିଜ ଜୀବନ ସାରା କେବେ ବି ଦେଖି ନାହାଁନ୍ତି, ଏବଂ ଆପଣ ମୋତେ କେବେ ଦେଖିବେ ନାହିଁ । ତାହା ଠିକ୍ ଅଟେ । ଆପଣ ଏହି ଶରୀରକୁ ଦେଖନ୍ତି ଯାହା ଏହି ବ୍ୟକ୍ତିଙ୍କୁ ଘୋଷଣା କରେ, ଯାହାକି ଏଠାରେ ଅଛି । ବର୍ତ୍ତମାନ, ଏହି ଶରୀରରେ ଅନନ୍ତ ଜୀବନ ନାହିଁ, କିନ୍ତୁ ଆତ୍ମାର ଅନନ୍ତ ଜୀବନ ଅଛି । ଏହି ଶରୀରଟି ଫେରିଯିବ, କିନ୍ତୁ ଏହା ପୁନର୍ବାର ସେହି ସାଦୃଶ୍ୟତାରେ ଫେରି ଆସିବ, ଯେପରିକି ଗହମର ଏକ ଶସ୍ୟ ଦାନା ଭୂମି ଭିତରକୁ ଯାଇଥାଏ । ଖ୍ରୀଷ୍ଟିଆନ ଧର୍ମ ପୁନରୁତ୍ଥାନ ଉପରେ ଆଧାରିତ ଅଟେ, ପ୍ରତିସ୍ଥାପନ ଉପରେ ନୁହେଁ । ପୁନରୁତ୍ଥାନ; ସେହି ସମାନ ଯୀଶୁ ଯିଏକି ତଳକୁ ଗଲେ, ସେହି ସମାନ ଯୀଶୁ ଫେରି ଆସିଥିଲେ । ଯଦି ଆପଣ ଲାଲ୍-କେଶ ହୋଇ ତଳକୁ ଯାଆନ୍ତି, ଆପଣ ଲାଲ୍-କେଶ ହୋଇ ଫେରି ଆସନ୍ତି; ଯଦି ଆପଣ କଳା-କେଶ ହୋଇ ତଳକୁ ଯାଆନ୍ତି, ଆପଣ କଳା-କେଶ ହୋଇ ଉପରକୁ ଆସନ୍ତି । ଦେଖନ୍ତୁ, ଏହା ଏକ ପୁନରୁତ୍ଥାନ ଅଟେ ।

458 ଯେତେବେଳେ ଆପଣ ଖାଇବାକୁ ଯାଆନ୍ତି...ଅଳ୍ପ କିଛି ଦିନ ପୂର୍ବରୁ, ମୁଁ ତାହା ଡାକ୍ତରଙ୍କୁ ପଚାରିଥିଲି, ମୁଁ କହିଲି, "ଯେତେବେଳେ ମୁଁ ଷୋହଳ ବର୍ଷ ଆୟୁର ହୋଇଥିଲି ସେତେବେଳେ ତାହା କାହିଁକି...ପ୍ରତ୍ୟେକ ଥର ଯେତେବେଳେ ମୁଁ ଖାଇଥାଏ, ମୁଁ ମୋ ଜୀବନକୁ ନୂତନୀକୃତ କରୁଥିଲି?"

459 କହିଲେ, "ତାହା ଠିକ୍ ଅଟେ ।"

460 ଆପଣ ପ୍ରତ୍ୟେକ ଥର ନୂତନ—ନୂତନ କୋଷଗୁଡ଼ିକୁ ଗ୍ରହଣ କରନ୍ତି ଯେତେବେଳେ ଆପଣ...ସେହି—ସେହି ଶରୀର ନିର୍ମାଣ କରେ...କିମ୍ବା ସେହି ଖାଦ୍ୟ ରକ୍ତ କୋଶିକାଗୁଡ଼ିକୁ ନିର୍ମାଣ କରେ, ଏବଂ ସେହି ରକ୍ତ କୋଶିକା ଆପଣଙ୍କୁ ବଳ ବର୍ଦ୍ଧିଷ୍ଣୁ କରେ । ସେହିପରି ଭାବରେ ତ ଆପଣ ଜୀବିତ ରୁହନ୍ତି । ତାହାହେଲେ, ପ୍ରତ୍ୟେକ ଥର ଆପଣଙ୍କୁ ବଞ୍ଚି ରହିବା ପାଇଁ, କିଛି ଗୋଟାଏ ବିଷୟକୁ ମରିବାକୁ ପଡ଼େ । ପ୍ରତିଦିନ, କିଛି ଗୋଟାଏ ମରେ: ଯଦି ଆପଣ ମାଂସ ଖାଆନ୍ତି, ତେବେ ଗାଈଟିଏ ମରିଥାଏ; କିମ୍ବା ଆପଣ ଯାହାକିଛି ବି ଖାଆନ୍ତି; ଏବଂ ମାଛ ମରିଥାଏ । କିମ୍ବା ସେହି—କିମ୍ବା ସେହି ରୁଟିକୁ ତିଆରି କରିବା ପାଇଁ, ଗହମ ମରିଥାଏ; ଆଳୁ ମରିଥାଏ, ଯାହା ଆଳୁରୁ ତିଆରି ହୋଇଥାଏ; ଏବଂ ସେହି...ଜୀବନର ପ୍ରତ୍ୟେକ ରୂପ; ଆପଣ କେବଳ ମୃତ ପଦାର୍ଥ ଦ୍ୱାରା ହିଁ ଜୀବିତ ରହିପାରନ୍ତି ।

461 ଏବଂ ଆପଣ କେବଳ ଏଇଥି ପାଇଁ ଅନନ୍ତକାଳ ବଞ୍ଚି ରହିପାରନ୍ତି କାରଣ କିଛି ଗୋଟାଏ ମରିଥିଲା: ଯୀଶୁ ମରିଥିଲେ । ଏଇଥି ପାଇଁ ନୁହଁ ଯେ ଆପଣ ମଣ୍ଡଳୀରେ ଯୋଗ ଦେଲେ, ଏଇଥି ପାଇଁ ନୁହଁ ଯେ ଆପଣ ବାପ୍ତିଜିତ ହୋଇଥିଲେ, ଏଇଥି ପାଇଁ ନୁହଁ ଯେ ଆପଣ ଖ୍ରୀଷ୍ଟିଆନ ଧର୍ମକୁ ସ୍ୱୀକାର କରିଥିଲେ; ତାହା ଏଇଥି ପାଇଁ ଅଟେ ଯେହେତୁ ଆପଣ ଯୀଶୁ ଖ୍ରୀଷ୍ଟଙ୍କର ଜୀବନକୁ ଗ୍ରହଣ କରିଥିଲେ ଯାହାକି ପାତିତ ହୋଇଥିଲା...ରକ୍ତ ଯାହାକି ଆପଣଙ୍କ ପାଇଁ ପାତିତ ହୋଇଥିଲା, ଏବଂ ଆପଣ ତାହାଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କଲେ ।

462 ବର୍ତ୍ତମାନ, ଧ୍ୟାନ ଦିଅନ୍ତୁ, ମୁଁ ଏହା ପଚାରେ । ମୁଁ ଏହା *ଆପଣଙ୍କୁ* ପଚାରିବାକୁ ଚାହେଁ । ଏହାକୁ ଦେଖନ୍ତୁ, ଏହା ସୁନ୍ଦର ଅଟେ । ହୋଇପାରେ ଯେ ମୁଁ ଏଠାରେ ଏହା ଉପରେ ପୂର୍ବରୁ ଶିକ୍ଷା (ମୁଁ ଜାଣେ ନାହିଁ) ଦେଇଅଛି; ସବୁ ସ୍ଥାନରେ ପ୍ରଚାର କରିଥାଏ, ଆପଣ ଭୁଲି ଯାଆନ୍ତି ଯେ ଆପଣ ଥରେ କୌଣସି ସ୍ଥାନରେ...କଅଣ କହିଥିଲେ । ମାତ୍ର, ଏହା କାହିଁକି ଅଟେ, ତେବେ...

463 ବର୍ତ୍ତମାନ, ମୁଁ ଅନୁମାନ କରୁଛି ଯେ, ଭଉଣୀ ସ୍ମିଥ୍...ମୁଁ ଜାଣେ ନାହିଁ ଯେ ମୁଁ ଭାଇ ଫ୍ଲିମ୍ୟାନଙ୍କୁ ସେତିକି ପୂର୍ବରୁ ଜାଣିଥିଲି କି ନାହିଁ । ଏବଂ ଟ୍ରିଫେନା, ମୋର ତାଙ୍କୁ ମନେ ଅଛି ଯେତେବେଳେ ସେ ଏକ ସାନ ଝିଅ ହିଁ ଥିଲା । ଆପଣଙ୍କୁ ମୋ ବିଷୟରେ ମନେ ଥିବ, ଯେତେବେଳେ ମୁଁ ଥିଲି...ଏକ ସାନ, କ୍ଷୁଦ୍ର, କେଶ ସଜା ଭାବରେ; କଳା, ତରଙ୍ଗୀ କେଶ ଥିଲା । ମୁଁ ମୁଷ୍ଟି ଯୁଦ୍ଧ ଖେଳୁଥିଲି । ଓଃ, ମୁଁ ଭାବୁଥିଲି ଯେ ମୁଁ ଦୁନିଆର ଜଣେ ଶୈଳୀପ୍ରବୀଣ ବ୍ୟକ୍ତି ଅଟେ । "ଓଃ," ମୁଁ ଭାବୁଥିଲି, "କେହିହେଲେ ମୋତେ ମାରି ପାରିବେ ନାହିଁ । ନା, ଆଜ୍ଞା ।" କିନ୍ତୁ

ମୁଁ—ମୁଁ ସେଥିରେ ବୋକା ହୋଇଥିଲି, ଆପଣ ଦେଖନ୍ତୁ । କିନ୍ତୁ ମୁଁ...ତେବେ, ମୁଁ କେବଳ ଚିନ୍ତା କଲି, "ଓଃ, ମୋର ପ୍ରଭୁ ।" ମୁଁ ଭାବିଲି, "ଯଦି ଆପଣ ଏହାକୁ ମୋ ପିଠି ଉପରେ ରଖି ପାରିବେ, ମୁଁ ତାହା ସହିତ ରାସ୍ତାରେ ଚାଲିଯିବି ।" ନିଶ୍ଚିତରେ, କୌଣସି ବିଷୟ ମୋତେ ବ୍ୟତିବ୍ୟସ୍ତ କରେ ନାହିଁ । ଏବଂ ପ୍ରତ୍ୟେକ ଥର ଯେତେବେଳେ ମୁଁ ଖାଉଥିଲି, ମୁଁ ପ୍ରତ୍ୟେକ ସମୟରେ ଆହୁରି ଅଧିକ ବଡ ଏବଂ ଅଧିକ ଶକ୍ତିଶାଳୀ ହେଉଥିଲି । ପ୍ରତ୍ୟେକ ଥର ମୁଁ ନୂତନ ଜୀବନ ଧାରଣ କରୁଥିଲି...ମୁଁ ପତ୍ରକୋବି, ଆଳୁ, ଓ ସେମି ଛୁଇଁ, ଏବଂ ମାଂସ ଖାଉଥିଲି ଯେପରିକି ମୁଁ ଆଜି ଖାଇଥାଏ । ଏବଂ ମୁଁ ସବୁବେଳେ ଅଧିକ ଶକ୍ତିଶାଳୀ ଓ ଅଧିକ ବଡ଼ ହୋଇ ଚାଲିଲି । ଏବଂ ଯେତେବେଳେ ମୁଁ ପ୍ରାୟଃ ପଚି-ଶ ବର୍ଷର ହେଲି...

464 ମୁଁ ସେଦିନର ଅପେକ୍ଷା ବର୍ତ୍ତମାନ ଭଲ ଖାଉଅଛି, ଆପଣ ସମସ୍ତେ ମୋତେ ଜାଣିଛନ୍ତି, ତାହା ଜାଣିଛନ୍ତି । ମୁଁ ବର୍ତ୍ତମାନ ଅଧିକ ଉତ୍ତମ ଖାଇପାରେ, ଆମ ସମସ୍ତେ ଖାଇପାରୁ । କିନ୍ତୁ ଏହା କାହିଁକି ଅଟେ, ଭାଇ ଇଗେନ୍, ତେବେ, ଯଦି ମୁଁ ତଥାପି ଅଧିକ ଭଲ ଖାଦ୍ୟ ଖାଉଅଛି, ଏହାର ଅଧିକ ମାତ୍ରାରେ, ଉତ୍ତମ ଭିଟାମିନ୍ ଓ ସବୁକିଛି...ଏବଂ ମୁଁ ଯେତେ ଅଧିକ ଖାଇଥାଏ, ମୁଁ ସେତେ ଅଧିକ ଧୀରେ ଧୀରେ କ୍ଷୀଣ ହୋଇଯାଏ । ଏବଂ ବର୍ତ୍ତମାନ ମୁଁ ଜଣେ କାନ୍ଧ-ଲୁହିଁ ଯାଇଥିବା ବୃଦ୍ଧ ବ୍ୟକ୍ତି ଭାବରେ ଆସୁଅଛି, ଚନ୍ଦା ମୁଣ୍ଡ, ଏବଂ ଧୂସର କେଶ ଥିବା, ଏବଂ ହାତ କୁଞ୍ଚିତ ଥିବା, ମୁହଁ କଳା ପଡି ଯାଉଥିବା, କାନ୍ଧ ତଳକୁ ଝୁଙ୍କି ଯାଉଥିବା, ଗୋଟିଏ ସକାଳୁ ଉଠିବା କଷ୍ଟକର ହେଉଥିବା, ଏବଂ...ଓଃ, ମୋର ପ୍ରଭୁ । ଏହା କାହିଁକି ଅଟେ? ଯଦି ମୁଁ ପ୍ରତ୍ୟେକ ଥର ଖାଇବା ସମୟରେ ମୋ ଜୀବନକୁ ନୂତନୀକୃତ କରେ, ତାହାହେଲେ ଏହା କାହିଁକି ଅଟେ?

465 ଯଦି ମୁଁ ଏକ ପାତ୍ରରୁ ଗୋଟିଏ ଗ୍ଲାସରେ ପାଣି ଢାଳୁଅଛି, ଏବଂ ଏହା ଅଧା ପୂର୍ଣ୍ଣ ହୁଏ, ଏବଂ ତାହାପରେ ଉପରକୁ ଆସିବା ପରିବର୍ତ୍ତେ ସବୁବେଳେ ତଳକୁ ଯିବା ଆରମ୍ଭ କରେ; ଏବଂ ମୁଁ ଯେତେ ଅଧିକ ଢାଳିଥାଏ, ଏହା ସେତେ ଶୀଘ୍ର ତଳକୁ ଖସି ଯାଉଥାଏ । ଆପଣ ସେଠାରେ ଅଛନ୍ତି । ଏବଂ ଯଦି ଆପଣଙ୍କୁ ଏହା ପ୍ରମାଣ କରିବାକୁ ପଡ଼େ ତାହାହେଲେ ଆପଣ ଏହାକୁ ବୈଜ୍ଞାନିକ ଭାବରେ ପ୍ରମାଣ କରିପାରିବେ ନାହିଁ । ଏହି ପୁସ୍ତକ ହିଁ କେବଳ ତାହାକୁ ପ୍ରମାଣ କରିବା ପାଇଁ ଏକମାତ୍ର ବିଷୟ ଅଟେ ଯାହା ପରମେଶ୍ୱର ନିଯୁକ୍ତ କରିଛନ୍ତି; ଏହା ଏକ ନିଯୁକ୍ତି ଅଟେ, ପରମେଶ୍ୱର ଆମକୁ ଆସୁଥିବାର ଦେଖିଥିଲେ ।

466 ଆପଣ ବୟସ୍କ ପୁରୁଷମାନେ, ଏବଂ ଆପଣ ବୟସ୍କ ମହିଳାମାନେ, ହୋଇପାରେ ଯେ କେତେକ ଆପଣଙ୍କର—ଆପଣଙ୍କର ସ୍ୱାମୀ ଏବଂ ପତ୍ନୀମାନେ ହୁଏତ ଚାଲି ଯାଇଥିବେ, ତାହା କୌଣସି—ତାହା କୌଣସି ବିଷୟକୁ ବିଚଳିତ କରେ ନାହିଁ । ହାଲ୍ଲେଲୁୟା! ସେମାନେ ତ କେବଳ ପରଦାର ଆର ପାର୍ଶ୍ୱରେ, ଅବିକଳ ଭାବରେ, ଅପେକ୍ଷା କରୁଛନ୍ତି, ଏବଂ ସେମାନେ ପୁନର୍ବାର ଆପଣମାନଙ୍କ ସହିତ ରହିବାକୁ ଇଚ୍ଛା କରୁଛନ୍ତି । ତାହା ଠିକ୍ ଅଟେ, ନିଶ୍ଚିତ ଭାବରେ, ସେମାନେ କରୁଛନ୍ତି । ସେମାନେ ପୁନର୍ବାର ଏକାଠି ରହିବାକୁ ଇଚ୍ଛା କରୁଛନ୍ତି । ବାଇବଲ କୁହେ

ଯେ ସେମାନେ କରୁଛନ୍ତି, ଯଜ୍ଞବେଦି ତଳେ ଥିବା ପ୍ରାଣଗୁଡିକ କ୍ରନ୍ଦନ କରୁଛନ୍ତି, "ପ୍ରଭୁ, କେତେ କାଳ?" ବୁଝିଲେ? ସେମାନେ ତାହାଙ୍କର ସଠିକ୍ ସ୍ଥିତିରେ ନାହାଁନ୍ତି ।

467 ପରମେଶ୍ୱର ଆମକୁ କେବେ ଦୂତ କରି ନିର୍ମାଣ ନାହାଁନ୍ତି, ସେ ଆମକୁ ପୁରୁଷ ଏବଂ ସ୍ତ୍ରୀଲୋକ କରି ନିର୍ମାଣ କରିଛନ୍ତି । ଆମେ ସର୍ବଦା ପୁରୁଷ ଏବଂ ସ୍ତ୍ରୀଲୋକ ହେବୁ, କାରଣ ଆମେ ପରମେଶ୍ୱରଙ୍କର ନିଜର ବୁଦ୍ଧିମତ୍ତାର ଏକ—ଏକ ଉତ୍ପାଦ ଅଟୁ । ଆମେ ତ ସବୁବେଳେ ପୁରୁଷ ଏବଂ ସ୍ତ୍ରୀଲୋକ ହୋଇପାରିବା ।

468 ମାତ୍ର ଏହା କଅଣ କରେ? ଦେଖନ୍ତୁ, ବୋଧହୁଏ ଆପଣ ଏହା ଭାବିପାରନ୍ତି ଯେ ଯେତେବେଳେ ଆପଣ ବେଦୀକୁ ଚାଲି କରି ଗଲେ, ଆପଣ ଏବଂ ପ୍ରିୟତମ, ଓ ଏହା କହିଲେ ଯେ ଆମେ ଜଣେ ପରସ୍ପରକୁ ଆଇନଗତ ବିବାହିତ ପତ୍ନୀ ବୋଲି ଗ୍ରହଣ କରୁ ଏବଂ ଏହି ବିବାହର ପବିତ୍ର ଅବସ୍ଥାରେ ଏକାଠି ରହୁ, ଏବଂ ପରମେଶ୍ୱରଙ୍କ ଅନୁଗ୍ରହ ଓ ଇତ୍ୟାଦି, ଏବଂ ସମସ୍ତ ସାକ୍ଷ୍ୟ ଯାହା ଆପଣ ଦେଇଥାନ୍ତି, ଏବଂ ଆପଣଙ୍କର ଶପଥ ଯାହା ଆପଣ କରିଥାନ୍ତି । ପ୍ରଥମ ବିଷୟ ଆପଣ ଜାଣିଛନ୍ତି, ଆପଣ ଦୁହେଁ, ଏହା ଲକ୍ଷ୍ୟ କରିବାକୁ ଆରମ୍ଭ କରନ୍ତି । ସେ ସଳଖ ଥିଲେ, ଏବଂ କେଶ ଉଜ୍ଜ୍ୱଳ ଥିଲା; ଏବଂ ମାଆ ଓ ତାହାର ସୁନ୍ଦର, ଛୋଟ ବାଦାମୀ ଆଖି, କିମ୍ୱା ନୀଳ ଆଖି, କିମ୍ୱା ଏହା ଯାହା କିଛି ବି ଥିଲା । ଓଃ, ଆପଣ ତାଙ୍କୁ କିପରି ଭାବରେ ଅନାଇଥିଲେ । ଆପଣ ବାହାରିଲେ, ଆପଣ ବାପାଙ୍କୁ ଅନାଇଲେ, "ତେବେ, ସେହି କାନ୍ଧଗୁଡିକ ସଳଖ ଥିଲା"; ଏବଂ କିଛି ସମୟ ପରେ ସେଗୁଡିକ ଝୁଙ୍କି ପଡିବାକୁ ଲାଗିଲା । ମାଆ ଧୂସର-କେଶ ହୋଇଯିବେ, ଗଣ୍ଠିବାତ ହୋଇଯିବ ଓ ଇତ୍ୟାଦି ହୋଇଯିବ । ଆଉ କିଛି ସମୟ ପରେ, ସେ ଚାଲିଯିବେ, କିମ୍ୱା ବାପା ଚାଲିଯାଆନ୍ତି ।

469 ଏହା କଅଣ ଥିଲା? ଯେତେବେଳେ ପରମେଶ୍ୱର ଆପଣଙ୍କୁ ସେଠାରେ ଛିଡା ହୋଇଥିବାର ଦେଖିଲେ, ସେ କହିଲେ, "ତାହାହିଁ ଅଟେ, ସେହି ଉପାୟରେ ହିଁ ମୁଁ ତୁମକୁ ଚାହେଁ । ଠିକ୍ ଅଛି । ମୃତ୍ୟୁ, ତୁ ଆସ, କିନ୍ତୁ ମୁଁ ତୋତେ ଅନୁମତି ନ ଦେବା ପର୍ଯ୍ୟନ୍ତ ତୁ ସେମାନଙ୍କୁ ନେଇପାରିବୁ ନାହିଁ ।"

470 ଓଃ, ଓଃ, ମୁଁ ଆୟୁବ ବିଷୟରେ ଚିନ୍ତା କରେ । ହଁ, ପରମେଶ୍ୱର ତଳକୁ ଚାହିଁଲେ, ଆୟୁବ ଜାଣିଥିଲେ ଯେ ପରମେଶ୍ୱର ତାଙ୍କୁ ଭଲ ପାଉଥିଲେ । (ଏବଂ ଧ୍ୟାନ ଦିଅନ୍ତୁ ଯେ ସେ ଆପଣଙ୍କୁ ନେଇପାରେ ନାହିଁ ।) ସେ କହିଲେ, "ସେ ତୋ ହାତରେ ଅଟେ, କିନ୍ତୁ ତୁ ତାର ଜୀବନ ନେବୁ ନାହିଁ ।"

471 ଏବଂ ତାହାପରେ ପ୍ରଥମ ବିଷୟ ଆପଣ ଜାଣନ୍ତି, କାନ୍ଧଗୁଡିକ ଝୁଙ୍କି ପଡିବା ଆରମ୍ଭ କରେ, ଏବଂ ଅଳ୍ପ କିଛି ସମୟ ପରେ ଆପଣ ଚାଲିଯାଆନ୍ତି । ଏହା କଅଣ ଘଟିତ ହେଲା?

472 ତେବେ, ସେଠାରେ ପୁନରୁତ୍ଥାନରେ ଏପରି ଗୋଟିଏ ହେଲେ ଜିନିଷ ରହିବ ନାହିଁ ଯାହାକି ମୃତ୍ୟୁର ପ୍ରତୀକ ଅଟେ । ଏପରି ଗୋଟିଏ ହେଲେ ଜିନିଷ ହୋଇପାରେ ନାହିଁ ଯାହାକି ଏହି ପୃଥିବୀର ପ୍ରତୀକ ଅଟେ, ଯେ ତାହାର...ଦେଖନ୍ତୁ, ଆପଣ ପରମେଶ୍ୱରଙ୍କ ଇଚ୍ଛାରେ

ଆସୁଥିଲେ, ଆପଣଙ୍କ ପାଖରେ ଜୀବନ ରହିଥିଲା । ତାହାପରେ ମୃତ୍ୟୁ ଆପଣଙ୍କୁ ତଳକୁ ନେଇଯିବା ପାଇଁ, ବିସ୍ତାରିତ କଲା । ସେହି ସମାନ ଖାଦ୍ୟ ଏବଂ ସବୁକିଛି ଖାଉଥିବା, ସେହି ସମାନ ପ୍ରକାରର ପାଣି ପିଇବା, ସବୁକିଛି; କିନ୍ତୁ ମୃତ୍ୟୁ ବିସ୍ତାର କରୁଥିଲା । କିନ୍ତୁ ଚିତ୍ରଟି ଆଗରୁ ବ୍ୟବସ୍ଥିତ କରାଯାଇଛି । ହାଲ୍ଲେଲୁୟା! ପୁନରୁତ୍ଥାନରେ ଆପଣ ପୁଣି ଥରେ ଜୀବନ ରୂପରେ ହେବେ । ଏବଂ ସେଠାରେ କୌଣସି ମୃତ୍ୟୁ ହେବ ନାହିଁ, କିମ୍ବା ମୃତ୍ୟୁର, ବା ବୃଦ୍ଧାବସ୍ଥାର, କିଅବା ଅପଙ୍ଗତା ବା କୌଣସି ବିଷୟର କୌଣସି ଚିହ୍ନବର୍ଣ୍ଣ ରହିବ ନାହିଁ । ଅମର, ଆମେ ତ ତାହାଙ୍କ ସାଦୃଶ୍ୟତାରେ ଛିଡା ହେବା, ସବୁଦିନ ପାଇଁ ସିଦ୍ଧ ଭାବରେ । ହାଲ୍ଲେଲୁୟା । ଓଃ, ମୁଁ...ତାହା ତ କାହାରିକୁ ବି ଚିତ୍କାର କରିବା ପାଇଁ ପ୍ରବର୍ତ୍ତାଇବ, ବିଶେଷକରି ଯେତେବେଳେ ଆପଣ ମୋର ବୟସର ହୋଇଯାଆନ୍ତି ।

473 ମୋର ବୟସ, ମୁଁ ଅନୁମାନ କରେ, ଯେତେବେଳେ ଆପଣ, ଏହା ବିଷୟରେ ଚିନ୍ତା କରନ୍ତୁ, ପୂର୍ବ ଅପେକ୍ଷା ଅଧିକ ଅଟନ୍ତି । ଆପଣ ତ କେବଳ ସେହି ପ୍ରକାରର ପରିବର୍ତ୍ତନଶୀଳ ଅବସ୍ଥାରେ ଅଟନ୍ତି, ଆପଣ ଦେଖନ୍ତୁ । ସେହି...ଆପଣ ଆଶ୍ଚର୍ଯ୍ୟ କରିବାକୁ ଲାଗିବେ, "ଏହା ସବୁ ବିଷୟ କଅଣ ଅଟେ? ମୁ କଅଣ କରିଅଛି?" ମୁଁ ଏଠାରେ ପଛକୁ ଅନାଏ, ମୁଁ ଭାବେ, "ମୋର, ପ୍ରଭୁ! ତେବେ, ପ୍ରଭୁ, ଏହା କେଉଁ ଆଡକୁ ଯାଇଅଛି? ଏଠାରେ ମୁଁ, ଅଡ-ଚାଳିଶ ବର୍ଷର ଅଟେ, ଆଉ ଦୁଇ ବର୍ଷ ପରେ, ମୁଁ ଶହେ ବର୍ଷର ଅଧା ହୋଇଯିବି । ହ୍ୟୁ! ମୁଁ ତ କେବଳ... ମୁଁ ଜିଣିଥିବା ଅଳ୍ପ ପ୍ରାଣଗୁଡିକୁ ଦେଖନ୍ତୁ; ମୁଁ ତ ଆହୁରି ଅଧିକ ଲକ୍ଷ ଲକ୍ଷ ଜିଣିବାକୁ ଚାହେଁ ।" ପରମେଶ୍ୱର, ମୋତେ ସାହାଯ୍ୟ କର ।

474 ମୁଁ ତ ଏପରିକି ଛୁଟିରେ ସୁଦ୍ଧା ଘରକୁ ଆସିବା ପାଇଁ ନିଜକୁ ଲଜ୍ଜିତ ଅନୁଭବ କରେ । ଚିନ୍ତା କରେ, "ଓଃ, ଅମଳ ପରିପକ୍ୱ ହେଲାଣି, ଏବଂ ଶ୍ରମିକମାନେ ଅଳ୍ପ ଅଛନ୍ତି । ଲକ୍ଷ ଲକ୍ଷ ଲୋକ ପାପରେ ଏବଂ ଲଜ୍ଜାରେ ପ୍ରତିଦିନ ମରୁଅଛନ୍ତି, ସେମାନଙ୍କର ଡାକକୁ ଶୁଣ ।" ମୁଁ ରାତିରେ ସେଠାରେ ବିଛଣାରେ ଶୋଇବାକୁ ଯାଏ ଏବଂ ବେଚାରା ସେହି ସାନ ସାନ ପ୍ରତିମାପୂଜକମାନଙ୍କୁ ଦେଶରେ ଚିତ୍କାର କରୁଥିବାର ଶୁଣେ । କିପରି ସେମାନେ ହଜାର ହଜାର ସଂଖ୍ୟାରେ, ମୋ ପଛରେ ଟାଣି ହୋଇ ଆସନ୍ତି, ଏବଂ—ଏବଂ କେବଳ ଯୀଶୁ ଖ୍ରୀଷ୍ଟଙ୍କର କାହାଣୀ ଶୁଣିବା ପାଇଁ, ସେଠାରେ ବିମାନବନ୍ଦରରେ ଛିଡା ହୋଇଥାଆନ୍ତି ଯେଉଁଠାରେକି ସେମାନଙ୍କୁ ଅନତି ଦୂରରେ ରଖିବା ପାଇଁ ସେଠାରେ ସୈନ୍ୟବଳକୁ ମୂତୟନ କରିବାକୁ ପଡିଥାଏ ।

475 ଏବଂ ଏଠାରେ ଆମେ ଅନୁରୋଧ କରିପାରୁ, ଏବଂ ଖବରକାଗଜରେ ଏବଂ ଅନ୍ୟାନ୍ୟ ସବୁରେ ବିଜ୍ଞାପନ ଦେଇପାରୁ, ଏବଂ ସେମାନଙ୍କର ବସିବା ନିମନ୍ତେ ସବୁଠୁ ଉତ୍କୃଷ୍ଟ ସ୍ଥାନଗୁଡିକ ପାଇପାରୁ, ଉତ୍ତମ ଗୀତଗାନ ସହିତ ସର୍ବୋତ୍କୃଷ୍ଟ ମନୋରଞ୍ଜନ ପାଇପାରୁ, ତାହାପରେ ସେମାନେ ଆସିବେ ଏବଂ, "*ଆହାଃ!* ତେବେ, ମୁଁ ଅନୁମାନ କରେ ଯେ ତାହା ଠିକ୍ ଥିଲା, ଯଦିଓ ମୋର ବିଶ୍ୱାସ ସହିତ ସମ୍ପୃକ୍ତ ନୁହେଁ ।"

476 ଓଃ, ମୋର ପ୍ରଭୁ, କିପରି—କିପରି—କିପରି ଭାବରେ ଏହା ଅଧିକ ସମୟ ପର୍ଯ୍ୟନ୍ତ ଚାଲିପାରେ? ଏହା ହୋଇପାରେ ନାହିଁ…ଏହା ଠିକ୍ ନୁହେଁ । ଏବଂ ଏଠାରେ ଆମେ ଶହ ଶହ କୋଟି ଟନ୍ ଖାଦ୍ୟସାମଗ୍ରୀ ଅଳିଆ ଗଦାରେ ପକାଉଅଛୁ, ଆଉ ସେହି ଲୋକମାନେ ତ ଏହାକୁ ଆନନ୍ଦରେ ଗ୍ରହଣ କରି ନେଇଥାଆନ୍ତେ । ଏବଂ ସେମାନେ ଠିକ୍ ଆମ ପରିକା ଏହି ପୃଥିବୀର ପ୍ରାଣୀ ଅଟନ୍ତି । ମୋର ପ୍ରଭୁ, ଆମେ…ତେବେ, ତାହା ସେହିପରି ଭାବରେ ଅଧିକ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିପାରେ ନାହିଁ ।

477 ଠିକ ଅଛି, ତେବେ, ପିତା କିଏ ଅଟନ୍ତି? ପିତା ଏବଂ ପୁତ୍ର ଏକ । ଧ୍ୟାନ ଦିଅନ୍ତୁ, ପ୍ରଥମ ଯୋହନ 5:7 ରେ, ଏହା କହେ, "ସ୍ୱର୍ଗରେ ତିନି ଜଣ ଏହାର ସାକ୍ଷ୍ୟ ଦିଅନ୍ତି, ସେହି ପିତା, ସେହି ବାକ୍ୟ (ଯାହାକି ପୁତ୍ର ଅଟନ୍ତି)…ପିତା, ପୁତ୍ର, ଏବଂ ପବିତ୍ରଆତ୍ମା: ଏହି ତିନି ଜଣ ଏକ ଅଟନ୍ତି ।"

478 "ପୃଥିବୀରେ ତିନି ଜଣ ଅଛନ୍ତି ଯିଏକି ଏହାର ସାକ୍ଷ୍ୟ ଦିଅନ୍ତି, ଯାହାକି ଜଳ, ରକ୍ତ, ଏବଂ ଆତ୍ମା ଅଟେ ।" ତାହା ସେହି ତିନୋଟି ମୌଳିକ ତତ୍ତ୍ୱ ଅଟେ ଯାହାକି ଖ୍ରୀଷ୍ଟଙ୍କ ଶରୀରରୁ ବାହାରି ଆସିଥିଲା । ସେମାନେ ତାହାଙ୍କ ପାର୍ଶ୍ୱକୁ ବିଦ୍ଧ କଲେ: ଜଳ ବାହାରିଲା, ରକ୍ତ ବାହାରିଲା, "ମୁଁ ତୁମ୍ଭ ହସ୍ତରେ ମୋର ଆତ୍ମାକୁ ସମର୍ପଣ କରେ ।" ସେଠାରେ ଆପଣ ଅଛନ୍ତି, ତାହା ହେଉଛି ସେହି ତିନୋଟି ମୌଳିକ ତତ୍ତ୍ୱ । ଏହି ତିନୋଟି ଯାକ ଏକ ନୁହେଁ, ମାତ୍ର ସେମାନେ ଗୋଟିଏରେ *ସହମତ* ଅଟନ୍ତି ।

479 ପିତା, ପୁତ୍ର, ଏବଂ ପବିତ୍ରଆତ୍ମା; ପ୍ରଥମ ଯୋହନ 5:7 କୁହେ, "ଏହି ତିନୋଟିଯାକ ଏକ *ଅଟେ* ।"

480 "ଜଳ, ରକ୍ତ ଏବଂ ଆତ୍ମା ଗୋଟିଏରେ *ସହମତ* ଅଟନ୍ତି ।" ଏକ ନୁହଁନ୍ତି, କିନ୍ତୁ ଏକରେ *ସହମତ* ଅଟନ୍ତି । ତେଣୁକରି ପିତା…ଏବଂ ଗୋଟିଏ ବିଷୟ ଯାହାକି ଶରୀର କେବଳ କରିପାରିବ, ଯେତେବେଳେ ପରମେଶ୍ୱର ଆପଣାକୁ ଦେଖିପାରନ୍ତି, ଯେ ସେହି ଦଣ୍ଡ ଜରିଆରେ ଯାହା ଦେଇ ଏହି ଶରୀର ଗତି କରିଥିଲା, ସେଠାରେ ସେହି ମେଳ ଅଛି… ସେଠାରେ ସେହି ବାଧା ଅଛି, ଆପଣ ଦେଖନ୍ତୁ । ସେଠାରେ ହିଁ ତାହା ଅଟେ ଯେତେବେଳେ ସେ ସେହି ରକ୍ତକୁ ତାହାଙ୍କର ଏବଂ ବିଚାର ମଧ୍ୟରେ ଛିଡା ହୋଇଥିବାର ଦେଖନ୍ତି । ଏଠାରେ ତାହାଙ୍କର ବାକ୍ୟ ଅଛି, ଯାହା କୁହେ, "ଯେଉଁ ଦିନ ତୁମେ ଏହାକୁ ଖାଇବ, ସେହି ଦିନ ତୁମେ ମରିଯିବ ।" ଏବଂ ଏଠାରେ ଯୀଶୁ କହିଲେ, "ମୁଁ…କିନ୍ତୁ ମୁଁ ସେମାନଙ୍କର ସ୍ଥାନ ଗ୍ରହଣ କରିଅଛି । ଦେଖ, ମୁଁ ସେମାନଙ୍କର ସ୍ଥାନ ନେଇଅଛି ।"

481 କଅଣ ଆପଣମାନଙ୍କୁ ଅନ୍ୟ ରାତିରେ ମୋର ସେହି କାହାଣୀଟି ମନେ ଅଛି କି, ଯେଉଁଠାରେ ମୁଁ ଦର୍ଶନରେ ସେହି ସ୍ତ୍ରୀଲୋକଙ୍କୁ ଦେଖିଥିଲି ଯାହାଙ୍କର ଅବସ୍ଥା ସେହି କୋଠରୀରେ ପ୍ରକୃତରେ ଖରାପ ଥିଲା? ଏବଂ ମୁଁ ତାଙ୍କୁ ନିନ୍ଦା କରୁଥିଲି, କହୁଥିଲି, "ହେ ପରମେଶ୍ୱର, ତୁମେ ସେହି ସ୍ଥାନକୁ କାହିଁକି ବିନଷ୍ଟ କରି ଦେଉ ନାହଁ?" ତାହାପରେ ସେ

*ମୋ*ତେ ଦେଖାଇଥିଲେ, ଦେଖନ୍ତୁ । ଏବଂ ମୁଁ ତାଙ୍କ ପାଖକୁ ଯାଇ ଜଣାଇଲି ଯେ କଅଣ ଘଟିତ ହୋଇଥିଲା ।

ତେବେ, ଏହା ମୋର ଶେଷ ପ୍ରଶ୍ନ ଅଟେ ।

**64. କଅଣ ଆପଣ ଭାବୁଛନ୍ତି ଯେ, ଶାସ୍ତ୍ର ଅନୁଯାୟୀ, ଯିହୁଦୀମାନେ... ମଣ୍ଡଳୀର ସ୍ୱର୍ଗାରୋହଣ ଠିକ ପୂର୍ବରୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବେ?**

482 ମୁଁ—ମୁଁ—ମୁଁ ପ୍ରକୃତରେ ବିଶ୍ୱାସ କରେ ଯେ ମଣ୍ଡଳୀର ସ୍ୱର୍ଗାରୋହଣ…ଏହା ମୋର ନିଜର ମତ ଅଟେ, ଦେଖନ୍ତୁ । ଏବଂ ଯଦି ଆମ ପାଖରେ ସମୟ ରହିବ, ତେବେ ଆମେ ଏହାକୁ ଆଗକୁ ନେବା, କିନ୍ତୁ ଏହା—ଏହା ବର୍ତ୍ତମାନ ନଅ ଘଟିକା ଉପରେ ହେଲାଣି । ଦେଖନ୍ତୁ, ମୁଁ ବିଶ୍ୱାସ କରେ ଯେ ଯିହୂଦୀମାନେ ଖ୍ରୀଷ୍ଟଙ୍କୁ ତାହାଙ୍କର ଦ୍ୱିତୀୟ ଆଗମନରେ ଗ୍ରହଣ କରିବେ । ତେବେ ମନେରଖନ୍ତୁ, ଯେପରିକି ସେହି ବ୍ୟକ୍ତି ଏହା ଜାଣନ୍ତି, ଆମର ଆଖିଗୁଡିକ ଅନ୍ଧ କରା ଯାଇଥିଲା, କିମ୍ବା, ସେମାନଙ୍କର ଆଖିଗୁଡିକ ଅନ୍ଧ କରା ଯାଇଥିଲା ଯେପରିକି ଆମେ ଆମର ଦୃଷ୍ଟି ପାଇପାରୁ । କେହିହେଲେ ଜାଣନ୍ତି, ଶାସ୍ତ୍ର ସେହି ବିଷୟରେ କୁହେ । କଅଣ ତାହା ଠିକ୍ କି? ପାଉଲ ଆମକୁ କୁହନ୍ତି ଯେ ଆମର…ଯେ ଆମେମାନେ ଅନ୍ଧ କରା ଯାଇଥିଲୁ…ଯେ ଯିହୁଦୀମାନେ ଅନ୍ଧ କରା ଯାଇଥିଲେ ଯେପରିକି ଆମେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିପାରୁ । ବୁଝିଲେ? ଏବଂ ଆମେ ସେହି ଜଙ୍ଗଲୀ ଜୀତ ବୃକ୍ଷ ଅଟୁ ଯାହାକୁ ପୁତ୍ରତ୍ୱରେ ଗ୍ରହଣ କରାଯିବା ଦ୍ୱାରା ଗଛରେ କଲମ କରା ହୋଇଅଛି ।

483 ତେବେ ଏଠାରେ ମୋର ମତ, ମୁଁ କେବଳ ଆପଣଙ୍କୁ ଦେବାକୁ ଯାଉଅଛି…ସେମାନେ ମୋତେ ପଚାରିଛନ୍ତି, “କଅଣ ଆପଣ ଭାବୁଛନ୍ତି କି…?” ତେବେ ଏଠାରେ ସେହି ଉପାୟ ଅଟେ ଯାହା ମୁଁ ଭାବୁଛି ଯେ ଏହା ସେପରି ଘଟିବ । ମୁଁ ଜାଣେ ନାହିଁ । ଏହା ଯାହା କିଛି ବି ଅଟେ, ମୁଁ ନିଶ୍ଚିତ ଯେ ପରମେଶ୍ୱରଙ୍କର ଅନୁଗ୍ରହ ଏବଂ ତାହାଙ୍କର ଦୟା ଦ୍ୱାରା, ଆମେମାନେ ସେଠାରେ ରହିବା; ଦେଖନ୍ତୁ, ତାହାଙ୍କର ଅନୁଗ୍ରହ ଦ୍ୱାରା, ଏହା ଯାହାକିଛି ବି ଅଟେ । ମୁଁ ହୁଏତ ଏହାକୁ ଆକଳନ କରିବାରେ ସକ୍ଷମ ହୋଇ ନ ପାରେ, କିନ୍ତୁ ଏଠାରେ ତାହା ଅଟେ ଯାହା ମୁଁ ଭାବୁଛି । ମୁଁ ବିଶ୍ୱାସ କରେ ଯେ ଆମେ ଶେଷ ସମୟରେ ଅଛୁ । ମୁଁ ବିଶ୍ୱାସ କରେ ଯେ ବିଜାତୀୟମାନଙ୍କର ଯୁଗ ବର୍ତ୍ତମାନ ଶେଷ ହେଉଅଛି । ମୁଁ ବିଶ୍ୱାସ କରେ ଯେ ଆମେ ଶେଷ ସମୟରେ ଅଛୁ ।

484 ଏବଂ ବର୍ତ୍ତମାନ ଯିହୁଦୀମାନେ; ଏଠାରେ ଦୁଇଟି ବିଷୟ ଅଛି ଯାହାକି ସର୍ବଦା ଯିହୁଦୀମାନଙ୍କ ସହିତରେ ଭୁଲ ହୋଇଛି: ସେମାନେ ଅନ୍ଧ କରା ଯାଇଥିଲେ, ସେମାନେ ଏହାକୁ ଦେଖିପାରି ନ ଥିଲେ; ଏବଂ ଯେହେତୁ ସେହି ବିଜାତୀୟମାନେ, ଗୋଟିଏ ବିଷୟ ପାଇଁ, ଅନେକ ଥର…

485 ମୁଁ ବେଣ୍ଟନ୍ ହାର୍ବରରେ ଥିବା ଜଣେ ଯିହୁଦୀ, ଭଉଣୀ ସ୍ମିଥଙ୍କ ସହ କଥା ହୋଇଥିଲି, ଏବଂ କଅଣ ଆପଣ ଜାଣନ୍ତି ଯେ ସେ ମୋତେ କଅଣ କହିଲେ? ସେଠାରେ ସେହି ଇସ୍ରାଏଲର

ଗୋଟିଏ…ସେଠାରେ ଇସ୍ରାଏଲର ଗୋଟିଏ ସ୍ଥାନରେ। ଏହି ପ୍ରଶ୍ନଟି ଜଣେ ଅନ୍ଧ ଲୋକର ଆରୋଗ୍ୟ ହେବା ବିଷୟରେ ଥିଲା। ଏବଂ ସେ କହିଲେ, “ଆପଣ ଯିହୁଦୀମାନଙ୍କୁ କାଟି ଭାଗ କରିପାରିବେ ନାହିଁ…ଆପଣ ପରମେଶ୍ୱରଙ୍କୁ ତିନି ଖଣ୍ଡରେ କାଟି ଏକ ଯିହୁଦୀକୁ ପରିବେଷଣ କରିପାରିବେ ନାହିଁ; ତାହାଙ୍କୁ ପିତା, ପୁତ୍ର, ଏବଂ ପବିତ୍ରଆତ୍ମା କରିପାରିବେ ନାହିଁ।” କହିଲେ, “ଆପଣ ଜଣେ ଯିହୁଦୀଙ୍କୁ ତାହା କରିପାରିବେ ନାହିଁ, ଆମେମାନେ ମୂର୍ତ୍ତିପୂଜକ ନୋହୁଁ।” କହିଲେ, “ଆମେ ଏକ ପରମେଶ୍ୱର ଉପରେ ବିଶ୍ୱାସ କରୁ।” ବୁଝିଲେ?

486 ଏବଂ ଆପଣ ପରମେଶ୍ୱରଙ୍କୁ ତିନୋଟି କରିବା ପାଇଁ ଯାଆନ୍ତି: ପରମେଶ୍ୱର ପିତା, ପରମେଶ୍ୱର ପୁତ୍ର, ଏବଂ ପରମେଶ୍ୱର ପବିତ୍ରଆତ୍ମା; ଆପଣ ନିଶ୍ଚିତ ଭାବରେ ଠିକ୍ ସେହିଠାରେ ହିଁ ଜଣେ ଯିହୁଦୀକୁ ଅନ୍ଧ କରି ଦିଅନ୍ତି, କାରଣ ସେ ଅଧିକ ଉତ୍ତମ ଜାଣେ। ସେ ତ ତାହାଠାରୁ ଅଧିକ ଉତ୍ତମ ଜାଣେ। ତାହା ଆପଣଙ୍କୁ ସେତିକି ଏକ ମୂର୍ତ୍ତିପୂଜକ କରେ ଠିକ ଯେତିକି ଏକ ମୂର୍ତ୍ତିପୂଜା ଅଟେ, ଆପଣ ତିନୋଟି ଈଶ୍ୱର ପାଇଥାନ୍ତି। ଆପଣଙ୍କୁ ତ ସେମାନଙ୍କୁ ସେହି ସ୍ୱୟଂଭୁ ପରମେଶ୍ୱର କରିବାକୁ ପଡିବ, ସେହି ତିନୋଟି ଈଶ୍ୱର ନୁହେଁ, ଏହା ସେହି ସମାନ ପରମେଶ୍ୱରଙ୍କର ତିନୋଟି କାର୍ଯ୍ୟାଳୟ ଅଟେ। ଦେଖନ୍ତୁ, ପରମେଶ୍ୱର ପିତୃତ୍ୱର କାର୍ଯ୍ୟକାଳରେ ସେବା କରିଥିଲେ, ସେ ପୁତ୍ରତ୍ୱରେ ସେବା କରିଥିଲେ, ଏବଂ ବର୍ତ୍ତମାନ ସେ ପବିତ୍ରଆତ୍ମାଙ୍କ କାର୍ଯ୍ୟକାଳରେ ସେବା କରନ୍ତି। ଏହା ତ ସେହି ସମାନ-ସ୍ୱୟଂଭୁ ପରମେଶ୍ୱର ଅଟନ୍ତି।

487 ସେହି କାରଣ ଅଟେ ଯେ ଆମକୁ ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ନାମରେ ବାପ୍ତିଜିତ କରିବା ପାଇଁ କାର୍ଯ୍ୟଭାର ଦିଆ ଯାଇଥିଲା; କାରଣ, ଏକ ନାମରେ ନୁହେଁ…*ନାମ*ରେ, ନାମଗୁଡିକରେ ନୁହେଁ; ନାମମାନଙ୍କରେ ନୁହେଁ, କିମ୍ବା ପିତାଙ୍କ ନାମରେ, ପୁତ୍ରଙ୍କ ନାମରେ, ପବିତ୍ରଆତ୍ମାଙ୍କ ନାମରେ ନୁହେଁ; ବରଂ “ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କ ନାମରେ।” ଦେଖନ୍ତୁ, ସେହି ସମାନ ପରମେଶ୍ୱର ହିଁ ଖ୍ରୀଷ୍ଟ ଅଟନ୍ତି ବୋଲି ଚିହ୍ନଟ କରିବା। ଦେଖନ୍ତୁ, ତାହା ହିଁ ସେ ଥିଲେ ଯିଏକି ଏହା ଅଟନ୍ତି, ଏହା ଅନ୍ୟ କୌଣସି ଉପାୟରେ ହୋଇପାରେ ନାହିଁ। ବୁଝିଲେ? ଏବଂ ଶାସ୍ତ୍ର…

488 ଏବଂ—ଏବଂ ତାହାପରେ ଯଦି ଆମର ପ୍ରକାଶନ ଭୁଲ୍ ଅଟେ, ତାହହେଲେ ପିତର ଏବଂ ଅନ୍ୟ ପ୍ରେରିତମାନେ ଭୁଲ୍ ଶିକ୍ଷା ଦେଇଥିଲେ; 'କାରଣ ବାଇବଲରେ ପ୍ରତ୍ୟେକ ବ୍ୟକ୍ତି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ। କୌଣସି ଜଣେ ହେଲେ ବ୍ୟକ୍ତି କେବେ ବି “ପିତା, ପୁତ୍ର, ପବିତ୍ରଆତ୍ମା” ରେ ବାପ୍ତିଜିତ ହୋଇ ନ ଥିଲେ, ଏହା ତ ଏକ କ୍ୟାଥୋଲିକ୍ ଶିକ୍ଷା ଅଟେ। ମୁଁ ତ ଏହାକୁ ଆପଣଙ୍କ ନିକଟରେ ସେମାନଙ୍କର ନିଜର ଶବ୍ଦଗୁଡିକ, ଏବଂ ସେମାନଙ୍କର ନିଜସ୍ୱ ଲେକ୍ସିକନ ଶବ୍ଦକୋଷ ଏବଂ ସବୁକିଛି ଦ୍ୱାରା ପ୍ରମାଣ କରିପାରେ। ଏହା ଏକ କ୍ୟାଥୋଲିକ୍ ଧର୍ମମତ ଅଟେ ଏବଂ ଏହା ଏକ—ଏବଂ ଏହା ଏକ ବାଇବଲ ଶିକ୍ଷା ନୁହେଁ। ଏବଂ କୌଣସି ବ୍ୟକ୍ତି କେବେହେଲେ…

489 ଏପରିକି ଇଂଲାଣ୍ଡର ରାଜା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ। ଶେଷ ପ୍ରେରିତଙ୍କ ମୃତ୍ୟୁର ପ୍ରାୟଃ ଛଅ ଶହ ବର୍ଷ ଉତ୍ତାରେ, ଯେତେବେଳେକି ଏହାକୁ ସେତେବେଳେ ଇଂଲାଣ୍ଡ ସୁଦ୍ଧା କୁହାଯାଉ ନ ଥିଲା, ଏହାକୁ "ଆଞ୍ଜେଲ ଲ୍ୟାଣ୍ଡ" ବା ସ୍ୱର୍ଗଦୂତର ଦେଶ ବୋଲି କୁହା ଯାଉଥିଲା। ସେହି ନାମଟି, ସେହିଠାରୁ ହିଁ ଆସିଅଛି। ସେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ।

490 ଯାହା ତାଙ୍କର ମନକୁ ପରିବର୍ତ୍ତନ କରିଥିଲା, ତାହା ଥିଲା ଏକ ଛୋଟ ଘର ଚଟିଆ। ଯେତେବେଳେ...ଯଦି ମୁଁ ଭାବିପାରେ, ସେଣ୍ଟ ଆଞ୍ଜେଲୋ ନୁହଁନ୍ତି। ତାଙ୍କର ନାମ ବର୍ତ୍ତମାନ, କଅଣ ଅଟେ? ଆଗାବସ୍, ସେଣ୍ଟ ଆଗାବସ୍, ମୁଁ ବିଶ୍ୱାସ କରେ ଯେ ଏହାହିଁ ଥିଲା, ମୁଁ ବର୍ତ୍ତମାନ, ସେହି ନାମ ବିଷୟରେ ନିଶ୍ଚିତ ନୁହେଁ। କିନ୍ତୁ, ଯାହା ବି ହେଉ, ସେ ସେଠାରେ ଉପରକୁ ଗଲେ, ଏବଂ ସେମାନେ ଏଥିରୁ କିଛି ନେଲେ...

491 ସେମାନେ ସେମାନଙ୍କୁ ସ୍ୱର୍ଗଦୂତ ବୋଲି କହୁଥିଲେ କାରଣ, ସେହି ଲୋକମାନେ ଏବଂ ଅଶୂରୀୟମାନେ ଓ ଇତ୍ୟାଦି ଶ୍ୟାମ ବର୍ଣ୍ଣର ଥିଲେ, ଏବଂ ଏହି ଇଂରେଜମାନଙ୍କର ଲମ୍ବା, ଧଳା, କୁଞ୍ଚିତ କେଶ, ସୁବର୍ଣ୍ଣ-କେଶ ଥିଲା, ଆଙ୍ଗ୍ଲୋ-ସାକ୍ସନ୍ ପ୍ରଜାତିର ଥିଲେ, ଆପଣମାନେ ଜାଣନ୍ତି, ନୀଳ-ଆଖି ବିଶିଷ୍ଟ ଥିଲେ। ଏବଂ ସେମାନେ କହିଲେ, "ସେମାନେ ସ୍ୱର୍ଗଦୂତ ପରି ଦେଖାଯାଉଥିଲେ," ଆଉ ତେଣୁକରି ସେମାନେ ଏହାକୁ "ଆଞ୍ଜେଲ ଲ୍ୟାଣ୍ଡ" ବୋଲି କହୁଥିଲେ।

492 ଏବଂ ସଦାପ୍ରଭୁଙ୍କର ସେହି—ସେହି ଦାସ ସେଠାକୁ ଯାଇ ସେମାନଙ୍କର ରାଜାଙ୍କ ନିକଟରେ ପ୍ରଚାର କରିଥିଲେ, ଏବଂ ସେମାନେ ଏକ ବହୁତ ବଡ଼, ଉନ୍ମୁକ୍ତ ଅଗ୍ନି ଚାରିପାଖରେ ବସିଥିଲେ। ମୁଁ ଅଳ୍ପ ଦିନ ଆଗରୁ ଏହାର ଇତିହାସ ପାଠ କରୁଥିଲି। ଆଉ ଏକ ଛୋଟ ପକ୍ଷୀ ଆଲୋକ ଭିତରକୁ ଉଡି ଆସିଲା ଏବଂ ବାହାରକୁ ଚାଲିଗଲା, ଏବଂ ରାଜା ଏହି ପ୍ରଶ୍ନ ପଚାରିଲେ, "ସେ କେଉଁଠାରୁ ଆସିଥିଲା ଏବଂ ସେ କେଉଁଆଡ଼କୁ ଗଲା?" ବୁଝିଲେ? "ସେ ଆଲୋକ ଭିତରେ ଆସିଲା, ଏବଂ ଆମେ ତାକୁ ଦେଖିଲୁ, ଏବଂ ସେ ପୁଣି ଅନ୍ଧକାରକୁ ଫେରିଗଲା। କଅଣ ସେହି ପ୍ରକାରେ ଜଣେ ବ୍ୟକ୍ତି ଯାଆନ୍ତି ନାହିଁ କି?" ସେ ଉତ୍ତର ଦେଲେ।

493 "କିନ୍ତୁ ଏହା ପୂର୍ବରୁ ସେ ଏଠାକୁ ଆସି ପାରନ୍ତେ ସେ କଅଣ ଥିଲେ?" ପ୍ରଚାରକ କହିଲେ, ଦେଖନ୍ତୁ। ତାହା ରାଜାଙ୍କୁ ଧରି ପକାଇଲା; ଏବଂ ପରଦିନ ସକାଳେ, ସେ ଏବଂ ତାଙ୍କ ପରିବାର ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଲେ। ତାହା ଠିକ୍ ଅଟେ।

494 ତାହାପରେ କଅଣ? ପ୍ରଥମ ବ୍ୟକ୍ତି ଯିଏକି କେବେ ଛିଞ୍ଚଣ କିଅବା ଅନ୍ୟ କୌଣସି ପ୍ରକାରେ ବାପ୍ତିଜିତ ହୋଇଥିଲେ "ପିତା, ପୁତ୍ର, ପବିତ୍ରଆତ୍ମା" ଙ୍କ ନାମରେ, ତାହା କ୍ୟାଥୋଲିକ୍ ମଣ୍ଡଳୀରେ ହୋଇଥିଲା। ପ୍ରଥମ ଛିଞ୍ଚଣ ଯାହା କେବେ ହୋଇଥିଲା, ତାହା କ୍ୟାଥୋଲିକ୍ ମଣ୍ଡଳୀରେ ହୋଇଥିଲା। ପ୍ରଥମ ଢଳାଯିବା ଯାହା କେବେ ହୋଇଥିଲା, ତାହା କ୍ୟାଥୋଲିକ୍ ମଣ୍ଡଳୀରେ ହୋଇଥିଲା। ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ ସର୍ବଦା...ବାଇବଲରେ, ପ୍ରେରିତମାନେ,

ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଡୁବିତ କରି ବାପ୍ତିଜିତ କରିଥିଲା । ସବୁଆଡେ । କେବଳ ଗୋଟିଏ ସ୍ଥାନ ଖୋଜିବାହାର କରନ୍ତୁ ଯେଉଁଠାରେକି ସେମାନେ ଅନ୍ୟ କିଛି ବିଷୟ ରହିଥିଲେ, ଦେଖନ୍ତୁ ।

495 ତେବେ, ଏଥିରେ, ଏହି ମହାନ ସମୟରେ, ଯିହୁଦୀମାନେ ପାରନ୍ତି ନାହିଁ...ମୁଁ ସେହି ରାବ୍ବୀଙ୍କୁ ପଚାରିଲି, ମୁଁ କହିଲି, "ରାବ୍ବୀ, କଅଣ ଆପଣଙ୍କ ପାଇଁ ଭବିଷ୍ୟଦ୍‌ବକ୍ତାମାନଙ୍କୁ ବିଶ୍ୱାସ କରିବା କଷ୍ଟକର ହେବ କି?"

496 ସେ ଉତ୍ତର ଦେଲେ, "ମୁଁ ଭବିଷ୍ୟଦ୍‌ବକ୍ତାମାନଙ୍କୁ ବିଶ୍ୱାସ କରେ ।"

497 ମୁଁ କହିଲି, "ଯିଶାଇୟ ୨:୬ ରେ, ତାଙ୍କର କଅଣ ଅଭିପ୍ରାୟ ଥିଲା, 'ଆମ ପାଇଁ ଏକ ପୁତ୍ର ଜନ୍ମ ହୋଇଛନ୍ତି'? ସେ କାହା ବିଷୟରେ କହୁଥିଲେ?"

498 ସେ କହିଲେ, "ସେ ମଶୀହଙ୍କ ବିଷୟରେ କହୁଥିଲେ ।"

499 ମୁଁ କହିଲି, "ତେବେ କଅଣ ମଶୀହ ଜନ୍ମ ହେବେ କି?"

500 "ହଁ, ସେ ଜନ୍ମ ହେବେ ।"

501 ମୁଁ କହିଲି, "ତାହାହେଲେ ଯଦି ସେ ଜନ୍ମ ହେବାକୁ ଯାଉଛନ୍ତି, ତାହାଙ୍କର ଏକ ରହିବ... ତାହାଙ୍କର ଜଣେ ମାତା ରହିବ ।"

502 "ହଁ, ତାହାଙ୍କର ଏକ ମାତା ରହିବାକୁ ହେବ । ଏବଂ ତାହାଙ୍କର ଏକ ପିତା ମଧ୍ୟ, ହେବାକୁ ହେବ," ସେ କହିଲେ ।

503 ମୁଁ କହିଲି, "ଅବଶ୍ୟ । ଏବଂ କଅଣ ଏହା ଆପଣଙ୍କ ପାଇଁ ବିଶ୍ୱାସ କରିବା କଷ୍ଟକର ହେବ କି ଯାହାକି ହେବେ ନାହିଁ...ଯେ ପରମେଶ୍ୱର ସେହି ମହାନ ଯିହୋବା ଯିଏକି ସୂଫ ସାଗରକୁ ଖୋଲିଥିଲେ, ଏହି ଶିଶୁକୁ ଅକ୍ଷୟ ଜନ୍ମ ଦ୍ୱାରା ଜନ୍ମ ଦେଇପାରିବେ ନାହିଁ?" ବୁଝିଲେ? ସେଠାରେ ସେ ଥିଲେ ।

504 ସେ କହିଲେ, "କିନ୍ତୁ ଆପଣ ତାହାଙ୍କୁ ତିନୋଟି ଈଶ୍ୱର ବୋଲି କରିପାରନ୍ତି ନାହିଁ ।"

505 ମୁଁ କହିଲି, "ସେ ତିନୋଟି ଈଶ୍ୱର ନୁହଁନ୍ତି ।" ମୁଁ କହିଲି, "ମଶୀହଙ୍କର ପରମେଶ୍ୱରଙ୍କ ସହିତ କି ସମ୍ପର୍କ ହେବ?"

506 ସେ କହିଲେ, "ସେ ପରମେଶ୍ୱର ହେବେ ।"

507 ମୁଁ କହିଲି, "ବର୍ତ୍ତମାନ ଆପଣ ଏହାକୁ ବୁଝିଲେ । ବର୍ତ୍ତମାନ ଆପଣ ଏହାକୁ ବୁଝିଲେ, ସେ ପରମେଶ୍ୱର ଅଟନ୍ତି ।" ତାହା ଅବିକଳ ଠିକ୍ ଅଟେ ।

508 ତାହାପରେ ସେ ମୋତେ କହିବାକୁ ଚେଷ୍ଟା କଲେ, କହିଲେ, "ତେବେ, ଏହି ବ୍ୟକ୍ତିଜଣକ ଏକ ଚୋର ଥିଲେ, ନାଜରିତର ଏହି ଯୀଶୁ । ସେ ଜଣେ ଚୋର ଥିଲେ ।"

509 ମୁଁ କହିଲି, "ରାବ୍ବୀ, ସେ କିପରି ଜଣେ ଚୋର ହେଲେ?"

510 "ତେବେ," ସେ କହିଲେ, "ଆପଣଙ୍କର ନିଜର ଶାସ୍ତ୍ର କୁହେ ଯେ 'ସେ ବିଶ୍ରାମବାର ଦିନ ଶସ୍ୟ କ୍ଷେତ୍ରକୁ ଗଲେ, ଏବଂ ଶସ୍ୟ ଗ୍ରହଣ କଲେ ।'"

511 ମୁଁ କହିଲି, "ତେବେ, ରାଣୀ, ଆପଣ ଶାସ୍ତ୍ର ବିଷୟରେ…ତାହା ଅପେକ୍ଷା ଅଧିକ ଉତ୍ତମ ଭାବେ ଜାଣନ୍ତି । ଆପଣଙ୍କର ନିଜର ଶାସ୍ତ୍ର କୁହେ ଯେ ତାହା ଆଇନଗତ ଅଟେ, 'ଜଣେ ବ୍ୟକ୍ତି ପାଇଁ ଏହା ଆଇନଗତ ଯେ ସେ ଯାଇ ଯେତିକି ଚାହିଁବ ସେତିକି ଶସ୍ୟ ଭୋଜନ କରିପାରିବ, କିନ୍ତୁ ଏହାକୁ ନିଜ ମୁଣା ଭିତରେ ରଖି ବାହାରକୁ ନେଇପାରିବ ନାହିଁ ।' ଆପଣଙ୍କର ନିଜର ବ୍ୟବସ୍ଥା, ହେ ରାଣୀ ।"

512 ଏବଂ ସେ ସେଠାରେ ଅଳ୍ପ ଟିକିଏ ଛିଡ଼ା ହେଲେ, ସେ—ସେ—ସେ ଏହାକୁ ବିଶ୍ୱାସ କରିଥିଲେ, କାରଣ ସେ—ସେ ସାକ୍ଷୀ ହୋଇଥିଲେ । ସେ କହିଲେ, କିଛି ସମୟ ପରେ, ସେ କହିଲେ, "ତେବେ, ଜନ୍‌ଙ୍କର ଆଖିକୁ କଅଣ—କଅଣ କରିଥିଲା…" କହିଲେ, "ଆପଣ ଏହା କିପରି କଲେ?"

513 ମୁଁ କହିଲି, "ଯୀଶୁ ଖ୍ରୀଷ୍ଟଙ୍କ ନାମରେ ।"

514 "ଉଃ ।" ସେ—ସେ ଜାଣି ନ ଥିଲେ; କହିଲେ, "ତେବେ, ଆପଣ ତ ପରମେଶ୍ୱରଙ୍କୁ ତିନି ଖଣ୍ଡରେ କାଟି ପାରିବେ ନାହିଁ ।"

515 ମୁଁ କହିଲି, "ସେ ତ ଯିହୋବା ଶରୀରରେ ପ୍ରକଟିତ ହୋଇଥିଲେ, ରାଣୀ । ସେ…ତାହାହିଁ ଅଟେ ଯାହାକି ସେ ଥିଲେ, ସେ ଶରୀରରେ ଯିହୋବା ଥିଲେ । ତାହାଙ୍କର ନିଜର ମାନବୀୟ ନାମ, ଯାହାକି ମୁକ୍ତିର ନାମ ଥିଲା, କାରଣ ସ୍ୱର୍ଗ ତଳେ ଅନ୍ୟ କୌଣସି ନାମ ଦିଆଯାଇ ନାହିଁ ଯାହା ଦ୍ୱାରା ଜଣେ ବ୍ୟକ୍ତି ଉଦ୍ଧାର କରା ଯାଇପାରେ, କେବଳ ସେହି ମୁକ୍ତିର ମାନବୀୟ ନାମ ଦ୍ୱାରା: ପ୍ରଭୁ ଯୀଶୁ ଖ୍ରୀଷ୍ଟ । ତାହା ଠିକ୍ ଅଟେ । ସେ ପରମେଶ୍ୱର ଥିଲେ, ସେ ପରମେଶ୍ୱର ଅଟନ୍ତି, ସେ ଚିରଦିନ ପାଇଁ ପରମେଶ୍ୱର ରହିବେ, ତାହା ଅବିକଳ ଠିକ୍, ପ୍ରଭୁ ଯୀଶୁ ଖ୍ରୀଷ୍ଟ ।"

516 ବର୍ତ୍ତମାନ, ମୁଁ ବିଶ୍ୱାସ କରେ ଯେ ବିଜାତୀୟ ମଣ୍ଡଳୀ ଶୀଘ୍ର…ବିଜାତୀୟ ମଣ୍ଡଳୀର ଶରୀର ସମ୍ପୂର୍ଣ୍ଣ ହେବ । ମଝିରେ ଥିବା ଦ୍ୱାରଗୁଡିକ…ଯୀଶୁ କହିଲେ, ମାଥିଉ 24 ରେ, (ମୁଁ ସେହି ଶାସ୍ତ୍ରକୁ ଗୋଟିଏ ମିନିଟ୍ ପାଇଁ ନେବି), ସେ କହିଲେ, "ବିଜାତୀୟ ସମୟାବଧି ସମାପ୍ତ ନ ହେବା ପର୍ଯ୍ୟନ୍ତ ସେମାନେ ଯିରୁଶାଲମର କାନ୍ଥଗୁଡିକୁ ପଦଦଳିତ କରିବେ ।"

517 ତେବେ ଦେଖନ୍ତୁ । ଏହା ଆମ ପ୍ରଭୁ ଯୀଶୁଙ୍କ ଦ୍ୱାରା, ମାଥିଉ 24 ରେ କୁହା ଯାଇଥିଲା, ଯେ ଯିହୁଦୀମାନଙ୍କୁ ଚିତ୍ରରୁ ବାହାର କରି ଦିଆଯିବ । ଦାନିୟେଲ କହିଥିଲେ, ପୁରାତନ ଭବିଷ୍ୟଦ୍‌ବକ୍ତାମାନଙ୍କ ସମୟରେ, ସେ କହିଥିଲେ ଯେ ଯିହୁଦୀମାନଙ୍କ ପାଇଁ, ସତୁରି ସପ୍ତାହ ଏବେ ସୁଦ୍ଧା ନିର୍ଦ୍ଧାରିତ ଅଛି । ଏବଂ ମଶୀହ (ସେହି ରାଜକୁମାର) ଆସିବେ ଏବଂ ସେହି ସତୁରି ସପ୍ତାହର ମଝିରେ ଭବିଷ୍ୟତ୍‌ବାଣୀ କରିବେ, ଯାହାକି ସାତ ବର୍ଷ ଥିଲା, ସେ ତାହାର ମଧ୍ୟ ଭାଗରେ ଉଚ୍ଛିନ୍ନ କରାଯିବେ । ଦେଖନ୍ତୁ ଏହା କେତେ ସିଦ୍ଧ ଥିଲା, ଯୀଶୁଙ୍କୁ ସାଢ଼େ ତି-ନି ବର୍ଷ ପ୍ରଚାର କରାଗଲା ଏବଂ ତାହାପରେ କ୍ରୁଶରେ ଚଢାଇ ଦିଆଗଲା । କିନ୍ତୁ ସେଠାରେ ତିନି…

ତାହା ଠିକ ଏଠାରେ ଏହି ଅନ୍ୟ ପ୍ରଶ୍ନ ଉପରକୁ ଆସେ । ଯିହୁଦୀମାନଙ୍କ ପାଇଁ, ଏପର୍ଯ୍ୟନ୍ତ ସା-ଢ଼େ-ତିନି-ବର୍ଷ ଅବଶିଷ୍ଟ ଅଛି । ଏହାକୁ ହେବାକୁ ଅଛି ।

518 ବର୍ତ୍ତମାନ ଯଦି ଆପଣ ପ୍ରକାଶିତ ବାକ୍ୟ, ତାର 7ମ ପର୍ବ ନେବେ, ଯୋହନ ଇସ୍ରାଏଲର ବାରଟି ଗୋତ୍ରରୁ, ଯିହୂଦୀମାନଙ୍କ ମଧ୍ୟରୁ ଏକ ଲକ୍ଷ ଚୌରାଳିଶ ହଜାର ସମସ୍ତଙ୍କୁ ମୁଦ୍ରାଙ୍କିତ ହୋଇଥିବାର ଦେଖିଥିଲେ । ଦେଖନ୍ତୁ ମୁଁ କଅଣ କହିବାକୁ ଚାହୁଁଛି? ଆଗାମୀ ବିଷୟର ଘଟିବାରେ, ତଥାପି ପୂର୍ବବର୍ତ୍ତୀ ବିଷୟ ଘଟିବାକୁ ବାକି ଅଛି ।

519 ବର୍ତ୍ତମାନ ଦେଖନ୍ତୁ ଯେ ଏହା କେତେ ସୁନ୍ଦର ଅଟେ, ଏହା ପୂର୍ବେ କି ଆମେ ବନ୍ଦ କରୁ । ଦେଖନ୍ତୁ ଏହା କିପରି—କିପରି ଘୁରିକି ଫେରିଆସେ । ତେବେ, ସେହି ଯିହୁଦୀମାନେ ଅନ୍ଧ କରା ଯାଇଛନ୍ତି ।

520 ବର୍ତ୍ତମାନ, ଏହି ଯିହୁଦୀମାନେ ଏଠାରେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଠାରେ, କେବଳ…ଆପଣ ଜାଣନ୍ତି ଯେ ସେମାନେ କିପରି ଅଟନ୍ତି, ସେମାନେ ଜଗତର ଧନକୁ ଅଧିକାର କରନ୍ତି । ଏବଂ ସେମାନେ କେବଳ—କେବଳ ଟଙ୍କା ଲୋକମାନେ ଅଟନ୍ତି, ଏବଂ ତାହାହିଁ ଅଟେ ଯାହାକି ଆପଣ ଏଥିରୁ ବୁଝିପାରନ୍ତି, ଦେଖନ୍ତୁ; ଏବଂ ବହୁତ ଅହଂକାରୀ, ଏବଂ ଉଦାସୀନ, ଏବଂ କାହାରି ଶୁଣନ୍ତି ନାହିଁ । କିନ୍ତୁ, ଏହା ସେମାନେ ନୁହଁନ୍ତି ଯାହାଙ୍କ ବିଷୟରେ ସେ କହୁଥିଲେ, ଯଦି ଆପଣମାନେ ଧ୍ୟାନ ଦେବେ ।

521 ତେବେ, ବିଜାତୀୟମାନେ…ବର୍ତ୍ତମାନ ଦେଖନ୍ତୁ, ଏହି ଯିହୁଦୀମାନଙ୍କ ପାଇଁ ଏବେ ସୁଦ୍ଧା ସା-ଢ଼େ-ତି-ନି ବର୍ଷ ବାକି ଅଛି । ବର୍ତ୍ତମାନ, ଯୀଶୁ କହିଥିଲେ ଯେ ଯିରୁଶାଲମ ସହର ବିଜାତୀୟମାନଙ୍କ ଦ୍ୱାରା ପଦ ଦଳିତ କରାଯିବ ଯେପର୍ଯ୍ୟନ୍ତକି ବିଜାତୀୟମାନଙ୍କର ସମୟାବଧି…(ବର୍ତ୍ତମାନ, ଆପଣମାନେ ଯେଉଁମାନେକି ସମୟାବଧିରେ ବିଶ୍ୱାସ କରନ୍ତି ନାହିଁ, ତାହା ବିଷୟରେ କଅଣ?)…ଯେପର୍ଯ୍ୟନ୍ତକି ବିଜାତୀୟମାନଙ୍କର ସମୟାବଧି ସମାପ୍ତ ନ ହୋଇଯାଏ । ଏବଂ ଯେତେବେଳେ ବିଜାତୀୟମାନଙ୍କର ସମୟାବଧି ସମାପ୍ତ ହୋଇଯାଏ (ବିଜାତୀୟମାନଙ୍କର ସମୟାବଧି ସମାପ୍ତ ହୁଏ), ତାହାପରେ ସେହି ନଗରଟି ଯିହୂଦୀମାନଙ୍କୁ ଫେରାଇ ଦିଆଯିବ । ଏବଂ ଯୀଶୁ ଆଗକୁ ଯାଇ ଏହା କହିଲେ ଯେ ସେହି ପୀଢୀ…କହିଲେ, "ଯେତେବେଳେ ତୁମେ ବାହାରକୁ ଯାଇ ଡିମ୍ବିରି ଗଛକୁ ପଲ୍ଲବିତ ହେଉଥିବାର ଦେଖ, ଏବଂ ଅନ୍ୟ ସମସ୍ତ ଗଛଗୁଡ଼ିକୁ ପଲ୍ଲବିତ ହେଉଥିବାର ଦେଖ" କହିଲେ, "ତୁମେ ଜାଣ ଯେ ଗ୍ରୀଷ୍ମକାଳ ସନ୍ନିକଟ ଅଟେ ।" କହିଲେ, "ଠିକ୍ ସେହିପରି ଯେତେବେଳେ ତୁମେ ଏହି ବିଷୟଗୁଡ଼ିକୁ ଘଟୁଥିବାର ଦେଖ, ଜାଣ ଯେ ସମୟ ସନ୍ନିକଟ ଅଟେ, ବରଂ ଦ୍ୱାରରେ ଅଟେ; ଏବଂ ସତ୍ୟ ମୁଁ ତୁମ୍ଭକୁ କହୁଅଛି ଯେ ଏହି ସମସ୍ତ ବିଷୟ ନ ଘଟିବା ପର୍ଯ୍ୟନ୍ତ ଏହି ପୀଢୀ ଅତିକ୍ରମ କରିବ ନାହିଁ ।"

522 ତେବେ, ସେମାନେ ଏହାକୁ ସେହି ପୀଢୀରେ ହେବାର ଆଶା କରିଥିଲେ, "ତାହାହିଁ ଅଟେ ଯାହା ବିଷୟରେ ସେ କହୁଥିଲେ ।" ଆଦୌ ନୁହେଁ!

523 ଶୁଣନ୍ତୁ! ସେ କହିଲେ, "ସେହି ପୀଢୀ ଯିଏକି ଡିମ୍ବିରି ଗଛକୁ ପଲ୍ଲବିତ ହେଉଥିବାର ଦେଖେ।" ବର୍ତ୍ତମାନ ଦେଖନ୍ତୁ, ସେ କହିଲେ, "ସେହି ଡିମ୍ବିରି ଗଛ, ଏବଂ ଅନ୍ୟ ସମସ୍ତ ଗଛମାନ।" ତେବେ, ଅନ୍ୟ ଶବ୍ଦରେ କହିବାକୁ ଗଲେ, "ସେହି ସମୟରେ ଏକ ବିଶ୍ୱବ୍ୟାପୀ ଉଦ୍ଦୀପନା ହେବ।" ତେବେ ଏହି ଭବିଷ୍ୟତ୍‌ବାଣୀକୁ ଦେଖନ୍ତୁ, ଯେ ଏହା କିପରି କାର୍ଯ୍ୟକାରୀ ହୁଏ ଏବଂ କେତେ ସିଦ୍ଧ ଭାବରେ ସମାୟୋଜିତ ହୁଏ। ତେବେ ଦେଖନ୍ତୁ। "ଅନ୍ୟ ସମସ୍ତ ଗଛଗୁଡ଼ିକ ପଲ୍ଲବିତ ହେଉଅଛି, ଉଦ୍ଦୀପନା ହେଉଅଛି।" ଗୋଟିଏ ଗଛ, ଯେତେବେଳେ ଏହା ପଲ୍ଲବିତ ହେଉଥାଏ, ତାହା ଉଦ୍ଦୀପିତ ହୋଇଥାଏ। କଅଣ ତାହା ଠିକ୍ ଅଟେ? ବର୍ତ୍ତମାନ, କେହି ବି ଜାଣନ୍ତି, ଜଣେ ଭବିଷ୍ୟଦ୍‌ବକ୍ତା ଶିକ୍ଷକ, ଯେ ଡିମ୍ବିରି ଗଛ ସର୍ବଦା ଯିହୁଦୀକୁ ବୁଝାଇଥାଏ। ଆମେ ତାହା ଜାଣୁ। ଏହା ସେହି ଯିହୂଦୀ ଅଟେ। ବର୍ତ୍ତମାନ ସେହି...

524 ଏବଂ ଯୋୟେଲଙ୍କୁ ଦେଖନ୍ତୁ, ଯେତେବେଳେ ସେ ଏହାକୁ ନେଲେ, ସେ କହିଲେ, "ଯାହା ଘୁରଘୁରୀଆ ପୋକ ଛାଡିଲା, ତାହା କୀଟପତଙ୍ଗ ଖାଇଲା; ଯାହା କୀଟପତଙ୍ଗ ଛାଡିଲା, ତାହା ପଙ୍ଗପାଳ ଖାଇଲା; ଏବଂ ଯାହା ପଙ୍ଗପାଳ ଛାଡିଲା..." ଯଦି ଆପଣ ଧ୍ୟାନ ଦେବେ, ତାହା ସେହି ସମାନ କୀଟ ଅଟେ, କେବଳ ବିଭିନ୍ନ ପ୍ରବସ୍ଥା: ଘୁରଘୁରୀଆ, କୀଟପତଙ୍ଗ, ପଙ୍ଗପାଳ। ଏହା ସବୁବେଳେ ସେହି ସମାନ ପୋକ ହିଁ ଅଟେ, ଏହା କେବଳ ତାର ଜୀବନର ବିଭିନ୍ନ ପ୍ରବସ୍ଥାମାନ ଅଟେ। ତେବେ ଦେଖନ୍ତୁ, ସେହି ସମାନ ପୋକ ହିଁ ସେଠାରେ ପଶ୍ଚାତ ସମୟରେ ସେହି ଯିହୁଦୀ ଗଛକୁ ଖାଇବା ଆରମ୍ଭ କଲା, ଏହାକୁ କାଟି ଦେଲା, ଏବଂ ଏହାକୁ ଖାଇବା ଆରମ୍ଭ କଲା ଓ ଖାଇଲା ଓ ଖାଇଲା ଏବଂ ଖାଇ ରଖିଲା ଯେପର୍ଯ୍ୟନ୍ତକି ଏହା ଏକ ଗଣ୍ଡି ନ ହୋଇଗଲା; ମାତ୍ର ତାହାପରେ ସେ କହିଲେ, "'ମୁଁ ସେହି ସମସ୍ତ ବର୍ଷଗୁଡ଼ିକୁ ପୁନଃସ୍ଥାପନ କରିବି,' ସଦାପ୍ରଭୁ କହିଲେ, 'ଯାହା ସେହି କୀଟ ଖାଇ ଦେଇଅଛି। ଏବଂ ମୁଁ ମୋର ଲୋକମାନଙ୍କୁ ଆନନ୍ଦିତ କରିବି।'" ବୁଝିଲେ? ବର୍ତ୍ତମାନ, ସେହି ଗଛଟି ଖିଆ ଯାଇସାରିଛି। ବିଜାତୀୟମାନେ ଏଥିରେ କଲମ କରା ଯାଇଥିଲେ, ଏହା ସତ ଅଟେ। ଠିକ ଅଛି, ଆମକୁ ନିଶ୍ଚିତରେ ଫଳ ଆଣିବାକୁ ହେବ।

525 ବର୍ତ୍ତମାନ ଯେତେବେଳେ ଶେଷ ସମୟ ଆସେ, ଯେତେବେଳେ ଆମେମାନେ ଶେଷ ସମୟକୁ ଆସୁଅଛୁ (ଯଦି ମୁଁ ଏହାକୁ ସଠିକ୍ ଭାବରେ ଦେଖେ), ସୁସମାଚାର ଅଛି: ଏକ ମହାନ ଉଦ୍ଦୀପନା ହେଉଥିବାର ଆଶା କରାଯାଏ।

526 ବର୍ତ୍ତମାନ, କଅଣ ଆପଣ ଜାଣିଛନ୍ତି କି ଯିହୁଦୀ ପତାକା ହେଉଛି ଦୁନିଆର ସବୁଠୁ ପୁରାତନ ପତାକା? ଏବଂ ଏହା ପ୍ରାୟଃ ଦୁଇ ହଜାର ବର୍ଷ, କିମ୍ବା ତାହାଠୁ ଅଧିକ ହେବ, ନୀରବ୍ ହୋଇ ରହିଅଛି, ପ୍ରାୟଃ ପଚି-ଶ ଶହ ବର୍ଷ ହେବ। ସେହି ଯିହୁଦୀ ପତାକା, ଦାଉଦଙ୍କର ସେହି ଛଅ-କୋଣ ବିଶିଷ୍ଟ ତାରକା, ପଚିଶ-ଶହ ବର୍ଷ ହେବ କଦାପି ଉଡି ନାହିଁ; ବାବିଲୋନ୍‌କୁ—କୁ ନିଆ ଯିବା ସମୟ ପରଠାରୁ। ଏବଂ ବର୍ତ୍ତମାନ, ଯେହେତୁ ରୋମାନ୍ ସାମ୍ରାଜ୍ୟ ସେମାନଙ୍କୁ ଅଧିକାର କରି ନେଇଥିଲା (ଏବଂ ମଶୀହ ଆସିଲେ ଓ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ), ଆଉ ପୃଥିବୀର ଚାରି କୋଣରେ ଛିନ୍ନଛତ୍ର ହୋଇଗଲେ। ମାତ୍ର କଅଣ ଆପଣ

ଜାଣନ୍ତି କି, ମଇ ୧୪ଷ୍ଟେ ଦିନାଙ୍କ, 1946 ରେ, ସେହି ପତାକା ପୁଣି ଥରେ ଯିରୁଶାଲମ ଉପରେ ଫେରି ଆସିଲା? କଅଣ ଆପଣ ଜାଣିଛନ୍ତି କି, ମଇ 7ମ ଦିନାଙ୍କ, 1946 ରେ, ପ୍ରଭୁଙ୍କ ସ୍ୱର୍ଗଦୂତ ମୋତେ (ତାର ପରଦିନ) ଏଠାରେ ଦେଖା ଦେଲେ, ଏବଂ ଏକ ଉଦ୍ଦୀପନା ଆଣିବା ପାଇଁ ମୋତେ ସମସ୍ତ ଜଗତକୁ ପଠାଇଲେ? ଠିକ ପରଦିନ ସକାଳେ! ଯେତେବେଳେ ସେହି ପତାକା ଯିରୁଶାଲମରେ ଉଡିଲା, ସେହି ଦିନ ଅପରାହ୍ଣରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଥିଲା, ପ୍ରଭୁଙ୍କର ସ୍ୱର୍ଗଦୂତ ସେହି ସମାନ ସମୟରେ ଏଠାରେ ଯୁକ୍ତରାଷ୍ଟ୍ରରେ ଦେଖା ଦେଇଥିଲେ । "ଯେତେବେଳେ ତୁମେ ଡିମ୍ବିରି ଗଛ ଏବଂ ବାକି ଗଛଗୁଡିକୁ ପଲ୍ଲବିତ ହେଉଥିବାର ଦେଖ!"

527 କେତେ ଜଣଙ୍କୁ ଏଠାରେ ସେହି ଓହାୟୋ ନଦୀ କୂଳରେ ବହୁ ବର୍ଷ ପୂର୍ବେ, ସେହି ତାରା ଝୁଲି ରହିଥିବା ବିଷୟ ମନେ ଅଛି, ଯେତେବେଳେ ସେ କହିଥିଲେ...ଏଠାରେ ତାହାର ଏକ ଚିତ୍ର ଅଛି, ଯେତେବେଳେ ସେ ଓହ୍ଲାଇ ଆସିଥିଲେ । କହିଥିଲେ, "ତୁମର ବାର୍ତ୍ତା ଦ୍ୱିତୀୟ ଆଗମନ ନିମନ୍ତେ ଅଗ୍ରଗାମୀ ହେବ, ଠିକ ଯେପରିକି ଯୋହନ ପ୍ରଥମ ଆଗମନ ନିମନ୍ତେ ଏକ ଅଗ୍ରଦୂତ ଭାବରେ ଯାଇଥିଲେ ।" ଏବଂ, ଦେଖନ୍ତୁ, ସମଗ୍ର ବିଶ୍ୱରେ ଏକ ଉଦ୍ଦୀପନା ବ୍ୟାପ୍ତ ହୋଇ ଯାଇଅଛି । ଦଶ ହଜାର ଗୁଣନ ହଜାର ହଜାର ଏବଂ ହଜାର, ଆଉ ଗୋଟିଏ ମହାନ ଉଦ୍ଦୀପନା ।

528 ସମସ୍ତ ଆଇନଜୀବୀ, ଏବଂ ଦେଶର ସମସ୍ତ ଭାଗରୁ ଭିନ୍ନ ଭିନ୍ନ ବ୍ୟକ୍ତିମାନେ, ଏବଂ ବଡ ବଡ଼ ମଣ୍ଡଳୀଗୁଡିକ କହିଲେ, "ବିଲି ରବିବାରର ଦିନଗୁଡିକ ସମାପ୍ତ ହୋଇଅଛି ।" କିନ୍ତୁ ଯେତେବେଳେ ସେମାନେ ଦେଖିଲେ ଯେ ମଣ୍ଡଳୀ ଉଦ୍ଦୀପିତ ହେବାର ଆରମ୍ଭ କଲାଣି (ସାଧାରଣ ଲୋକମାନେ), ସେମାନଙ୍କୁ ନିଜର ମୁହଁ ଲୁଚାଇବାକୁ ପଡିଥିଲା । ଚାର୍ଲ୍ସ ଫୁଲର ଏହି ସ୍ଥାନ ଗ୍ରହଣ କରି ନେଇଥାନ୍ତେ, କିନ୍ତୁ ସେ ବହୁତ ବୃଦ୍ଧ ଥିଲେ; ତେଣୁକରି ସେମାନେ ବିଲି ଗ୍ରାହାମ୍ ସହିତ ଗଲେ । ଏବଂ ପରମେଶ୍ୱର ବିଲି ଗ୍ରାହାମ୍ଙ୍କୁ ନେଲେ, କିମ୍ବା, ବାପ୍ଟିଷ୍ଟ ମଣ୍ଡଳୀ ନେଲେ, ଏବଂ ସେମାନେ ସମସ୍ତେ ତାଙ୍କ ଚାରିପାଖରେ ଏକତ୍ର ହେଲେ । ଏବଂ ବିଲି ଗ୍ରାହାମ୍ ତ ଭାଇ ନେଭିଲ୍ଙ୍କର ଅଧା ପ୍ରଚାରକ ବି ନୁହଁନ୍ତି ଯେତିକି ଭାଇ ନେଭିଲ୍ ଅଟନ୍ତି, ଅତଏବ ଯେତେ ଦୂର ଜଣେ ପ୍ରଚାରକ ହେବା ବିଷୟ ଅଟେ, ସେତିକି ନୁହେଁ...ନା, କୌଣସି ପ୍ରକାରେ ନୁହେଁ । କିନ୍ତୁ ଏହା କଅଣ ଅଟେ? ସେମାନଙ୍କୁ ଏହା କରିବାକୁ ପଡିଥିଲା, ଏହା ଜୀବ ଅଟେ, ଏବଂ ସମସ୍ତେ ଠିକ ଏହାର ଚତୁର୍ଦ୍ଦିଗରେ, ଏକତ୍ରିତ ହୋଇଥିଲେ । ବିଲି ମଧ୍ୟ ସେହି ସମାନ କଥା କୁହନ୍ତି । ଦେଖନ୍ତୁ, ସେମାନଙ୍କୁ ଏହା କରିବାକୁ ପଡିଥିଲା । ଏବଂ ପରମେଶ୍ୱରଙ୍କ ବାକ୍ୟକୁ ପୂରଣ କରିବା ପାଇଁ ଏହା କରାଯିବାକୁ ପଡିଲା । ସେମାନଙ୍କ ପାଖରେ କାହାରି ଚତୁର୍ଦ୍ଦିଗରେ ଏକତ୍ରିତ ରହିବା ପାଇଁ ଆତ୍ମା ନ ଥିଲା, ତେଣୁ କରି ସେମାନଙ୍କୁ ଚାରିଆଡ଼େ ଏକତ୍ରିତ ରଖିବା ନିମନ୍ତେ ବାକ୍ୟକୁ ନେବାକୁ ପଡ଼ିଲା; ଅତଏବ ସେମାନେ ତାହା କଲେ । ଏବଂ ବିଲି ଜଣେ ବାକ୍ୟ ପ୍ରଚାରକ ଅଟନ୍ତି, ଏବଂ ଜଣେ ନିର୍ଭିକ ବ୍ୟକ୍ତି ଅଟନ୍ତି, ଏବଂ ସେମାନେ ଚାରିଆଡ଼େ ଏକତ୍ରିତ ହେଲେ; ଯାହାକି ସମସ୍ତ ଶୀତଳ ଔପଚାରିକତାକୁ ସେମାନଙ୍କର ସମାବେଶରେ

ରଖି ପକାଇଲା । ଏବଂ ଅଲୌକିକ ପ୍ରାଣୀ, ଈଶ୍ୱରୀୟ ଆରୋଗ୍ୟତା ସହ, ଏବଂ ଶକ୍ତି ଏବଂ କାର୍ଯ୍ୟଗୁଡିକ ଓ ଇତ୍ୟାଦି ସହ, ପରମେଶ୍ୱରଙ୍କ ଚମତ୍କାର ଦ୍ୱାରା, ଏହାକୁ ରଖିଲା...ସେହି ମଣ୍ଡଳୀ, ସେହି ଉର୍ଦ୍ଧାନ୍ତିକରଣକୁ ଯାଉଥିବାର କନ୍ୟା ଯିଏକି ନିଜ ପ୍ରଦୀପରେ ତେଲ ରଖିଅଛି, ତାହାକୁ ଏକ ଉଦ୍ଦୀପନାରେ ରଖିଲା । ବୁଝିଲେ? ଏବଂ ସେହି ଶୀତଳ ଆନୁଷ୍ଠାନିକ ମଣ୍ଡଳୀର ତାର ଉଦ୍ଦୀପନା ହୋଇସାରିଛି । ଏବଂ ଏଠାରେ ଇସ୍ରାଏଲ ସେମାନଙ୍କର ଉଦ୍ଦୀପନା ସହିତ ଆସୁଅଛି ।

529 ମୋ ପାଖରେ ବର୍ତ୍ତମାନ ଠିକ ମୋ ଘରେ ଏକ ଚଳଚ୍ଚିତ୍ର ରଖିଛି, *ମଧ୍ୟରାତ୍ରିକୁ ତିନି ମିନିଟ୍ ।* ଏବଂ ଆମ ପାଖରେ ସେହି ଯିହୁଦୀମାନଙ୍କର ଆସୁଥିବାର ଏକ ଚିତ୍ର ଅଛି । ଭିତରକୁ ଆସୁଥିବାର; ଆପଣ ଏହାକୁ *ଲୁକ୍* ପତ୍ରିକାରେ ଦେଖିଥିବେ । ଏବଂ ପାଣି ଜାହାଜଗୁଡ଼ିକ, ଭର୍ତ୍ତି ହୋଇ, ସୁଦୂର ଇରାନ୍‌ରୁ ଏବଂ ସେଠାରୁ ଆସୁଥିବାର; ସେହି ଯିହୂଦୀମାନେ କଦାପି ଜାଣି ନ ଥିଲେ ଯେ ଯୀଶୁ କେବେ ପୃଥିବୀ ପୃଷ୍ଠରେ ଥିଲେ, ସେମାନେ ସେଠାରେ ବାବିଲୋନ୍‌କୁ ଘେନାଯିବାରେ ସେଠାରେ ତଳକୁ ଯାଇଥିଲେ । ତାହାହିଁ ଅଟେ ଯାହାକି ସେମାନେ କଦାପି ଜାଣିଥିଲେ । ସେମାନେ ହଳ କରିଥିଲେ...ଆପଣ ଏହାକୁ *ଲୁକ୍* ପତ୍ରିକାରେ କିମ୍ବା *ଲାଇଫ* ପତ୍ରିକାରେ ଏବଂ ସେଗୁଡ଼ିକରେ ଦେଖିଥିବେ, ଯେଉଁଠାରେକି ସେମାନେ ସେହି ପୁରୁଣା କାଠ ଯନ୍ତ୍ରପାତିରେ ହଳ କରିଥିଲେ । ଏବଂ ଯେତେବେଳେ ସେମାନେ ସେହି ବିମାନଗୁଡ଼ିକ ଆସୁଥିବାର ଦେଖିଲେ, ସେମାନେ ଭାବିଲେ, "ଏହାହିଁ ଅଟେ," କାରଣ ପରମେଶ୍ୱର ସେମାନଙ୍କୁ କହିଥିଲେ "'ସେମାନେ ସେଠାରେ ତଳେ ରହିବେ, ଏବଂ ଉତ୍କ୍ରୋଶ ପକ୍ଷୀର ଡ଼େଣାରେ ଯିରୁଶାଲମକୁ ଫେରାଇ ନିଆଯିବେ ।'" ତାହା ଠିକ୍ ଅଟେ । ସେଠାରେ ସେମାନେ ଅଛନ୍ତି । ଏବଂ ଯିହୂଦୀ କହିଲା, "ଏହାହିଁ ତାହା ଅଟେ ।" ସେମାନେ ଠିକ୍ ଚଢି ଆସିଲେ, ଏବଂ ଆମେ ସେମାନଙ୍କର ସ୍ୱର ସହିତ ସେମାନଙ୍କର ଚିତ୍ର ପାଇଅଛୁ, ଏବଂ ସେମାନଙ୍କୁ ସାକ୍ଷାତକାର କରିଅଛୁ; ପୃଥିବୀର ବିଭିନ୍ନ ସ୍ଥାନରୁ ଆସୁଥିବାର । ସେମାନଙ୍କ ମଧ୍ୟରୁ କେତେକ ସେମାନଙ୍କର ବୃଦ୍ଧ ବୃଦ୍ଧାମାନଙ୍କୁ ନିଜ ପିଠିରେ ଲଦି ଆସିଥିଲେ, ଏବଂ ସେମାନେ ଅନ୍ଧ ଏବଂ ଅପଙ୍ଗ ଥିଲେ । ଏବଂ ସେମାନେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଆସି, ଜାହାଜରୁ ଓହ୍ଲାଇ ଆସୁଥିବାର ।

530 ଏବଂ ସେମାନେ ଭୂମିରୁ, ପଥରଗୁଡିକୁ ଗୋଟାଇ ଅଖା ଭିତରେ ରଖିବାକୁ ଲାଗିଲେ; ଏବଂ ଆଜି ସେମାନେ ଜଳର ନିର୍ଝରଗୁଡ଼ିକ ପାଇଛନ୍ତି, ଯାହାକି ହେଉଛି ବିଶ୍ୱର ସବୁଠାରୁ ଉତ୍ତମ, ବଡ କୃଷିଭିତ୍ତିକ ଦେଶ । ମୃତ ସମୁଦ୍ରରେ ପୃଥିବୀର ଅନ୍ୟ ସମସ୍ତ ଦେଶ ଅପେକ୍ଷା ସବୁଠାରୁ ଅଧିକ ଧନ ରହିଛି । ଯିହୂଦୀମାନେ ଫେରି ଆସୁଛନ୍ତି; ଏହା ବିଜାତୀୟମାନଙ୍କଠାରୁ ଲୁକ୍କାୟିତ ରହିଛି, ମାତ୍ର ସେମାନେ ଗୋଲାପ ପରି ପ୍ରସ୍ଫୁଟିତ ହେଉଅଛନ୍ତି ।

531 ସେମାନେ ସେହି—ସେହି ଯିହୁଦୀମାନଙ୍କୁ କହିଲେ, ସେମାନେ କହିଲେ, "କଅଣ ତୁମେମାନେ ମାତୃଭୂମିରେ ମରିବା ପାଇଁ ଫେରି ଆସୁଛ କି?"

532 କହିଲେ, "ଆମେମାନେ ମଶୀହଙ୍କୁ ଦେଖିବା ପାଇଁ ଫେରି ଆସୁଅଛୁ । ସେ କେଉଁଠାରେ ଅଛନ୍ତି? ସେ ତ ଏଠାରେ ରହିବା କଥା ।"

533 ଭାଇ, ଯେତେବେଳେ ଆପଣ ଡିମ୍ବିରି ଗଛକୁ ପଲ୍ଲବିତ ହେଉଥିବାର ଦେଖନ୍ତି, ସେ କହିଲେ, "ସମସ୍ତକିଛି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ପୀଢୀ ଅତିକ୍ରମ କରିବ ନାହିଁ।" ଔପଚାରିକମାନଙ୍କ ସହିତ ଉଦ୍ଦୀପନାକୁ ଦେଖନ୍ତୁ । ମଣ୍ଡଳୀ ସହିତ ଉଦ୍ଦୀପନାକୁ ଦେଖନ୍ତୁ । ଯିହୁଦୀମାନଙ୍କ ସହିତ ଆସୁଥିବା ଉଦ୍ଦୀପନାକୁ ଦେଖନ୍ତୁ, ସେମାନେ ମଶୀହଙ୍କର ଆଗମନକୁ ଅପେକ୍ଷା କରୁଅଛନ୍ତି । ସେହି ମଣ୍ଡଳୀ, ଆତ୍ମାରେ-ପରିପୂର୍ଣ୍ଣ ମଣ୍ଡଳୀ, ତାହା ସହିତ କନ୍ୟା... ନିଜ ପ୍ରଦୀପଗୁଡିକରେ ତେଲ ରଖିଥିବା ସେହି କୁମାରୀମାନେ ବିବାହ ଭୋଜକୁ ଯିବେ ।

534 ଯିହୂଦୀମାନେ କହିବେ, "ଏହାହିଁ ତାହା ଅଟେ। ସେଠାରେ ଆମର ପରମେଶ୍ୱର ଅଛନ୍ତି ଯାହାଙ୍କର ଆମେମାନେ ଅପେକ୍ଷା କରିଅଛୁ।" ସେହିଠାରେ ହିଁ ଅଟେ ଯେଉଁଠାରେକି ଆପଣଙ୍କର ଏକ ଲକ୍ଷ ଚୌ-ରାଳିଶ ହଜାର ଅଛନ୍ତି...ଯାହାକି ରସେଲାଇଟ ବିଶ୍ୱାସମତାବଲମ୍ବୀ ମିଶ୍ରିତ ହୋଇଗଲେ । ସେଠାରେ ସେହି ଯିହୁଦୀମାନେ ଠିଆ ହୋଇଛନ୍ତି ଯେଉଁମାନେକି ତାହାଙ୍କୁ ଗ୍ରହଣ କରିବେ। ସେମାନେ କହିଲେ, "ସେଠାରେ ଆମର ପରମେଶ୍ୱର ଅଛନ୍ତି ଯାହାଙ୍କ ଉପରେ ଆମେମାନେ ଅପେକ୍ଷା କରିଅଛୁ ।" ସେମାନେ ତାହାଙ୍କୁ ଦେଖିବେ, କହିବେ, "ତୁମେ ସେଗୁଡିକ କେଉଁଠାରୁ ପାଇଲ? ତୁମ ହାତରେ ସେହି କ୍ଷତ ଦାଗ କେଉଁଠାରୁ ପାଇଲ?"

535 ସେ କହିବେ, "ମୁଁ ସେଗୁଡିକ ମୋର ବନ୍ଧୁଙ୍କ ଘରେ ପାଇଲି ।" ତାହା ଠିକ୍, "ମୋର ବନ୍ଧୁଙ୍କ ଘରେ ।"

536 ସେ କଅଣ କରିବେ? ବିଜାତୀୟ ମଣ୍ଡଳୀ ମହିମାକୁ ଉନ୍ନୀତ କରାଯିବେ ଏବଂ କନ୍ୟା ଖ୍ରୀଷ୍ଟଙ୍କର ସହିତ ବିବାହ କରାଯିବ ।

537 ଯୋଷେଫ କିପରି ଆପଣାକୁ ନିଜର ଲୋକମାନଙ୍କୁ ଜଣାଇଲେ? ସେ ପ୍ରତ୍ୟେକ ବିଜାତୀୟଙ୍କୁ ତାଙ୍କ ଉପସ୍ଥିତିରୁ ବରଖାସ୍ତ କଲେ । ସେ ନିଶ୍ଚିତରେ କରିଥିଲେ । ସେହି ସ୍ତ୍ରୀର ଅବଶିଷ୍ଟ ବୀଜ ସହିତ କଅଣ ହେବ? ସେହି ଅଜଗର ଯୁଦ୍ଧ କରିବା ପାଇଁ ନିଜ ପାଟିରୁ ପାଣି ଉଦ୍‌ଗାର କଲା; ଯୀଶୁ କହିଲେ, "ସେମାନେ ବାହ୍ୟ ଅନ୍ଧକାରରେ ନିକ୍ଷେପ କରାଯିବେ, ଏବଂ ସେଠାରେ କ୍ରନ୍ଦନ, ଏବଂ ବିଳାପ ହେବ ଏବଂ ଦାନ୍ତର କଡ଼ମଡ଼ ହେବ," ପ୍ରତାଡନା ଓ ପରୀକ୍ଷାର ସେହି ମହାନ ସମୟଗୁଡିକ ବିଜାତୀୟ ମଣ୍ଡଳୀକୁ ଆସିବ ।

538 ତାହାପରେ କଅଣ ଘଟିତ ହେବ? ଯେତେବେଳେ ସେହି ଶହୀଦୀ ବିଷୟ ଆସେ, ଯେତେବେଳେ ପରମେଶ୍ୱର ସେହି ଯିହୂଦୀମାନଙ୍କଠାରୁ ସବୁକିଛିକୁ ଅଲଗା କରି ଦିଅନ୍ତି, ସେତେବେଳେ ଯୀଶୁ ଫେରି ଆସିବେ ଯେପରି ଯୋଷେଫ ଫେରି ଆସିଥିଲେ। ଯେତେବେଳେ ସେମାନେ ଯୋଷେଫଙ୍କ କଥା ଶୁଣିଲେ, ଯେତେବେଳେ ସେ ତାଙ୍କର ସମସ୍ତ ରକ୍ଷୀ ଏବଂ ଅନ୍ୟ ସମସ୍ତଙ୍କୁ ବରଖାସ୍ତ କରିଦେଲେ, ଏବଂ ସେ ସାନ ବିନ୍ୟାମୀନକୁ ଏବଂ

ସେମାନଙ୍କୁ ସେଠାରେ ଠିଆ ହୋଇଥିବାର ଦେଖିଲେ, ଏବଂ ସେମାନେ ଯୋଷେଫଙ୍କୁ ହତ୍ୟା କରିବା ନିମନ୍ତେ ଅନୁତାପ କରୁଥିଲେ । ସେମାନେ ଭାବିଥିଲେ ଯେ ସେମାନେ ଯୋଷେଫଙ୍କୁ ହତ୍ୟା କରିଛନ୍ତି, ଏବଂ ଏଠାରେ ସେ ସେମାନଙ୍କ ସମ୍ମୁଖରେ ଠିଆ ହୋଇଥିଲେ । ସେ କହିଲେ, "ମୁଁ ଯୋଷେଫ । ମୁଁ ତୁମର ଭାଇ ଅଟେ ।"

539 ତାହାପରେ ସେମାନେ ପ୍ରକୃତରେ ଥରି ଉଠିଥିଲେ, "ସେ ଯୋଷେଫ ଅଟନ୍ତି । ବର୍ତ୍ତମାନ ଆମେ ତାଙ୍କୁ ଜାଣୁ ।"

540 ଯେତେବେଳେ ସେ କହିବେ, "ମୁଁ ଯୀଶୁ । ମୁଁ ମଶୀହ ଅଟେ ।"

541 ସେମାନେ କହିବେ, "ଓଃ, ମୋର ପ୍ରଭୁ, ବର୍ତ୍ତମାନ ଆମେ କଅଣ ପାଇବା!"

542 ଏହା ତ ସବୁ ପରମେଶ୍ୱରଙ୍କ ମହିମା ପାଇଁ କରାଯାଇଥିଲା । ଏହା ସେ ହେବେ ନାହିଁ...ତେବେ, ସେମାନେ ତ ତାଙ୍କର କ୍ରନ୍ଦନକୁ ଠିକ୍ ଫାରୋଙ୍କ ପ୍ରାସାଦରୁ ମଧ୍ୟ ଶୁଣିବାକୁ ପାଇଥିଲେ, ଯୋଷେଫଙ୍କର ସେମାନଙ୍କ ପାଇଁ କାନ୍ଦିବାକୁ ।

543 ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ଯେତେବେଳେ ଯୀଶୁ ସେହି ଯିହୂଦୀମାନଙ୍କୁ ଦେଖନ୍ତି ଯେଉଁମାନଙ୍କୁକି ତାହାଙ୍କୁ ଅନ୍ଧତାରେ ଆଘାତ କରିବାକୁ ପଡ଼ିଥିଲା ଯେପରିକି ଆମେ ବିଜାତୀୟମାନଙ୍କୁ ଭିତରକୁ ଅଣାଯିବାର ସୁଯୋଗ ମିଳିପାରେ, ତାହା ଏକ ସମୟ ହେବ, ମୁଁ ଆପଣଙ୍କୁ କହୁଅଛି । ସେ ସେହି ଯିହୁଦୀମାନଙ୍କୁ ନେବେ, ଆପଣ କଦାପି ଚିନ୍ତା କରନ୍ତୁ ନାହିଁ, ସେହି ଯିହୁଦୀମାନେ ଉଦ୍ଧାର କରାଯିବେ । ହଁ, ଆଜ୍ଞା, ସେଠାରେ ତାହା ରହିବା ଆବଶ୍ୟକ ଅଟେ । ଏବଂ ତାହା ବିଷୟରେ ଏହା ହେଉଛି ମୋର ଧାରଣା, ମୁଁ ଏହାକୁ ଶାସ୍ତ୍ରର ଅନ୍ୟ କୌଣସିଠାରେ ଦେଖିପାରୁ ନାହିଁ । ଆପଣଙ୍କୁ ତ ସେହି ତିନି ଜଣଙ୍କୁ, ଏକାଠି ରଖିବାକୁ ପଡିବ ।

544 ଆପଣଙ୍କୁ ତ ସେହି—ସେହି ଶୁପ୍ତ କୁମାରୀ, ସେହି—ସେହି ମଣ୍ଡଳୀ ସାଧାରଣ, ସ୍ୱୀକାରୀୟ ଭାବରେ ରଖିବାକୁ ପଡିବ, ଦେଖନ୍ତୁ । ଆପଣଙ୍କୁ ତ ମଣ୍ଡଳୀକୁ ରଖିବାକୁ ପଡିବ... ତାହା ହେଉଛି, ପ୍ରଥମେ ଯିହୁଦୀ, ପ୍ରଥମେ ଯିହୁଦୀ, ଯିଏକି କେବଳ ଏକ ଅନ୍ଧ ବ୍ୟକ୍ତି ରାସ୍ତା କଡ଼ରେ ଅପେକ୍ଷା କରୁଛନ୍ତି, ଆପଣଙ୍କୁ ତ ପରବର୍ତ୍ତୀ ପଦକ୍ଷେପ ନେବାକୁ ପଡିବ, ଯାହାକି ଶୁପ୍ତ କୁମାରୀ ଅଟେ, ଯିଏକି ବିଚଳିତ ହୋଇଥିଲା, ଏବଂ କେବଳ ବାହାରିଗଲା ଓ ମଣ୍ଡଳୀକୁ ଚାଲିଗଲା, ଏବଂ ମଣ୍ଡଳୀରେ ଯୋଗ ଦେଲା, ଏବଂ ବହୁତ ଭଲ ବ୍ୟକ୍ତି ଥିଲା । ତାହାପରେ ଆପଣଙ୍କୁ ସେହି ମଣ୍ଡଳୀକୁ, ଆତ୍ମିକ, ସେହି ଉର୍ଦ୍ଧାନ୍ତିକରଣ, ସେହି କନ୍ୟାକୁ ନେବାକୁ ପଡିବ, ସେଠାରେ ସେ ଠିଆ ହୋଇଅଛି । ସେହି ତିନୋଟି ବ୍ୟକ୍ତି, ଆପଣ ପାରନ୍ତି ନାହିଁ...ସେମାନେ ମିଶ୍ରିତ ନୁହଁନ୍ତି, ଟିକିଏ ବି ନୁହେଁ । ସେମାନେ ସମସ୍ତେ ଏକ ସମାନ ନୁହଁନ୍ତି । ତେବେ ଯିହୋବା ୱିଟନେସ୍ କହିବା ଭଳି ନୁହେଁ, "ସେଠାରେ ଏକ ଲକ୍ଷ ଚୌ-ରାଳିଶ ହଜାର କନ୍ୟା ଅଟନ୍ତି"; ତାହା ଭୁଲ ଅଟେ । ତାହା ହେଉଛନ୍ତି ଯିହୁଦୀମାନେ, ଦେଖନ୍ତୁ । ସେଠାରେ ଜଣେ କନ୍ୟା, ସେହି ଯିହୁଦୀ, ଏବଂ ସେହି ଶୁପ୍ତ କୁମାରୀ ଅଛନ୍ତି । ଏବଂ ଆପଣ ସେସମସ୍ତଙ୍କୁ ନିଅନ୍ତି, ଏବଂ କୁହନ୍ତି,

"ତେବେ, ସେମାନେ ସମସ୍ତେ ତିନିଜଣ ଯାକ ବିଭିନ୍ନ ସ୍ଥାନରେ ଅଛନ୍ତି ।" ସେମାନେ ସମସ୍ତେ, ତିନୋଟି ଭିନ୍ନ ଶ୍ରେଣୀର ଲୋକ ଅଟନ୍ତି । ନିଶ୍ଚିତରେ, ସେମାନେ କରିପାରନ୍ତି ନାହିଁ ।

545 ତାହାପରେ ଯେତେବେଳେ ଯୀଶୁ ପୃଥିବୀକୁ ଫେରି ଆସନ୍ତି...ସେହି ଯିହୁଦୀମାନେ, ସେମାନେ କଅଣ ଅଟନ୍ତି? ମନ୍ଦିରର ନପୁଂସକମାନେ । ଏବଂ ଯେତେବେଳେ ଯୀଶୁ ଫେରି ଆସନ୍ତି, ସେ କନ୍ୟା *ସହିତରେ* ଆସନ୍ତି । ଯୀଶୁ ତିନିଥର ଆସନ୍ତି: ସେ ପ୍ରଥମ ଥର ନିଜ ମଣ୍ଡଳୀକୁ *ମୁକ୍ତ* କରିବା ପାଇଁ ଆସନ୍ତି, ସେ ଦ୍ୱିତୀୟ ଥର ତାହାଙ୍କର ମଣ୍ଡଳୀକୁ *ଗ୍ରହଣ* କରିବାକୁ ଆସନ୍ତି, ସେ ତୃତୀୟ ଥର ଆପଣା ମଣ୍ଡଳୀ *ସହିତରେ* ଆସନ୍ତି । ବୁଝିଲେ? ଅବିକଳ ଭାବରେ । ତେଣୁକରି ଏହା ସବୁ ଏକ ମହାନ ସିଦ୍ଧ ଆଗମନ ଅଟେ, ଏହା ସବୁ ଏକ ମହାନ ସିଦ୍ଧ ପରମେଶ୍ୱର ଅଟନ୍ତି; ଏହା ସବୁ ଏକ ମହାନ ସିଦ୍ଧ ଖ୍ରୀଷ୍ଟ ଅଟନ୍ତି; ଗୋଟିଏ ମହାନ ସିଦ୍ଧ ମଣ୍ଡଳୀ, ଗୋଟିଏ ମହାନ ସିଦ୍ଧ ମୁକ୍ତି,...ସବୁକିଛି; ଏହା ଏକ ତ୍ରିତ୍ତ୍ୱରେ ଆସେ, କିନ୍ତୁ ଏହା ସବୁ ଗୋଟିଏରେ ଅଟେ । ବୁଝିଲେ? ଏହା ତିନି ଜଣ ନୁହଁନ୍ତି, ତିନିଜଣ *ଏହା* ନୁହଁନ୍ତି; ଏହା ତ କେବଳ ଜଣେ ବ୍ୟକ୍ତି, ଗୋଟିଏ ମଣ୍ଡଳୀ, ଗୋଟିଏ ଶରୀର, ଜଣେ ଖ୍ରୀଷ୍ଟ, ଜଣେ ପ୍ରଭୁ ଅଟନ୍ତି "ତୁମଠାରେ ସବୁକିଛି, ଏବଂ ତୁମ ଦ୍ୱାରା ସବୁକିଛି," ଏବଂ ସେହିପରି ପ୍ରଭୃତି ଅଟେ । ସବୁ ଗୋଟିଏ!

546 ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମୁଁ ଆପଣମାନଙ୍କୁ ବହୁତ ଅଧିକ ସମୟ ଧରି ରଖିଅଛି ।

547 ପ୍ରଭୁ ଇଚ୍ଛା କଲେ, ବର୍ତ୍ତମାନ, ଯଦି ମୁଁ କିଛି ରାତି ପାଇଁ, କିମ୍ବା ଏକ ରବିବାର ରାତିରେ ବା ସେହିପରି କିଛିରେ ଆସିବାକୁ ପାଏ, ଯଦି ଏଠାରେ ପାଳକଙ୍କ ହୃଦୟରେ କିଛି ବିଷୟ ନ ଥାଏ, ତାହାହେଲେ ମୁଁ ଏହିସବୁକୁ ଏଠାରେ ଉତ୍ତର ଦେବା ପାଇଁ ଚେଷ୍ଟା କରିବି । ଓହ, ଏଠାରେ କେତେକ ଉତ୍ତମ ଲୋକମାନ ଅଛନ୍ତି । କେତେ ଲୋକ ସେମାନଙ୍କୁ ଶୁଣିବା ପାଇଁ ପସନ୍ଦ କରିବେ? ଓଃ, ମୁଁ ସେମାନଙ୍କୁ ଭଲ ପାଏ । ଆମେ ପାଷ୍ଟରଙ୍କ ହସ୍ତରେ ସେବାକୁ ଫେରାଇ ଦେବା ପୂର୍ବରୁ, ମୋତେ ପୁନର୍ବାର, ପ୍ରକୃତରେ ଅତି ଶୀଘ୍ର ଭାବରେ, ସେଗୁଡିକ ପୁନରାବୃତ୍ତି କରିବାକୁ ଦିଅନ୍ତୁ ।

548 କେବଳ ଏହାକୁ ଶୁଣନ୍ତୁ:

> **ପଥରଗୁଡିକ କେଉଁଠାରେ ନିଦର୍ଶ-...? ପ୍ରକାଶିତ ବାକ୍ୟ, 21 ରେ ସେହି ପଥରଗୁଡ଼ିକ କଅଣ ନିଦର୍ଶିତ କରେ?** ତାହା ଏକ ଉତ୍ତମ ପ୍ରଶ୍ନ ଅଟେ ।
>
> **ପ୍ରକାଶିତ ବାକ୍ୟ 5 ର ଚାରୋଟି ପଶୁକୁ ବ୍ୟାଖ୍ୟା କରନ୍ତୁ ।** ସେଠାରେ ଆଉ ଏକ ଉତ୍ତମ ପ୍ରଶ୍ନ ଅଛି ।
>
> **ଚ-ବିଶ ପ୍ରାଚୀନ କିଏ ଅଟନ୍ତି?** ସେଠାରେ ଆଉ ଗୋଟିଏ ଭଲ ପ୍ରଶ୍ନ ଅଛି, ଦେଖନ୍ତୁ ।
>
> **ଆଦିପୁସ୍ତକ 38 ର ଲାଲ ଡୋରୀର ଅର୍ଥ କଅଣ?** ଆପଣମାନଙ୍କର ମନେ ଥିବ, ସେ ଯାଇ ନିଜ ପୁ-ତ୍ର-ବଧୁଙ୍କୁ ଗ୍ରହଣ କରି ତାଙ୍କ ସହିତ ଜଣେ ବେଶ୍ୟା ଭାବରେ

ସହବାସ କରିଥିଲେ; ଏବଂ ମୂଲ୍ୟ ପରିଶୋଧ କରି ଚାଲି ଆସିଥିଲେ; ଆଉ ତାହାପରେ ଯେତେବେଳେ ଶିଶୁ ଜନ୍ମ ହୋଇଥିଲା, ସେମାନେ ତାର ହାତରେ ଲାଲ ରଙ୍ଗର ଡୋରୀ ବାନ୍ଧିଥିଲେ (ସେ ବାହାରି ଆସିଥିଲା ଆଉ ତାହାପରେ ସେ ପୁଣି ଭିତରକୁ ଫେରିଗଲା), ସେହି—ସେହି ପରବର୍ତ୍ତୀ ଜଣକ ତାହାର ଆଗରୁ ବାହାରି ଆସିଲା । ଓଃ, ତାହା ଏକ ଉତ୍ତମ ପ୍ରଶ୍ନଟିଏ ଅଟେ; ଏହା ନିଶ୍ଚିତରେ ଅଟେ ।

**ପ୍ରକାଶିତ ବାକ୍ୟ 11 ରେ, ସାକ୍ଷୀମାନଙ୍କ ମୃତ୍ୟୁ ସମ୍ବନ୍ଧରେ କେଉଁ ଉପହାର ପଠାଯିବାକୁ ଅଛି?** ତାହା ସେହି ସମୟ ଅଟେ ଯେତେବେଳେ ମୋଶା ଏବଂ ଏଲିୟ ଏହି ଏକ ଲକ୍ଷ ଚୌ-ଚାଳିଶ ହଜାରର ଉଦ୍ଦୀପନା ପାଇଁ ଫେରି ଆସନ୍ତି । **ଉପହାରଗୁଡ଼ିକ କଅଣ ଅଟେ?** ସେଗୁଡିକ କଅଣ ଅଟେ ଦେଖନ୍ତୁ, ତାହା ଉତ୍ତମ ଅଟେ ।

**ଏକ-ହଜାର-ବର୍ଷ ଶାସନ ପରେ ସାଧୁମାନେ କେଉଁଠାରେ...** (ପିଲାଏ, ତାହା ଏକ ଭଲ ପ୍ରଶ୍ନ ଅଟେ । କଅଣ...)**...ରହିବେ? ସେମାନଙ୍କର କି ପ୍ରକାରର ଏକ ଶରୀର ରହିବ?**

**ଆମେ ଦୂତମାନଙ୍କର ବିଚାର କିପରି କରିବା?**

**ପ୍ରଥମ କରିନ୍ଥୀୟରେ ଦୂତମାନଙ୍କର କେଶ କାହିଁକି ହୋଇଯାଏ? ପ୍ରଥମ କରିନ୍ଥୀୟ ପୁସ୍ତକରେ ।** କେତୋଟି ଭଲ ପ୍ରଶ୍ନମାନ, ପ୍ରକୃତରେ ଭଲ ।

549 ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମୁଁ ଆଶା କରେ ପ୍ରଭୁ ଆମମାନଙ୍କୁ ଏକାଠି ହେବା ପାଇଁ ଏବଂ ଏହି ବିଷୟରେ ଆଲୋଚନା କରିବା ପାଇଁ ଅନୁମତି ଦିଅନ୍ତି, ଏହାସବୁ ତାହାଙ୍କର ଗୌରବ ପାଇଁ ଅଟେ । ଆମେ ହୁଏତ ସେଗୁଡିକର ଧାରଣା ଉପରେ ସହମତ ନ ହୋଇପାରୁ; କିନ୍ତୁ ମୁଁ ଗୋଟିଏ କଥା କହିବି, ଯଦି ଆପଣ ସମସ୍ତେ ସେଗୁଡିକ ବିଷୟରେ ଶୁଣିବାକୁ ସେତିକି ଆନନ୍ଦ ପାଆନ୍ତି ଯେତିକି ମୁଁ ସେଗୁଡିକ ବିଷୟରେ କଥାବାର୍ତ୍ତା କରିବାରେ ପାଇଥାଏ, ତାହାହେଲେ ଆମର ଏକ ସୁନ୍ଦର ସମୟ ରହୁଅଛି । ଆମେନ୍ । ଆମେନ୍ ।

550 ଠିକ ଅଛି, ପ୍ରଭୁ ବର୍ତ୍ତମାନ ଆପଣଙ୍କ ପ୍ରତି ପ୍ରକୃତରେ ଭଲ ରୁହନ୍ତୁ । ସେବାଗୁଡିକ ଭୁଲନ୍ତୁ ନାହିଁ । ଭାଇ ନେଭିଲ୍‌ଙ୍କ ପ୍ରସାରଣ, ବର୍ତ୍ତମାନ, ତାହା ଡବଲ୍ୟୁ ଏଲ୍ ଆର୍ ପି ରେ ଅଟେ, ଶନିବାର ସକାଳ ନଅଟାରେ; ନେଭିଲ୍ କ୍ୱାର୍ଟେଟ୍, ଏବଂ ମୁଁ ନିଶ୍ଚିତ ଯେ ସେମାନେ ଆପଣଙ୍କର ମଙ୍ଗଳ କରିବେ, ଲଗାନ୍ତୁ ଏବଂ ସେମାନଙ୍କୁ ଶୁଣନ୍ତୁ । ଏବଂ ଯଦି ମୁଁ ପାରିବି, ଯଦି ମୁଁ ଠିକ୍ ସମୟରେ ଫେରି ଆସେ, କିମ୍ବା ଦେଖେ ଯେ ମୁଁ ଫେରି ଆସିବାକୁ ଯାଉଅଛି, ମୁଁ ପତ୍ନୀଙ୍କୁ ଡାକିବି; ଯଦି ପ୍ରଭୁ ମୋତେ ପ୍ରିୟ ବୃଦ୍ଧ ଭାଇ ବୋସୱର୍ଥଙ୍କୁ ଦେଖା କରିବା ହେତୁ ଯିବା ପାଇଁ ଅନୁମତି ଦିଅନ୍ତି । ମୁଁ...ଆପଣ ସମସ୍ତେ...ଏବଂ ମୁଁ ରବିବାର ରାତ୍ରିରେ ଫେରି ଆସିବି ।

551 ପ୍ରଭୁ ବର୍ତ୍ତମାନ ଆପଣଙ୍କ ପ୍ରତି ଭଲ ରୁହନ୍ତୁ । ଏବଂ ଭାଇ, ପାଳକ, ଏଠାକୁ ମାତ୍ର ଗୋଟିଏ ମିନିଟ୍ ପାଇଁ ଆସନ୍ତୁ; ଏବଂ ସେ ସେବାକୁ ନେଇ ନିଅନ୍ତୁ । ଏବଂ:

ପାରିବାରିକ ପ୍ରାର୍ଥନାକୁ ଭୁଲନ୍ତୁ ନାହିଁ,
ଯୀଶୁ ଆପଣଙ୍କୁ ସେଠାରେ ଭେଟିବାକୁ ଚାହାଁନ୍ତି;
ସେ ଆପଣଙ୍କର ସମସ୍ତ ଯତ୍ନ ନେବେ,
ଓଃ, ପାରିବାରିକ ପ୍ରାର୍ଥନାକୁ ଭୁଲନ୍ତୁ ନାହିଁ ।

552 କଅଣ ଆପଣ ତାହା ପସନ୍ଦ କରନ୍ତି କି? କେତେ ଜଣ ତାହାଙ୍କର ନିଜ ଘରେ ପ୍ରାର୍ଥନା କରନ୍ତି? ଆସନ୍ତୁ ଦେଖିବା, ସମସ୍ତେ...ସମସ୍ତ...ତାହା ଉତ୍ତମ ଅଟେ, ପରମେଶ୍ୱରଙ୍କ ନିକଟବର୍ତ୍ତୀ ରୁହନ୍ତୁ । ଛୋଟ ପିଲାମାନେ, ଭଲ ହୋଇ ରୁହ, ପରମେଶ୍ୱର ତୁମକୁ ଆଶୀର୍ବାଦ କରିବେ ।

ଠିକ୍ ଅଛି, ଭାଇ ନେଭିଲ୍ ।

**ପ୍ରଶ୍ନ ଏବଂ ଉତ୍ତର ଏବ୍ରୀ ଭାଗ II** ORI57-1002

(Questions and Answers on Hebrews Part II)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଅକ୍ଟୋବର 2, 1957, ବୁଧବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org